

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୮ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 June 2024
Vol.No. 35 ■ No.162 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଶ୍ଚିମବଙ୍ଗରେ ବଡ ଧରଣର ଟ୍ରେନ୍ ଦୁର୍ଘଟଣା: ୧୫ ଯାତ୍ରୀଙ୍କ ମୃତ୍ୟୁ

## ସହାୟତା ଘୋଷଣା କଲେ ରେଳମନ୍ତ୍ରୀ ବୈଷ୍ଣବ




ନୂଆଦିଲ୍ଲୀ, ୧୭/୬ : କଞ୍ଚନଜଙ୍ଘା ଏକ୍ସପ୍ରେସ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୧୫ କୁ ବୃଦ୍ଧି ପାଇଛି। ଏହାଛଡ଼ା ୬୦ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେପଟେ ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଦାର୍ଜିଲିଂ ଅଭିମୁଖେ ଯାତ୍ରା କରିଛନ୍ତି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁର୍ଘଟଣାସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କ୍ଷତିଗ୍ରସ୍ତଙ୍କୁ ବର୍ଦ୍ଧିତ କ୍ଷତିପୂରଣ ଦିଆଯିବ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଦୁର୍ଘଟଣାରେ ସାମାନ୍ୟ ଆହତ ହୋଇଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ସହାୟତା ଘୋଷଣା କରିଛନ୍ତି । ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାରକୁ ପିଏମଏନଆରଏଫ ତରଫରୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦିଆଯିବ । ଏଥିସହ ଆହତଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ। ସେପଟେ ରେଳ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ମାନବୀୟ ତ୍ରୁଟି କାରଣରୁ ଏହି ଦୁର୍ଘଟଣା ହୋଇଛି । ଅନ୍ୟପକ୍ଷରେ କଂଗ୍ରେସ ସମେତ ବିରୋଧୀ ଦଳମାନେ ରେଳମନ୍ତ୍ରୀ ବୈଷ୍ଣବଙ୍କ ଇସ୍ତଫା ମାଗିଛନ୍ତି ।'ପ୍ରାଥମିକ ଅନୁସନ୍ଧାନରୁ ମାନବୀୟ ତ୍ରୁଟିରୁ ଦୁର୍ଘଟଣା ଜଣାପଡ଼ିଛି। ସିଗନାଲ ସତ୍ତ୍ୱେ ଡ୍ରାଇଭର ଗାଡ଼ି ଅଟକାଇ ନଥିଲେ। ପଛ ଗାଡ଼ି ଅଟକିବାର ଥିଲା, କିନ୍ତୁ ଡ୍ରାଇଭର ଅଟକାଇ ନଥିଲେ। ସିଗ୍ନାଲ ମାନି ନଥିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ତେବେ ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ରେଲୱେ ବୋର୍ଡ ଅଧ୍ୟକ୍ଷ ତଥା ସିଇଓ ଜୟା ବର୍ମା ସିହ୍ନା।

## ଭର୍ତ୍ତୃହରି କିମ୍ବା ପୁରନ୍ଦେଶ୍ୱରୀ ହୋଇପାରନ୍ତି ଲୋକସଭା ବାଚସ୍ପତି !



ନୂଆଦିଲ୍ଲୀ, ୧୭/୬ : ଲୋକସଭାରେ ବାଚସ୍ପତି କିଏ ହେବେ, ତା'କୁ ନେଇ ସସପେନ୍ସ ଜାରି ରହିଛି। ଜୁନ ୨୪ରେ ସଂସଦର ଅଧିବେଶ ଆରମ୍ଭ ହେଉଥିବା ବେଳେ ୨୬ରେ ବାଚସ୍ପତି ନିର୍ବାଚନ ହେବ। ବିଜେପିର ସହଯୋଗୀ ଟିଡିପି ବାଚସ୍ପତି ପଦ ଉପରେ ଆଖି ପକାଇଛି। ହେଲେ ବିଜେପି ଏହି ଗୁରୁତ୍ୱପୂର୍ଣ୍ଣ ପଦ ଛାଡ଼ିବା ମୁଡରେ ନାହିଁ। ଏସବୁ ଭିତରେ ବିଜେପି ୨୬ ତାରିଖରେ ହିଁ ବାଚସ୍ପତି ପ୍ରାର୍ଥୀ କିଏ ହେବେ, ସେକଥା ଘୋଷଣା କରିବ। ଗଞ୍ଜାମ, ଭଦ୍ରକ ଓ ବରଗଡ ଜିଲ୍ଲାରେ ଆଗାମୀ ତିନି ଦିନ ଯାଏଁ ସ୍କୁଲ ଛୁଟି କିନ୍ତୁ ସୂତ୍ର ଅନୁସାରେ, ବାଚସ୍ପତି ହେବା ଦୌଡ଼ରେ ସବୁଠାରୁ ଆଗରେ ଅଛନ୍ତି ଓଡ଼ିଶାର କଟକରୁ ଜିତିଥିବା ଭର୍ତ୍ତୃହରି ମହାତବ ଓ ଆନ୍ଧ୍ରର ରାଜାମୁନ୍ଦ୍ରୀ ଆସନରୁ ଜିତିଥିବା ଡି ପୁରନ୍ଦେଶ୍ୱରୀ। ଏହି ଦୁଇ ରାଜ୍ୟରେ ବିଜେପି ଭଲ ପ୍ରଦର୍ଶନ କରିଥିବା ଧନ୍ୟବାଦ ସ୍ୱରୂପ ଗୋଟିଏ ରାଜ୍ୟରୁ ଜଣଙ୍କୁ ବାଚସ୍ପତି ▶▶ପୃଷ୍ଠା ୭

## ଏନ୍‌କାଉଣ୍ଟରରେ ଟଳିଲା ଜଣେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୭/୬ : ଲଗାତର ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ କଶ୍ମୀରରେ ଜୋରଦାର ଚାଲିଛି ସର୍ଚ୍ଚ ଅପରେସନ୍। ଆତଙ୍କବାଦୀଙ୍କୁ ଖୋଜି ଖୋଜି ଟାର୍ଗେଟ୍ କରୁଛନ୍ତି ସୁରକ୍ଷାକର୍ମୀ। ଉତ୍ତର କଶ୍ମୀରର ବାନ୍ଦିପୋରା ଜିଲ୍ଲାର ଅରଗାମ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ହୋଇଛି। ଏଥିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ଏହି ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସୁରକ୍ଷାକର୍ମୀମାନେ ସୂଚନା ପାଇଥିଲେ। ପରେ ପୂରା ଅଞ୍ଚଳକୁ ଘେରି ସର୍ଚ୍ଚ ଅପରେସନ୍ କରିଥିଲେ। ଏଥିରେ ୨ ଜଣ ଆତଙ୍କବାଦୀ ଜଙ୍ଗଲ ଆଡକୁ ଦୌଡି ପଳାଉଥିବା ସୁରକ୍ଷାକର୍ମୀମାନେ ଦେଖିବାକୁ ପାଇଥିଲେ। ପରେ ସେମାନଙ୍କୁ ଟାର୍ଗେଟ କରି ଗୁଳି ବିନିମୟ ହୋଇଥିଲେ। ଏଥିରେ ଜଣେ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ▶▶ପୃଷ୍ଠା ୭

## ଜିଲ୍ଲାପାଳଙ୍କ ଉପରେ ସ୍କୁଲ ଛୁଟି ନିଷ୍ପତ୍ତି ଛାଡ଼ିଲେ ରାଜ୍ୟ ସରକାର: ଖରା ଓ ଗରମକୁ ଦେଖି ଛୁଟି ନିଷ୍ପତ୍ତି ନେଇପାରିବେ ଜିଲ୍ଲାପାଳ



ଭୁବନେଶ୍ୱର, ୧୭/୬ (ନି.ପ୍ର): ସରିଲା ଖରା ଛୁଟି । ଆଉ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, କାଲିଠାରୁ ସ୍କୁଲ ଖୋଲିବାକୁ ସ୍ଥିର ହୋଇଥିଲା । କିନ୍ତୁ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ସ୍କୁଲ ଖୋଲିବ କି ନାହିଁ, ତାକୁ ନେଇ ଦେଖା ଦେଇଥିଲା ଦ୍ୱନ୍ଦ୍ୱ । କିନ୍ତୁ ଏବେ ସ୍କୁଲ ଖୋଲିବାକୁ ନେଇ ନିର୍ଦ୍ଦେଶାନାମା ଜାରି କରିଛନ୍ତି ରାଜ୍ୟ ସରକାର। ପୂର୍ବ ନିଷ୍ପତି ଅନୁସାରେ, କାଲିଠାରୁ ସ୍କୁଲ ଖୋଲିବ । କିନ୍ତୁ ପାଣିପାଗ ସ୍ଥିତିକୁ ନେଇ ସରକାର, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ▶▶ପୃଷ୍ଠା ୭

| କେଉଁଠି ଖୋଲା ? | କେଉଁଠି ଛୁଟି ? |
|---|---|
| ଦେବଗଡ଼ | ବଲାଙ୍ଗୀର |
| ଢେଙ୍କାନାଳ | ବରଗଡ଼ |
| କେନ୍ଦୁଝର | ସମ୍ବଲପୁର |
| ଅନୁଗୁଳ | ସୋନପୁର |
| ଜଗତସିଂହପୁର | ସୁନ୍ଦରଗଡ଼ |
| କଟକ | ଭଦ୍ରକ |
| ଯାଜପୁର | ବାଲେଶ୍ୱର |
| ଖୋର୍ଦ୍ଧା | ମୟୂରଭଞ୍ଜ |
| ପୁରୀ | ଗଞ୍ଜାମ |
| କୋରାପୁଟ | ଗଜପତି |
| ଝାରସୁଗୁଡ଼ା | |
| କଳାହାଣ୍ଡି | |

## ଡିଏସ୍ କୁଟେ ଓ ଆଶୀଷ ସିଂଙ୍କୁ କିଏ ଦେଉଛି ସୁରକ୍ଷା: ୧୫ଦିନ ପରେ ବି ହେଲାନି ଚାର୍ଜସିଟ୍ କି ଆକ୍ସନ୍



ଭୁବନେଶ୍ୱର, ୧୭/୬ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅପାରଗତାରୁ ତୃତୀୟ ମହଲାରେ ବସି 'ସୁପର ସିଏମ୍' ଭାବେ ହାକିମାତି କରୁଥିବା ଆଇପିଏସ୍ ଡିଏସ୍ କୁଟେ ଏବେ କେଉଁଠି ? ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ମଧ୍ୟ କାହିଁକି ତାଙ୍କୁ ଏପର୍ଯ୍ୟନ୍ତ ଚାର୍ଜସିଟ୍ ଧରାଇ ପାରିଲେନି ପୁଲିସ ଡିଜି ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନ ଓ କୁଟେଙ୍କ ଭଡ଼ାଟିଆ ଗୁଣ୍ଡା ସାଜି ରାଜନୀତିକ ବ୍ୟକ୍ତିଙ୍କୁ ହଇରାଣହରକତ ଓ ଧମକଚମକ ଦେଇଥିବା ଆଇପିଏସ୍ ଆଶୀଷ ସିଂଙ୍କ ବିରୁଦ୍ଧରେ କାହିଁକି ହୋଇନି କାର୍ଯ୍ୟାନୁଷ୍ଠାନ ? କ୍ଷମତାର ଲୋଭରେ ଅନ୍ଧ ହୋଇ ଧରାକୁ ସରା ମଣିଥିବା ଏହି ଦୁଇ ବରିଷ୍ଠ ଅଣଓଡ଼ିଆ ଆଇପିଏସ୍ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ ମଧ କାହିଁକି ଓ କିଏ ସେମାନଙ୍କୁ ସୁରକ୍ଷା ଦେଉଛି ତାହା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସକ୍ରିୟ ରାଜନୀତିକ ଗତିବିଧିରେ ଲିପ୍ତ ଥିବା ଅଭିଯୋଗରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ୧୯୯୭ ବ୍ୟାଚ୍ ଆଇପିଏସ୍ ଡିଏସ୍ କୁଟେଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ଓଡ଼ିଶା ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ ହୋଇନାହାନ୍ତି । ନବୀନ ପଟ୍ଟନାୟକଙ୍କ ପ୍ରଶାସନିକ ଅପାରଗତା ▶▶ପୃଷ୍ଠା ୭

## ଆଜି ପରି ଆଗାମୀ ଦୁଇ ଦିନ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି



ଭୁବନେଶ୍ୱର, ୧୭/୬ (ନି.ପ୍ର): ଆଜି ପରି ଆଗାମୀ ଦୁଇ ଦିନ ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ହେବ। ଅର୍ଥାତ ୧୯ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ,ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳି ଲାଗି ରହିବ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେପଟେ ଜୁନ ୧ ତାରିଖରୁ ଆଜି ଯାଏଁ ରାଜ୍ୟରେ ୪୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ▶▶ପୃଷ୍ଠା ୭

## ଏନକାଉଣ୍ଟରରେ ୪ ନକ୍ସଲ ନିହତ

ଝାରଖଣ୍ଡ, ୧୭/୬ : ଝାରଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ଚାଇବାସାରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୪ ଜଣ ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଜୋନାଲ୍ କମାଣ୍ଡର, ଜଣେ ସବ୍-ଜୋନାଲ୍ କମାଣ୍ଡର ଓ ଜଣେ ଏରିଆ କମାଣ୍ଡର ଥିବା ଜଣାପଡ଼ିଛି। ସେହିପରି ଜଣେ ଏରିଆ କମାଣ୍ଡରଙ୍କ ସମେତ ଦୁଇ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି। ଏନକାଉଣ୍ଟର ସ୍ଥଳରୁ ରାଇଫଲ୍ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହା ଝାଡ଼ଖଣ୍ଡ ପୁଲିସ୍ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ପଶ୍ଚିମ ସିଂହଭୂମ ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି ଯେ ଏବେବି ଘଟଣାସ୍ଥଳ ଓ ଏହାର ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଦୁଇ ଦିନ ତଳେ (ଶନିବାର) ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରେ ୮ ନକ୍ସଲ ନିହତ ହୋଇଥିଲେ। ଏଥିରେ ଜଣେ ଯବାନ ସହିଦ ହୋଇଥିଲା। ନିହତ ହୋଇଥିବା ୮ ନକ୍ସଲଙ୍କ ମଧ୍ୟରୁ ୬ ଜଣ ବରିଷ୍ଠ କ୍ୟାଡର ନକ୍ସଲ ଥିଲେ ଓ ସେମାନଙ୍କ ମୁଣ୍ଡରେ ମିଳିତ ଭାବେ ୪୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା।

## ରାଏବରେଲୀ ରଖିବେ ରାହୁଲ ଗାନ୍ଧି: ୱାୟନାଡରେ ଡେବ୍ୟୁ କରିବେ ପ୍ରିୟଙ୍କା



ନୂଆଦିଲ୍ଲୀ, ୧୭/୬ : କଂଗ୍ରେସ ନେତା ରାହୁଲ ଗାନ୍ଧି ଶେଷରେ ଉତ୍ତରପ୍ରଦେଶର ରାଏବରେଲୀ ଆସନ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ରାଏବରେଲୀକୁ ରଖି କେରଳର ୱାୟନାଡ ଆସନ ଛାଡ଼ିବେ। ୨୦୧୯ରେ ରାହୁଲ ୱାୟନାଡରୁ ପ୍ରଥମଥର ନିର୍ବାଚନ ଲଢ଼ିବା ସହ ବିଜୟ ହୋଇଥିଲେ। ୨୦୨୪ରେ ସେ ୱାୟନାଡ ସହ ରାଏବରେଲୀ ଆସନରେ ନିର୍ବାଚନ ଲଢ଼ି ବିଜୟ ହୋଇଥିଲେ। ଦୁଇଟି ଆସନରୁ ବିଜୟ ହୋଇଥିବାରୁ ତାଙ୍କୁ ଗୋଟିଏ ଆସନ ଛାଡ଼ିବା ଅପରିହାର୍ଯ୍ୟ ରହିଥିଲା। ▶▶ପୃଷ୍ଠା ୭

## ଟ୍ରାକ୍ଟରକୁ ଧକ୍କା ଦେଲା କାର, ପରେ କାରକୁ ପିଟି ଦେଲା ଟ୍ରକ୍: ଚାଲିଗଲା ୪ ବନ୍ଧୁଙ୍କ ଜୀବନ



ନୂଆପଡ଼ା , ୧୭/୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଲଛିପୁର ଗାଁ ନିକଟରେ ୧୬ ନମ୍ବର ରାଜ୍ୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଖଡ଼ିଆଳ ସହରର ଋଷି ସାହୁ, ଶୁଭମ ମହାଉତି, ବର୍ଣ୍ଣି ଲାଲ ସିଂହ ଓ ଗୋଇମୁଣ୍ଡା ଗ୍ରାମର ଦେବରାଜ ପଟେଲେ। ଏହି ୪ ସାଙ୍ଗ ଗତକାଲି ରାତିରେ କାର ଯୋଗେ ଡୁକୁଲା ଗାଁକୁ ଏକ ଜନ୍ମବାର୍ଷିକୀ ଭୋଜି ଖାଇବାକୁ ଯାଇଥିଲେ। ରାତି ପ୍ରାୟ ୧୨ଟା ବେଳେ ସେମାନେ ଖଡ଼ିଆଳ ଅଭିମୁଖେ ଫେରୁଥିବା ବେଳେ ଲଛିପୁର ଗାଁ ନିକଟରେ ଏକ ଟ୍ରାକ୍ଟର ସହିତ ସେମାନଙ୍କର ଧକ୍କା ହୋଇଥିବା ▶▶ପୃଷ୍ଠା ୭

## କର୍ମଚାରୀଙ୍କୁ କେନ୍ଦ୍ରର ଚେତାବନୀ: ବିଳମ୍ବ ହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୧୭/୬ : ନିଜର କର୍ମଚାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି କେନ୍ଦ୍ର ସରକାର। ଅଭ୍ୟାସଗତ ଭାବେ ବିଳମ୍ବରେ ଅଫିସ ଆସି ଶୀଘ୍ର ଯାଉଥିବା କର୍ମଚାରୀଙ୍କ ବିରୋଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ବିଳମ୍ବରେ ଆସି ଶୀଘ୍ର ଅଫିସ ଛାଡୁଥିବା ଘଟଣାକୁ ଅଧିକୃତ ଅଧିକାରୀମାନେ ଗୁରୁତ୍ୱର ସହ ନେବାକୁ କେନ୍ଦ୍ର ସରକାର କହିଛନ୍ତି। ଅନେକ କର୍ମଚାରୀ ବାୟୋମେଟ୍ରିକ୍ ଆଟେଣ୍ଡାଣ୍ଟ ସିଷ୍ଟମ୍ ରେ ସେମାନଙ୍କର ଉପସ୍ଥାନ ପଞ୍ଜିକରଣ କରୁ ନାହାନ୍ତି। ଏହା ବ୍ୟତୀତ କିଛି କର୍ମଚାରୀ ନିୟମିତ ଭାବରେ ବିଳମ୍ବରେ ଆସୁଥିବାର ଅଭିଯୋଗ ମଧ ଆସିଥିଲା। ଏପରି ଅଭିଯୋଗ ଆସିବା ପରେ ମୋବାଇଲ୍ ଫୋନ୍ ଆଧାରିତ ଫେସ ଅଥିଟିକେସନ ପ୍ରଣାଳୀ ବ୍ୟବହାର କରିବାକୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା କର୍ମଚାରୀଙ୍କ ଲାଇଭ ଲୋକେସନ ଜାଣିହେବ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ▶▶ପୃଷ୍ଠା ୭

# ଖଣି ପାଇଁ ବଳି ପଡୁଛି ଜଙ୍ଗଲ



ଛେଣ୍ଡିପଦା, ୧୭/୬ (ନି.ପ୍ର): ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଅଞ୍ଚଳରେ କୋଇଲା ଖଣି ପାଇଁ ଜଙ୍ଗଲ କଟାଯାଉଛି। ଏଥିଯୋଗୁଁ ଉତ୍ତାପ ବୃଦ୍ଧି ପାଉଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକ୍ ?ରେ ପ୍ରାୟ ୩୬ ହଜାର ହେକ୍ଟର ସଂରକ୍ଷିତ, ଅଣସଂରକ୍ଷିତ ଓ ରାଜସ୍ୱ ଜଙ୍ଗଲ ଜମି ରହିଛି। ନିଶା, ରାଇଝରଣ, କଙ୍କରେ଼ଇ ଆଦି ଗ୍ରାମରେ କୋଇଲା ଖଣି ଖନନ ପାଇଁ ପାଖାପାଖି ୨୦ ପ୍ରତିଶତ ଜଙ୍ଗଲ କଟା ସରିଲାଣି। ଏଥିଯୋଗୁଁ ଗତ ଦୁଇବର୍ଷ ହେଲା ଅଞ୍ଚଳର ତାପମାତ୍ରା ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରି ପାର କରିଥିଲା। ଗତ ୨୦ ଦିନ ହେଲା ଅଞ୍ଚଳରେ ଅସମ୍ଭାଳ ତାତି ଅନୁଭୂତ ହେଉଛି। ଏହିଭଳି ଉତ୍ତାପ ବୃଦ୍ଧି ପାଇଲେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିକଟ ଭବିଷ୍ୟତରେ ନୟନୀ ଓ ଛେଣ୍ଡିପଦା ୨ ନମ୍ବର କୋଲ୍ ବ୍ଲକ୍‌ରେ ଖଣି ଖନନ ପାଇଁ ବହୁ ପରିମାଣର ଘଞ୍ଚ ସଂରକ୍ଷିତ ଜଙ୍ଗଲ କଟାଯିବ। ଜଙ୍ଗଲ କଟାଯିବା ପରେ ଅଞ୍ଚଳରେ ଯେଉଁ ଅସମ୍ଭାଳ ତାତି ହେବ, ତାହାର କିପରି ମୁକାବିଲା କରାଯିବ ବୋଲି ଅଞ୍ଚଳବାସୀଙ୍କୁ ଏବେଠୁ ଚିନ୍ତା ଘାରିଲାଣି। ଘଞ୍ଚ ଜଙ୍ଗଲ କଟା ଯାଉଥିବାରୁ ପରିବେଶର ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଅଞ୍ଚଳରେ ବୃଷ୍ଟିପାତ ଯଥେଷ୍ଟ ହ୍ରାସ ପାଇଲାଣି। ପୂର୍ବରୁ ବର୍ଷକୁ ୧୪୦୦ ରୁ ୧୬୦୦ ମି.ଲି. ବର୍ଷା ହେଉଥିଲା। ଗତ ୫ ବର୍ଷହେଲା ବର୍ଷା ପରିମାଣ ୯୦୦ ରୁ ୧୦୦୦ ମି.ଲି. ମଧ୍ୟରେ ରହୁଛି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହେଉଛି। କୂଅ ପୋଖରୀ ଶୁଖିଯାଉଛି। ଫଳରେ ଉତ୍କଟ ପାନୀୟଜଳ ସମସ୍ୟା ଦେଖାଦେଇଛି। ଯେଉଁ ପରିମାଣରେ ଗଛ କଟା ଚାଲିଛି ସେଇ ପରିମାଣରେ ବୃକ୍ଷରୋପଣ ହେଉନାହିଁ। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲାଗୁଥିବାରୁ, ଅନେକ ସ୍ଥାନରେ କୋଠାଘର ନିର୍ମାଣ ହେଉଥିବାରୁ, ବିଭିନ୍ନ କାର୍ଯ୍ୟାଳୟରେ ଓ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିବା ଲୋକେ ଏସି ବ୍ୟବହାର କରୁଥିବାରୁ ତାହା ଉତ୍ତାପ ବୃଦ୍ଧିରେ ସହାୟକ ହେଉଛି। ଅଞ୍ଚଳରେ ଏଭଳି ତାତି ବଢ଼ିଛି ଯେ ଦିନ ୯ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ରାସ୍ତା, ବଜାର ଜନଶୂନ୍ୟ ହୋଇପଡୁଛି। ଅତ୍ୟଧିକ ଉତ୍ତାପ ବୃଦ୍ଧି ଯୋଗୁଁ ଅନେକ ଗାଁରେ ଲୋକେ ଜ୍ୱର, ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ଛେଣ୍ଡିପଦା, କୋଶଳା, ଜରପଡା, ବାଗଡିଆ, ବାଲିପଟା, ଗଡ଼ମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଜ୍ୱର ଓ ଝାଡ଼ାରୋଗୀ ଚିକିତ୍ସିତ ହୋଇ ଫେରିଛନ୍ତି। ଗତ ୧୦ ଦିନ ମଧ୍ୟରେ ୮୦ ରୁ ଅଧିକ ଲୋକ ଜ୍ୱର, ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ଆଗାମୀ ଦିନରେ ଅଧିକ ଖଣି ଖୋଲାଯିବାକୁ ଥିବାବେଳେ ଅଞ୍ଚଳରୁ ଗଛ କଟା ଯାଇ ଜଙ୍ଗଲ ଧ୍ୱଂସ ପାଇଯିବା ଆଶଙ୍କା ଦେଖାଦେଲାଣି। ଆଗାମୀ ଦିନରେ ତେଣୁ ଉତ୍ତାପ ବୃଦ୍ଧି ପାଇ ଲୋକଙ୍କ ଅବସ୍ଥା ଦୁର୍ବିଷହ ହୋଇପଡ଼ିବ। ଏ ସଂପର୍କରେ ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ ନନ୍ଦ କହିଛନ୍ତି, ସାଂପ୍ରତିକ ସମୟରେ ବୃକ୍ଷ ରୋପଣ କରାଯିବା ସହ ଜଙ୍ଗଲ ସଂରକ୍ଷଣ କରାଯିବା ଅତ୍ୟନ୍ତ ଜରୁରି ହୋଇପଡ଼ିଛି। କିନ୍ତୁ ଏଥିପାଇଁ ସରକାର କିମ୍ବା ଜନସାଧାରଣ, କେହି ଗୁରୁତ୍ୱ ଦେଉନାହାନ୍ତି। ତେବେ ଆଗାମୀ ଦିନରେ ଉତ୍ତାପ ବୃଦ୍ଧି ରୋକିବା ପାଇଁ ସରକାର କି ପଦକ୍ଷେପ ନେବେ, ତାହା ସମୟ କହିବ।

# ଅସୁରଗଡ଼ଠାରେ ଜିଲ୍ଲା ୱାର୍ଡମେମ୍ବର ସଂଘର ବୈଠକ

ଭବାନୀପାଟଣା, ୧୭/୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ମାଡେଲ ଗ୍ରାମପଂଚାୟତ ଅଧିନସ୍ଥ ଐତିହାସିକ କିମ୍ବଦନ୍ତୀ ସ୍ଥଳ ଅସୁରଗଡ଼ର ବୀର କମଳ ମଇଦାନରେ ଜିଲ୍ଲା ୱାର୍ଡମେମ୍ବର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତପୁର ୱାର୍ଡମେମ୍ବର ଗୌରଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନର୍ଲା ବ୍ଲକ ସଭାପତି ମାର୍କଣ୍ଡ କାଳ, ଧର୍ମଗଡ଼ ଉପଖଣ୍ଡ ସ୍ତରୀୟ ସଭାପତି ଦିଗାମ୍ବର ବେମାଳ, ଉପଖଣ୍ଡ କୋଷାଧ୍ୟକ୍ଷ ଯୁବରାଜ ଗୋଡ, ଜୟପାଟଣା ବ୍ଲକ ସଭାପତି ସୁବାଷ ଦାସ, ଜୁନାଗଡ଼ ବ୍ଲକ ସଭାପତି ଚନ୍ଦ୍ରଶେଖର କର, ନର୍ଲା ବ୍ଲକ କୋଷାଧ୍ୟକ୍ଷ ପୀତବାସ ଖାଡଙ୍ଗା, କେସିଙ୍ଗା ବ୍ଲକ ସଭାପତି ଆଲୋକ ରଞ୍ଜନ ତାଣ୍ଡି, କୋକସରା ବରିଷ୍ଠ ସଦସ୍ୟ ଦେବ ସିଂ ନାଗ, ବିରସିଂ ମାଝୀ, ରମାକାନ୍ତ କେତକୀ, ତୁଳାପଡା ଗ୍ରାମପଂଚାୟତ ସଭାପତି ଶିବ ପ୍ରସାଦ ରଣା ପ୍ରମୁଖ ମଂଚାସିନ ରହି ସଂଘର ବିଭିନ୍ନ ବିଷୟ ଓ ୱାର୍ଡ ମେମ୍ବର ମାନଙ୍କ ୫ ଗୋଟି ପ୍ରମୁଖ ଦାବି ଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପ୍ରଥମେ ଠାକୁର ପୂଜନ ପରେ ମଂଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା । ସଂଘର ମହିଳା ସଦସ୍ୟ ମାନେ ଅତିଥି ଙ୍କୁ ସିନ୍ଦୂର, ଚନ୍ଦନ, ପୁଷ୍ପଗୁଚ୍ଛ ଓ ଉପଢ଼ୋକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ନର୍ଲା ବ୍ଲକ ୱାର୍ଡମେମ୍ବର ସଂଘର ସଭାପତି ଶ୍ରୀ କାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧର୍ମଗଡ଼ ଉପଖଣ୍ଡ ସଭାପତି ଶ୍ରୀ ବେମାଳ ରାଜ୍ୟସରକାର ତ୍ରି ସ୍ତରୀୟ ପଂଚାୟତିରାଜ ନିର୍ବାଚନରେ ନିର୍ବାଚିତ ଜିଲ୍ଲା ପରିଷଦ ସଭାପତି, ସଦସ୍ୟ, ସରପଂଚ, ସମିତି ସଦସ୍ୟ ସମସ୍ତଙ୍କ ଦରମା ବୃଦ୍ଧି କରିଥିବା ବେଳେ ୱାର୍ଡ ମେମ୍ବର ମାନଙ୍କୁ ଅଣଦେଖା ଦେଖାଯାଇଛି । ଏଣୁ କଳାହାଣ୍ଡି ଜିଲ୍ଲାର ସମସ୍ତ ୱାର୍ଡ ମେମ୍ବର ମାନଙ୍କ ରହିଥିବା ୫ ଗୋଟି ଦାବି ; ଗ୍ରାମପଂଚାୟତ ସ୍ତରୀୟ ପୂର୍ତ୍ତ ସଭ୍ୟ ସଭ୍ୟା ମାନଙ୍କ ମାସିକ ଭତ୍ତା ୪୮୦ ଟଙ୍କା ବଦଳରେ ଟ ୬୦୦୦/- (ଛଅ ହଜାର ଟଙ୍କା)କୁ ବୃଦ୍ଧି କରାଯାଉ। ୱାର୍ଡ ସଭ୍ୟ ସଭ୍ୟା ମାନଙ୍କ କାର୍ଯ୍ୟ ଅବଧି ଶେଷ ହେବା ପରେ ଅବସର କାଳୀନ ଭତ୍ତା ବାବଦକୁ ମାସିକ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଉ । ପ୍ରତ୍ୟେକ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କ ସ୍ୱାସ୍ଥ୍ୟ ନିରାପତା ପାଇଁ ଦୁର୍ଘଟଣାଜନିତ - ପ୍ରାକୃତିକ ମୃତ୍ୟୁ ପାଇଁ ଦଶଲକ୍ଷ ଟଙ୍କା ଓ ଶାରୀରିକ କ୍ଷତି ପାଇଁ ପାଂଚ ଲକ୍ଷ ଟଙ୍କାର ଜୀବନ ବୀମା ଦିଆଯାଉ । ପଂଚାୟତର ସମସ୍ତ ଉନ୍ନୟନ କାର୍ଯ୍ୟସବୁ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କ ଜରିଆରେ କାର୍ଯ୍ୟକାରୀ କରାଯାଉ । ପଂଚାୟତ ସ୍ତରରେ ହେଉଥିବା ସମସ୍ତ ଦରକାରୀ ଯୋଜନାରେ ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ସାମିଲ କରିବାକୁ ବାଧ୍ୟତାମୂଳକ ବ୍ୟବସ୍ଥା କରାଯାଉ । ଏହି ଦାବି ଗୁଡ଼ିକ ସରକାରଙ୍କ ପାଖରେ ରଖାଯିବ। ସାଧାରଣ ନିର୍ବାଚନ ପୂର୍ବରୁ ମଧ ସରକାରଙ୍କୁ ୱାର୍ଡ ମେମ୍ବର ସଂଘ ତରଫରୁ ଦାବି କରଯାଇଥିଲା ହେଲେ ସରକାର କର୍ଣ୍ଣପାତ କରିନଥିଲେ। ସରକାର ଯଦି ଆମ ପାଂଚ ଗୋଟି ଦାବୀକୁ ଗୁରୁତ୍ୱ ନ ଦିଅନ୍ତି ତା ହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ହେବ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଥିଲେ । ସଂଘର ସଦସ୍ୟ ମାନେ ଏହା ଉପରେ ମତାମତ ଦେଇଥିଲେ । ଅନ୍ୟାନ୍ୟ ଆଲୋଚନା ପରେ ସଭାପତି ଶ୍ରୀ ବିଶ୍ୱାଳଉପସ୍ଥିତ ସମସ୍ତ ୱାର୍ଡ ମେମ୍ବର ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଲ ବର୍ଷା ନ ହେଲେ ଧାନ ଫସଲ ଉଜୁଡିବ : ଏବେଠାରୁ ଚିନ୍ତାରେ ଚାଷୀ

ଧର୍ମଶାଳା, ୧୭/୬ (ନି.ପ୍ର): ଚଳିତ ବର୍ଷ ଆରମ୍ଭରୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । ନିର୍ଦ୍ଧାରିତ ସମୟରେ ମୌସୁମୀ ପଂହଚିବ । ପାଗ ଅନୁକୂଳ ରହିବା ସହିତ ଜନସାଧାରଣଙ୍କୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ । ହେଲେ ସାରା ରାଜ୍ୟରେ ମୌସୁମୀ ପ୍ରବାହ ଧୋକା ଦେଇଛି । କାଁଭାଁ ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିବା ବେଳେ ଆଷାଢ ମାସରେ ବର୍ଷାର ଘୋର ଅଭାବ ଦେଖାଯାଇଥିବା ଜଣାପଡିଛି । ଏବେ ରାଜ୍ୟରେ ବର୍ଷାର ଲୁଚକାଳିକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗକୁ ଭଲ ବର୍ଷା ନ ହେଲେ ଧାନ ଫସଲ ଗଜା ମରୁଡି ହେବା ସହ ଏହି ଫସଲ ସମ୍ପୂର୍ଣ୍ଣଭାବେ ଉଜୁଡି ଯିବାର ଆଶଙ୍କା ଦେଖା ଦେଇଛି । ଯାଜପୁର ଜିଲା ଧର୍ମଶାଳା, ବଡଚଣା,ରସୁଲପୁର ଓ ବରୀ ବ୍ଲକରେ ହଜାର ହଜାର ହେକ୍ଟର ଜମିରେ ହଜାର ହଜାର ସଂଖ୍ୟାରେ ଚାଷୀମାନେ ଧାନ ବୁଣି ନିଜର ପରିବାର ଚଳାଇଥାନ୍ତି । ଚଳିତ ବର୍ଷ ଭଲ ବର୍ଷା ହେବା ଆଶା କରି ଚାଷୀ ବିଭିନ୍ନ ଉପାୟରୁ ଧାର କରଜ କରି ବିଲରେ ଚାଷ କାର୍ଯ୍ୟ ସାରି ଧାନ ବିହନ ବୁଣି ଧାନ ଅମଳ ପାଇଁ ଅନାଇ ରହିଛି । ସାମାନ୍ୟ ବର୍ଷାକୁ ଦେଖି ଚାଷୀ ଧାନ ଗଛରେ ସାର ଓ କୀଟନାଶକ ଔଷଧ ପ୍ରୟୋଗ କରିଦେଇଛି । ଫଳରେ ଏବେ ବର୍ଷାର ଘୋର ଅଭାବ ଦେଖାଦେଇଛି । କ୍ଷେତରୁ ପାଣି ନ ଥିବାରୁ ଧାନ ଗଛ ଏବେ ମରିବାକୁ ବସିଲାଣି । ଯାହାକୁ ନେଇ ଏବେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଧାନ କେମିତି ଅମଳ କରିବେ ଓ ଆଣିଥିବା କରଜ କିପରି ଶୁଝିବେ ତାହାକୁ ନେଇ ମୁଣ୍ଡରେ ହାତ ଦେଇ ବସିଛି ଚାଷୀ । ଅନ୍ୟପକ୍ଷରେ ଏହି ସବୁ ବ୍ଲକର ବହୁ ସ୍ଥାନରେ ଜଳସେଚନର ସୁବିଧା ନ ଥିବା ବେଳେ ଆଉ ଯେଉଁଠି ଜଳସେଚନର ସୁବିଧା ରହିଛି ସେଠାରୁ ସ୍ଥାନକୁ ପାଣି ଯାଇ ପାରୁ ନାହିଁ । ଫଳରେ ଧାନ ଫସଲ ଅମଳ କରିବାରେ ଚାଷୀ ବିଫଳ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି ।

## ଜିଲ୍ଲାର ବିକାଶ ପାଇଁ ସଖୀବଟରେ ସମାବେଶ

କେନ୍ଦ୍ରାପଡ଼ା, ୧୭/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ସାମଗ୍ରିକ ବିକାଶ ପାଇଁ ଏକ ଆଲୋଚନା ଚକ୍ର କେନ୍ଦ୍ରାପଡ଼ା ବ୍ଲକ ବଗଡା ପଂଚାୟତ ଅଧିନ ପର୍ଯ୍ୟଟନ ସ୍ଥଳୀ ସଖୀବଟ ଠାରେ ଆୟୋଜିତ ହୋଇଯାଇଛି । ଅଶୋକ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାବେଶ ରେ ବହୁ ସଂଖ୍ୟକ ସମଭାବାପନ୍ନ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ଅଧିବାସୀମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, କୃଷି, ଜଳ ସେଚନ ଓ ଜଳ ନିଷ୍କାସନ ପ୍ରଭୃତି ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଉପରେ ଉପସ୍ଥିତ ବ୍ୟକ୍ତିମାନେ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ପାଇଁ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଇଂ ରବି ନାରାୟଣ ପଣ୍ଡା, ଇଂ ବିଷ୍ଣୁ ଚରଣ ବେହେରା, ଆଶୁତୋଷ ପଣ୍ଡା, ଜ୍ୟୋର୍ତିମୟୀ ମହାପାତ୍ର, ଗୁଣଧର ସାମଲ, ବୈଷ୍ଣବ ଚରଣ ସ୍ୱାଇଁ, ପ୍ରତିଭା ସାହୁ, ନିରଂଜନ ପରିଡା, ନୃସିଂହ ତ୍ରିପାଠୀ, କ୍ଷୀରୋଦ କୁମାର ଖଟୁଆ, ପ୍ରଦିପ କୁମାର ସାହୁ ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

## ଧର୍ମଶାଳାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

ଧର୍ମଶାଳା, ୧୭/୬ (ନି.ପ୍ର): ଆଜି ସାରା ରାଜ୍ୟରେ ପାଳିତ ହେଉଛି ବିଶ୍ୱ ଆର୍ଟ ଗିଭିଂ ଦିବସ । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲା କଳିଙ୍ଗ ଟିଭି ପ୍ରତିନିଧି ଅବିନେଶ୍ୱର ଶତପଥୀ ପ୍ରତ୍ୟକ୍ଷ ତତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ଓ ମୁଖ୍ୟବକ୍ତାଭାବେ ଜିଲା ଲେଖକ ସମ୍ମେଳନ ସଭାପତି ତଥା ରସୁଲପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗ ଦେଇ ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ଏହି ମହତ ପରିକଳ୍ପନାକୁ ଭୂୟସୀ ପ୍ରଶଂସା କରିଥିଲେ । ପ୍ରେସ୍ କ୍ଲବ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ କାହ୍ନୁ ଚରଣ ଦାଶ ,ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ,ରାଧେଶ୍ୟାମ ସାହୁ,ଜାରକା ରୋଟାରୀ କ୍ଲବ ସଭାପତି ବିପିନ କିଶୋର ଷଡଙ୍ଗୀ,ପ୍ରେସ୍ କ୍ଲବ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇ ଏହି ଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସାମ୍ବାଦିକ ଅବିନେଶ୍ୱର ଶତପଥୀ ଏହି ଦିବସର ବାର୍ତା ପାଠ କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ମାନସ ରଂଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିୟମଗିରିରେ ପଶିଲେ ୧୮ହାତୀ: ଘର, ସରକାରୀ କାର୍ଯ୍ୟାଳୟ ପାଚେରୀ ଭାଙ୍ଗିଲେ



କଲ୍ୟାଣସିଂହପୁର, ୧୭/୬ (ନି.ପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବନାଞ୍ଚଳ ଅନ୍ତର୍ଗତ ନିୟମଗିରିରେ ପୁଣି ପଶିଲେ ହାତୀପଲ। ଏଥିରେ ୧୮ଟି ହାତୀ ରହିଥିବା ବେଳେ ଅଞ୍ଚଳରେ ଭଙ୍ଗାରୁଜା କରୁଛନ୍ତି। ହାତୀଙ୍କ ଉପଦ୍ରବରେ ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଅତିଷ୍ଠ ହୋଇ ପଡ଼ିଛନ୍ତି। ହାତୀପଲଙ୍କ ଉପସ୍ଥିତି ଯୋଗୁ ଡଙ୍ଗରରେ ଚାଷବାସ କରିବା ପାଇଁ ଭୟ କରୁଛନ୍ତି ପାର୍ଶାଲି, ସୁନାଖଣ୍ଡି ଓ ପଲମା ପଞ୍ଚାୟତର ଡଙ୍ଗରିଆ। ପ୍ରାୟ ମାସେ ହେଲା ହାତୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ଲାଖପଦର ଗ୍ରାମରେ ହାତୀପଲ ପଶି ଦୁଇଟି କୁଡ଼ିଆ ଭାଙ୍ଗି ଦେଇଥିବାବେଳେ ପାର୍ଶାଲି ଗ୍ରାମରେ ଥିବା ଆଶ୍ରମ ବିଦ୍ୟାଳୟ ଓ ଡିକେଡିଏ କାର୍ଯ୍ୟାଳୟର ପାଚେରି ଭାଙ୍ଗି ନଷ୍ଟ କରିଦେଇଛନ୍ତି। ଅପରପକ୍ଷରେ ଆସନ୍ତା ୧୮ ତାରିଖରୁ ବିଦ୍ୟାଳୟ ଖୋଲିବାକୁ ଥିବା ବେଳେ ହାତୀଙ୍କ ଉପସ୍ଥିତି ଯୋଗୁ ଛାତ୍ରଛାତ୍ରୀ ଭୟ କରିବେ ବୋଲି ଅଭିଭାବକ ଚିନ୍ତିତ ହୋଇପଡ଼ିଛନ୍ତି। ଏଥିସହିତ, ଜଙ୍ଗଲକୁ ଖାଦ୍ୟ ସଂଗ୍ରହ କରିବାକୁ ଯିବା ପାଇଁ ଭୟ କରୁଛନ୍ତି ଡଙ୍ଗରିଆ। ବର୍ତ୍ତମାନ ନିୟମଗିରି ପାହାଡ଼ରେ ଆମ୍ବ, ପଣସ, କଦଳୀ, ସପୁରି ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିବାରୁ ଉକ୍ତ ଫସଲ ଖାଇବା ପାଇଁ ହାତୀ ଚାଲି ଆସିଥିବା ଅନୁମାନ କରାଯାଉଛି।

# ବିଶ୍ୱ ଯୋଗ ଦିବସକୁ ଓଡ଼ିଶାରେ ବଡ଼ ଆକାରରେ ପାଳନ କରାଯିବ: କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ



ଭୁବନେଶ୍ୱର, ୧୭/୬ (ନି.ପ୍ର): କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦାୟିତ୍ୱ ଗ୍ରହଣ କରିବା ପରେ ଏକ ସମୀକ୍ଷା ବୈଠକ କରିଛନ୍ତି। ଆଜି କଳିଙ୍ଗ ଷ୍ଟାଡିୟମରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ କ୍ରୀଡ଼ା ସଚିବ ଭିନିଲ କ୍ରୀଷ୍ଣା, ପ୍ରମୁଖ ସଚିବ ଅରବିନ୍ଦ ଅଗ୍ରୱାଲ, ହକି ପ୍ରମୋସନ କାଉନସିଲ ଚେୟାରମ୍ୟାନ ଦିପଙ୍କର ମହାପାତ୍ର ଓ ଯୁଗ୍ମ ସଚିବ ଉପସ୍ଥିତ ଥିଲେ। ଏବେକା ସମୟରେ ରାଜ୍ୟରେ କ୍ରୀଡ଼ାକୁ ନେଇ କଣ କଣ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କିତ ବିଷୟ ନେଇ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ବିଗତ ଦିନରେ କି କି ପଦକ୍ଷେପ ନିଆଯାଇଛି ଓ ବାସ୍ତବରେ କେତେ କାର୍ଯ୍ୟକ୍ଷମ ହୋଇଛି ତାର ସମୀକ୍ଷା କରାଯାଇଛି। ଆଗକୁ ପୁଙ୍ଖାନୁପୁଙ୍ଖ ଏହାର ସମୀକ୍ଷା ହେବ। ଓଡ଼ିଶା ପ୍ରାଦେଶିକ ସ୍ଥରରେ ଭଲ କରୁଛି ଆନ୍ତର୍ଜାତୀୟ ସ୍ତରରେ ପରିଚୟ ତିଆରି କରିବାକୁ ଆବଶ୍ୟକ ରହିଛି। ଆମେ ଲକ୍ଷ୍ୟ ରଖିଛୁ ଯେତେବେଳେ ଓଡ଼ିଶା ଶତବାର୍ଷିକ ପୂରଣ କରିବ ସେତେବେଳେ ଓଡିଶା ବିଶ୍ୱ କ୍ରୀଡ଼ା ଜଗତରେ କ୍ରୀଡ଼ା ରାଜଧାନୀ ଭାବେ ପରିଚିତ ହେବ। ଆଜି ଠୁ ପ୍ରୋଗ୍ରାମ ମୋଡରେ ନୁହେଁ ପ୍ରୋଜେକ୍ଟ ମୋଡରେ ଯିବୁ। ବିଶ୍ୱ ଯୋଗ ଦିବସ କିଭଳି ବଡ଼ ଆକାରରେ ପାଳନ ହୋଇପାରିବ ସେ ବିଷୟରେ ଆଜି ଆଲୋଚନା ହୋଇଛି। ଭିତ୍ତିଭୂମି ଉନ୍ନତିର ଆହୁରି ଆବଶ୍ୟକତା ରହିଛି। ଭିତ୍ତିଭୂମି ପହଞ୍ଚିଛି କିନ୍ତୁ ଭଲ ଭାବେ ତୃଣ ମୂଳସ୍ଥରରେ ପହଞ୍ଚାଇବାକୁ ଚେଷ୍ଟା କରାଯିବ।

# ରଜ ମହୋତ୍ସବ ଉଦ୍‌ଯାପିତ : ରଜ ପାନ ଓ ବିଭିନ୍ନ ପାରମ୍ପରିକ ଖାଦ୍ୟରେ ମହକି ଉଠିଲା ରଜ ଦୋଳି ପଡିଆ

ବଲାଣି, ୧୭/୬ (ନି.ପ୍ର): ସୀମାନ୍ତ ଖଣି ଅଂଚଳ ବଲାଣିର ଲକ୍ଷ୍ମୀ ପୂଜା ପଡିଆ ଠାରେ ମା' ଲକ୍ଷ୍ମୀ ରଜ ମହୋତ୍ସବ କମିଟି ପକ୍ଷରୁ ପାଳିତ ହୋଇ ଆସୁଥିବା ତିନି ଦିନିଆ ରଜ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି । ସୀମାନ୍ତ ଅଂଚଳରେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ପରମ୍ପରାକୁ ଜୀବିତ ରଖିବା ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଏହି ରଜ ମହୋତ୍ସବ ଦ୍ୱିତୀୟ ବର୍ଷରେ ପହଂଚିଛି । କମିଟି ପକ୍ଷରୁ ରଜ ମହୋତ୍ସବରେ ଛୋଟ ଠାରୁ ବଡ଼ ମାନଙ୍କୁ ଦୋଳି ଖେଳିବାର ମଜା ନେବା ପାଇଁ ପାଂଚଟି ପାରମ୍ପରିକ ଢଙ୍ଗରେ କାଠରେ ଦୋଳି ନିର୍ମାଣ କରାଯାଇଥିଲା । ଏହା ସହିତ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା । ଏହା ବ୍ୟତୀତ ସ୍ଥାନୀୟ କଳାକାରଙ୍କୁ ଉତ୍ସାହ ଦେବା ନିମନ୍ତେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତର ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଏହା ବ୍ୟତୀତ ବିଭିନ୍ନ ପାରମ୍ପରିକ ଖେଳ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ରଜ ମହୋତ୍ସବ କମିଟି ପକ୍ଷରୁ ରଜ ପାନ ଓ ବିଭିନ୍ନ ପାରମ୍ପରିକ ପିଠାର ଆସର ଖୋଲାଯାଇ ଅତିଥି ମାନଙ୍କୁ ଦିଆଯାଇଥିଲା । ରଜ ପିଠା ଓ ପାନରେ ରଜ ମହୋତ୍ସବ ସତେ ଯେପରି ମହକି ଉଠିଥିଲା । ଉଦ୍‌ଯାପନୀ ଦିବସରେ ବାଲାଗୋଡ଼ା ସରପଂଚ ଗୌରୀ ଖୁଂଟିଆ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ବଲାଣି ଉପଡ଼ାକଘରର ପୋଷ୍ଟ ମାଷ୍ଟର ବିଜ୍ଞାନ ନାଏକ ଓ ସାମ୍ବାଦିକ ଶିବାଶିଷ ନନ୍ଦ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସମାଜସେବା ନିମନ୍ତେ କମିଟି ପକ୍ଷରୁ ଲମ୍ବୋଦର ପଲେଇ, ମହାଜନ ଚୌଧରି, ରଞ୍ଜିତ ପଲେଇ, କୁନା ମହାନ୍ତି ପ୍ରମୁଖଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହା ବ୍ୟତୀତ କମିଟିର ସଭାପତି ରୀନା ନାୟରଙ୍କୁ ମିନତୀ ବାରିକ ସମ୍ବର୍ଦ୍ଧିତ କରିଥିବା ବେଳେ କୁନା ମହାନ୍ତିଙ୍କୁ ସରପଂଚ ଗୌରୀ ଖୁଂଟିଆ ସମ୍ବର୍ଦ୍ଧିତ କରିଥିଲେ । ଏହା ବ୍ୟତୀତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତାଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ । କ୍ଷେତ୍ରମହନ ସେନାପତି ମଂଚ ପରିଚାଳନା କରିଥିବା ବେଳେ ସମିତିର ସମ୍ପାଦିକା ଗୌରୀ ପ୍ରଧାନ, ସଭାପତି ରୀନା ନାୟାର ସମେତ ପଙ୍କଜିନି ସାହୁ, ପ୍ରମିଳା ସାହୁ, ରିଙ୍କି ଗୁପ୍ତା, ସୁମିତ୍ରା ସିଂ, ଜ୍ୟୋସ୍ନାରାଣୀ ସାହୁ, ମିନତୀ ବାରିକ, ରୁକ୍ମଣୀ ଓରାଙ୍ଗ, ରତନୀ ନାଏକ,ବାଲ ଓରାଙ୍ଗ, ନିରୂପମା ନାଏକ, ମାଣିକ ମହାନ୍ତ, ରିତା ସାହୁ, ଦମୟନ୍ତୀ ସାହୁ, ସଂଜୁଲତା ମହାନ୍ତ, ଗୁଲାବ ଘଡେଇ, ଜସ୍ନା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀ ନୀଳକଣ୍ଠେଶ୍ୱର ପୀଠରେ ପ୍ରଥମ ରଜ ମହୋତ୍ସବ

କେନ୍ଦ୍ରାପଡ଼ା, ୧୭/୬ (ନି.ପ୍ର): ଓଡିଶାର ଅନ୍ୟତମ କୃଷିଭିତିକ ଗଣପର୍ବ ପବିତ୍ର ରଜ ଅବସରରେ କଟକ ଜିଲ୍ଲା ନିଶ୍ଚନ୍ତକୋଇଲି ବ୍ଲକ ଅନ୍ତଗର୍ତ ମୁଗୁରିଆ, ଉତରକୂଳ ଏବଂ ମେହେନ୍ଦିପୁର ଗ୍ରାମର ପୁଣ୍ୟୋତୟା ଶୁକ୍‌ପାଇକା ନଦୀ ପଠାରେ ଅବସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ଟ୍ରଷ୍ଟ ଆନୁକୂଲ୍ୟରେ ମନ୍ଦିର ବେଢାରେ ଦୁଇଦିନ ଧରି ପ୍ରଥମ ରଜ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମନ୍ଦିରର ପ୍ରାଣ ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ତଥା ଆଧ୍ୟାତ୍ମିବାଦୀ ସେତୁପୁରୁଷ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏବଂ ତାଙ୍କର ଧର୍ମପତ୍ନୀ ଧର୍ମପ୍ରାଣା ଚପଳା ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ପ୍ରଥମେ ମଂଚ ପାର୍ଶ୍ୱରେ ସ୍ଥାପିତ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ମା ସୁଭଦ୍ରାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର କୃତି କଳାକାରମାନେ ଭଜନ ଗାନ କରିବା ସହିତ ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମ ପ୍ରଥମ ରଜରେ ଉଦ୍ଘାଟିତ ହୋଇ ରଜ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଥିଲା । ଦୁଇଦିନ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାବଗ୍ରାହୀ କଳା ନିକେତନ ତରଫରୁ କଣ୍ଠଶିଳ୍ପୀ ନିରୁପମା ଜେନା, ଉପେନ୍ଦ୍ର କୁମାର ପାଢୀ, ସୁଶିଲ୍ ସୂତାର, ସୌଭାଗିନୀ ମହାପାତ୍ର ଏବଂ ବିମଳ ପ୍ରସାଦ ପରିଡା ଭାବପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ । ରଶ୍ମୀତା ସୂତାର, ଭାଗ୍ୟଲକ୍ଷ୍ମୀ ପରିଡା, ରାଜଲକ୍ଷ୍ମୀ ପରିଡା, ସମୀକ୍ଷା ମହାନ୍ତି, ସ୍ମୃତିରେଖା ବିଶ୍ୱାଳ, ଦୀପକ କୁମାର ଏବଂ ସାଥି କଳାକାରମାନେ ଓଡିଶୀ, ଭଜନ ଏବଂ ସମ୍ବଲପୁରୀ ଗୀତରେ ଅତି ଆକର୍ଷଣୀୟ ନୃତ୍ୟ ପ୍ରସ୍ତୁତ କରି ସମସ୍ତଙ୍କ ହୃଦୟକୁ ଛୁଇଁ ପାରିଥିଲେ । ଉଭୟ ସନ୍ଧ୍ୟାରେ ଟ୍ରଷ୍ଟ ତରଫରୁ ସମସ୍ତ କଳାକାରମାନଙ୍କୁ ଅଙ୍ଗବସ୍ତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା କଳା ନିକେତନର ସଂପାଦକ ସଂଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡା ମ ପରିଚାଳନା କରିବା ସହିତ ଅକ୍ଷୟ ମହାନ୍ତିଙ୍କ ଭଜନ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ । ମନ୍ଦିର ତରଫରୁ ସମାଜସେବୀ କୈଳାସ ଚନ୍ଦ୍ର ଦାସ, ଅମୀୟ କିଶୋର ଦାସ, ଅକ୍ଷୟ କୁମାର ସାହୁ, କାର୍ତିକ ଚନ୍ଦ୍ର ପୃଷ୍ଟି, ଭଜହରି ମହାନ୍ତି, ସୁକାନ୍ତ ସ୍ୱାଇଁ, ବରଦା ମିଶ୍ର, ପ୍ରକାଶ ପଣ୍ଡା, ବଟକୃଷ୍ଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ମନ୍ଦିର ପ୍ରତିଷ୍ଠାତା ପ୍ରଫୁଲ୍ଲ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଏହି ରଜ ମହୋତ୍ସବ ପ୍ରତିବର୍ଷ ମହାସମାରୋହରେ ଅନୁଷ୍ଠିତ ହେବ ବୋଲି କହିଥିଲେ । ମୁଗୁରିଆ, ଉତରକୂଳ ଏବଂ ମେହେନ୍ଦିପୁରର ଅଧିବାସୀମାନେ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

## ଦୃଷ୍ଟି ବାଧିତଙ୍କ ଭଜନ ପରିବେଷଣ

କେନ୍ଦ୍ରାପଡ଼ା, ୧୭/୬ (ନି.ପ୍ର): କେନ୍ଦ୍ରାପଡ଼ା ଦୃଷ୍ଟି ବାଧିତଙ୍କର ଏକ ୬ ଜଣିଆ ଟିମ ବିଭିନ୍ନ ସ୍ଥାନରେ ଭଜନ ପରିବେଷଣ କରି ଜନ ସାଧାରଣଙ୍କୁ ମନମୁଗ୍ଧ କରୁଥିବା ଜଣାପଡିଛି । ଏହି ଦୃଷ୍ଟିବାଧିତଙ୍କ ଟିମ୍ ଇଛାପୁର ଶ୍ରୀ ବଳଦେବଜୀଉ ମନ୍ଦିର ନିକଟସ୍ଥ ଦୋଳ ଦେବୀ ନିକଟରେ ଭଜନ ପରିବେଷଣ କରିଥିଲେ। ମନ୍ଦିରକୁ ଆସୁଥିବା ବହୁ ସଂଖ୍ୟକ ଭକ୍ତ ଦୀର୍ଘ ସମୟ ଧରି କଳାକାର ମାନଙ୍କ ଭଜନ ଶୁଣିବା ସହ ସେମାନଙ୍କର ଗାୟନ ଶୈଳୀକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଦୃଷ୍ଟିବାଧିତ କଳାକାରମାନେ ଶ୍ରୀ ବଳଦେବଜୀଉ ଭଜନ ସଂନ୍ଧ୍ୟା ନାମକ ଏକ ସଂସ୍ଥା ଗଢି ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ଦୀର୍ଘ ଦିନ ହେଲା ଭଜନ ପରିବେଷଣ କରି ଅସୁଛନ୍ତି । ତେବେ ସରକାରଙ୍କ ତରଫରୁ ଏହି ଦୃଷ୍ଟିବାଧିତ କଳାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ଆର୍ଥିକ ଅନୁଦାନ ଓ ବାଦ୍ୟ ଯନ୍ତ୍ରାଦି କ୍ରୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ସାଧାରଣରେ ଦାବି ହେଉଛି ।

# ପିତ୍ତ, ବାତ, କଫ ସବୁ ରୋଗକୁ ଭଲ କରେ ଏହି ଗୋଟାଏ ସାମଗ୍ରୀ



ଆମେ ପୂର୍ବରୁ ଅନେକ ଔଷଧୀୟ ଜିନିଷକୁ ନେଇ ଆଲୋଚନା କରିଛେ। ମେଥି ମଧ ସେହିପରି ଏକ ଔଷଧୀୟ ସାମଗ୍ରୀ। ମେଥିରେ ଅନେକ ନ୍ୟୁଟ୍ରିଏଣ୍ଟସ ରହିଛି। ଏହାକୁ ରାତିରେ ଭିଜାଇ ସକାଳୁ ଚୋବାଇ ଚୋବାଇ ଖାଇବା ଦ୍ୱାରା ଏବଂ ଏହାର ପାଣି ପିଇବା ଦ୍ୱାରା ବ୍ୟକ୍ତିର ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇଥାଏ। ଏଥିସହିତ ଏହା ଆମକୁ ଗୁଡ଼ାଏ ରୋଗ କବଳରୁ ମଧ ବଞ୍ଚାଇଥାଏ। ଡାକ୍ତରୀ ପରୀକ୍ଷଣ କହେ ଏହାକୁ ପ୍ରତ୍ୟେକ ଦିନ ଖାଇବା ଦ୍ୱାରା ବ୍ୟକ୍ତିର ପିତ୍ତ,ବାତ, କଫ ଏବଂ ଥଣ୍ଡାଜନିତ ସମସ୍ୟା ଆଦି ଦୂର ହୋଇଥାଏ। ପ୍ରତ୍ୟେକ ଦିନ ମେଥି ଖାଇଲେ ଶରୀରରୁ ବିଷାକ୍ତ ଦ୍ରବ୍ୟ ନାଶ ହେବା ସହ କିଡନି ସୁସ୍ଥ ରହିଥାଏ। ମେଥି ଖାଇବା ଦ୍ୱାରା ବ୍ୟକ୍ତି ଗ୍ୟାସ୍ଟ୍ରିକ୍ ସମସ୍ୟାରୁ ମୁକୁଳିଥାଏ। ଯାହାକି ବ୍ୟକ୍ତିକୁ ଛାତି ପୋଡ଼ାଜଳା ଏବଂ ଏସିଡିଟି ଠାରୁ ମୁକ୍ତ କରିଥାଏ। ଏଥିସହିତ ମେଥି ଖାଇବା ଦ୍ୱାରା ବ୍ୟକ୍ତିର ରକ୍ତଚାପ ସ୍ତର ମଧ ନିୟନ୍ତ୍ରଣ ରଖିଥାଏ ଏବଂ ଏହା ହୃତ୍‌ଘାତ ହେବାରୁ ବଞ୍ଚାଇବାରେ ମଧ ସାହଯ୍ୟ କରେ। ତେବେ ଭିଜା ଯାଇଥିବା ମେଥିକୁ ଖାଇବା ଦ୍ୱାରା ବ୍ୟକ୍ତିର ହଜମ ପ୍ରକ୍ରିୟାଟି ସହଜ ହୋଇଥାଏ। ମେଥିଦାନା ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହର କରି ତ୍ୱଚାକୁ ସୁସ୍ଥ ରଖିଥାଏ। ଯାହାଦ୍ୱାରା ବ୍ରଣ ଓ ଦାଗ ଇତ୍ୟାଦି ସମସ୍ୟା ଆଦିରୁ ବ୍ୟକ୍ତିକୁ ମୁକ୍ତି ମିଳିଥାଏ। ପ୍ରତ୍ୟେକ ଦିନ ଭିଜା ଯାଇଥିବା ମେଥିକୁ ଖାଇଲେ ବ୍ୟକ୍ତିର କେଶ ଶୀଘ୍ର ଧଳା ହୁଏନି ବରଂ ଘନ ଓ କଳା ହୋଇଥାଏ। ଏହାସହିତ କେଶ ଝଡ଼ିବା ମଧ ବନ୍ଦ ହୋଇଥାଏ। ମେଥି ବ୍ୟକ୍ତିର ହଜମ କ୍ରିୟାକୁ ସକ୍ରିୟ କରିବା ସଂଗେସଂଗେ ଏସିଡିଟି ସମସ୍ୟାକୁ ଦୂର କରିଥାଏ। ଏହା ପାଇଲ୍‌ସ ଜନିତ ସମସ୍ୟାଠାରୁ ଦୂରାଇଥାଏ। ମେଥିଦାନା ସେବନ କଲେ ବ୍ୟକ୍ତିକୁ ବହୁତ ଥର ପରିସ୍ରା ଲାଗିବା ବା ପରିସ୍ରା ସଂକ୍ରମଣ ଭଳି ସମସ୍ୟା ଠାରୁ ମଧ ମୁକ୍ତି ମିଳିଥାଏ।

# ରୁପି ସମସ୍ୟା : ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତ୍ରଣରେ ରଖିହେବ ?

ଅନେକଙ୍କ କ୍ଷେତ୍ରରେ ଡ୍ୟାଡରଫ୍ ବା ରୁପି ସମସ୍ୟା ଦେଖାଦେଇଥାଏ । କେତେକଙ୍କ କ୍ଷେତ୍ରରେ ବର୍ଷସାରା ରୁପି ସମସ୍ୟା ଲାଗି ରହିଥାଏ । ବିଶେଷକରି ଶୀତଦିନରେ ଏହା ଅତ୍ୟଧିକ ପରିମାଣରେ ହୋଇଥାଏ । ହେଲେ ଏହା ପଛର କାରଣ କ'ଣ ଓ ଏହାକୁ କିପରି ନିୟନ୍ତ୍ରଣରେ ରଖିହେବ, ଜାଣି ରଖିବା ଜରୁରୀ ।

- ◆ରୁପି ହେବାର ବିଭିନ୍ନ କାରଣ ରହିଛି
- ◆ରୁପି ହେବା ଜେନେଟିକ୍ କାରଣରୁ ହୋଇପାରେ
- ◆ଏହାସହ କେଉଁ ପରିବେଶରେ ରହୁଛନ୍ତି, ତାହା ମଧ ଗୁରୁତ୍ୱପୂର୍ଣ୍ଣ
- ◆ଅତ୍ୟଧିକ ପ୍ରଦୂଷଣ ମଧ ରୁପିର କାରଣ ହୋଇପାରେ
- ◆ଶୀତଦିନେ ହିଁ ସବୁଠୁ ଅଧିକ ରୁପି ହୋଇଥାଏ
- ◆ବାୟୁମଣ୍ଡଳରେ ଶୁଷ୍କତା ରୁପି ସମ୍ୟା ବଢ଼ାଇଥାଏ
- ◆ରୁପିକୁ ସମ୍ପୂର୍ଣ୍ଣ ହଠାଇବା କଷ୍ଟକର ବ୍ୟାପାର
- ◆ରୁପିକୁ ନିୟନ୍ତ୍ରଣ କରିବା ପାଇଁ ଷ୍ଟିରଏଡ ଲୋସନ, ଆଂଟି ଡ୍ୟାଂଡରଫ୍ ସାମ୍ପୁ ବ୍ୟବହାର କରନ୍ତୁ
- ◆ଡାକ୍ତରଙ୍କ ପରାମର୍ଶ ପରେ ହିଁ ଲୋସନ କିମ୍ବା ସାମ୍ପୁ ବ୍ୟବହାର କରନ୍ତୁ
- ◆ରୁପି ନିୟନ୍ତ୍ରଣ ପାଇଁ ମୁଣ୍ଡରେ ଲେମ୍ବୁ ଲଗାଇପାରିବେ
- ◆ଅନ୍ୟ କିଛି ପ୍ରସଙ୍ଗ ଉପରେ ମଧ ଦୃଷ୍ଟି ଦେବାକୁ ପଡ଼ିବ
- ◆ବାହାରକୁ ଗଲେ ଚୁଟିକୁ ଘୋଡ଼ାଇ ରଖିବା ମଧ ଜରୁରୀ
- ◆ଏକ ସନ୍ତୁଳିତ ଖାଦ୍ୟ ଓ ଜୀବନ ଶୈଳୀ ମଧ ଗୁରୁତ୍ୱପୂର୍ଣ୍ଣ



# ଦାନ୍ତ ଚିକିତ୍ସାର ପୁରାତନ ପଦ୍ଧତି



ମନୁଷ୍ୟ ଶରୀରର ଏକ ପ୍ରମୁଖ ଅଙ୍ଗ ହେଉଛି ଦାନ୍ତ। ତେଣୁ ମନୁଷ୍ୟର ଦାନ୍ତଜନିତ ସମସ୍ୟା ରହିବା ସ୍ୱାଭାବିକ। ଏହି ବାବଦରେ ସ୍ଲୋଭେନିଆର ଐତିହାସିକଗଣ ଚମତ୍କାର ତଥ୍ୟ ପ୍ରକାଶ କରିଛନ୍ତି। ସେଠାରେ ମିଳିଥିବା ଆଦିମାନବର ଦାନ୍ତରେ ମହମର ଆସ୍ତରଣ ଲାଗିଥିବାରୁ ଗବେଷକଗଣ ଦନ୍ତ ଚିକିତ୍ସା ସମ୍ପର୍କରେ ଅନୁମାନ ଲଗାଇପାରିଛନ୍ତି। ଏହି ମହମର ପରସ୍ତ ଏକପ୍ରକାର ଚିକିତ୍ସା ବୋଲି ଅନୁମାନ କରାଯାଉଛି। କାରଣ ଏବେ ପର୍ଯ୍ୟନ୍ତ ସ୍ଲୋଭେନିଆର ପୁରାତନତ ବଇଦମାନେ ବିଭିନ୍ନ ପ୍ରକାର ମଲମ ଦାନ୍ତରେ ଲଗାଇ ଦାନ୍ତବିନ୍ଧାର ଉପଶମ କରିଥାନ୍ତି। ଗବେଷକଙ୍କ ମତରେ ଯଦିଓ ମହମର ପ୍ରଲେପ ଦନ୍ତ ଚିକିତ୍ସା ପାଇଁ ଲଗାଯାଇଥିବାର ଅନୁମେୟ, ହେଲେ ଏ ବାବଦରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ଅନ୍ୟ ଏକ ବିଶେଷଜ୍ଞ ଦଳଙ୍କ ମତରେ ଆଦିମାନବର ଜୀବିତ କିମ୍ବା ମୃତାବସ୍ଥାରେ ଏହି ପ୍ରଲେପ ଲଗାଯାଇଛି କି ନାହିଁ, ତାହା ମଧ୍ୟ ଜଣାପଡ଼ି ନାହିଁ।

# ମୋବାଇଲରୁ ମୁକ୍ତି ଚାହୁଁଛନ୍ତି କି ?

**ପ୍ରତ୍ୟେକ ଶତାବ୍ଦୀରେ କିଛି ନା କିଛି ବୈଷୟିକ ବିପ୍ଳବ ହୋଇଛି। ଏକବିଂଶ ଶତାବ୍ଦୀର ପ୍ରଥମ ଚତୁରାର୍ଦ୍ଧରେ ଏହାର ଶ୍ରେୟ ମୋବାଇଲକୁ ଦିଆଯାଇପାରେ । ଏଥିଯୋଗୁ ଆମର ବହୁତ ଅଗ୍ରଗତି ହୋଇଛି ଏବଂ ଏହାଯୋଗୁଁ ଅନେକ ବିପଦର ମଧ ସାମନା କରିବାକୁ ପଡୁଛି । ଆଜି ମୋବାଇଲ୍ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କାର୍ଯ୍ୟ, ଉତ୍ପାଦକତା, ମନୋରଞ୍ଜନ ଏବଂ ଯୋଗାଯୋଗରେ ଏହାର ଏକ ମୁଖ୍ୟ ଭୂମିକା ରହିଛି।**



## କିନ୍ତୁ କେତେ ଏବଂ କିପରି ?

ଆଜି ଯେତେବେଳେ ଆପଣ ଯେତେବେଳେ ଆତ୍ମ-ବିକାଶ ପାଇଁ କୌଣସି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନିଅନ୍ତି କିମ୍ବା ଶୁଣନ୍ତି ସେମାନେ ମୋବାଇଲ୍ ବ୍ୟବହାରର ସୀମା ବିଷୟରେ ନିଶ୍ଚିତ ଭାବରେ କହିଛନ୍ତି ।

ଅଫିସରେ କାମ କରିବା ହେଉ କି ଶୋଇବା ସମୟ ହେଉ କିମ୍ବା ସକାଳେ ଉଠିବା କିମ୍ବା ଗାଡି ଚଳାଇବା ହେଉ ଏମିତିକି ରାସ୍ତାରେ ଚାଲିବା ସମୟରେ କି ଗୋଟେ ସ୍ଥାନରେ କିଛି ସମୟ ଅପେକ୍ଷା ହେଉ ଆମେ ମୋବାଇଲ୍ ବ୍ୟବହାର ଛାଡି ପାରୁନାହୁଁ । ସେଥିପାଇଁ ଯେତେବେଳେ ଭଲ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଦରକାର ବୋଲି କୁହାଯାଏ ସେବେ ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲ୍ ବନ୍ଦ କରିବାକୁ ମଧ କୁହାଯାଏ ।

ଯଦିଓ ଆପଣଙ୍କର ମୁଣ୍ଡ ବୁଲାଉଛି କି ଆଖି କିମ୍ବା କାନରେ ଯନ୍ତ୍ରଣା ଯୋଗୁଁ ଆପଣ ଡାକ୍ତରଙ୍କ ପାଖକୁ ଯାଉଛନ୍ତି ତେବେ ଡାକ୍ତରଙ୍କ ପ୍ରଥମ ପ୍ରଶ୍ନ 'ଦିନରେ ଆପଣ କେତେ ଘଣ୍ଟା ମୋବାଇଲ୍ ବ୍ୟବହାର କରନ୍ତି ।' ଧ୍ୟାନର ଅଭାବ କିମ୍ବା ଧ୍ୟାନର ଅବନତିର ସମସ୍ୟାର ମୂଳରେ ମଧ ମୋବାଇଲ୍ ଫୋନ୍ ପ୍ରାୟତ ଦୋଷୀ ବୋଲି ଜଣାପଡିଛି ।

## ମୋବାଇଲ୍ ଏକ ନିଶା କାହିଁକି ?

ମନୋରଞ୍ଜନର ଅନେକ ଉତ୍ସ ଅଛି କିନ୍ତୁ ବର୍ତ୍ତମାନ ଆମର ଦୃଷ୍ଟିଭଙ୍ଗୀ ବଦଳିଛି । ବର୍ତ୍ତମାନ କେବଳ କେହି ଜଣେ ମନୋରଂଜନ ବୋଲି ଖାଲି ଦେଖିବା ସେମିତି ଆବଶ୍ୟକ ନୁହେଁ ପ୍ରତ୍ୟେକ ବ୍ୟକ୍ତି ନିଜେ ଏକ କ୍ଷୁଦ୍ର ଚଳଚ୍ଚିତ୍ର କିମ୍ବା ଭିଡିଓ ତିଆରି କରି ଏହାକୁ ସୋସିଆଲ ମିଡିଆରେ ସେୟାର କରିପାରିବ ଏବଂ ତତକ୍ଷଣାତ୍ ଲାଇକ ଓ କମେଣ୍ଟ ପାଇପାରିବ । ମୋବାଇଲ ଆସିଲା ପରେ ମନୋରଞ୍ଜନର ସଂଜ୍ଞା ମଧ ବଦଳିଯାଇଛି । ଆଗରୁ ବହି , ଟିଭି, ରେଡିଓ କି ସେହିଭଳି କିଛି ଆମ ପାଇଁ ମନୋରଞ୍ଜନର ମାଧ୍ୟମ ଥିଲା କିନ୍ତୁ ଆଜି ସେଥିରେ ଦେଉଥିବା ସବୁ ବିଷୟ ଏବଂ ତାଠୁ ଆହୁରି ଅଧିକ ମୋବାଇଲରେ ଉପଲବ୍ଧ ତେଣୁ ଖାଲି ଯୁବପିଢି ନୁହେଁ ପ୍ରାୟ ସବୁ ବୟସବର୍ଗରେ ମୋବାଇଲର ଆଦର ବଢି ଯାଇଛି । ଯେପରି ଗୃହିଣୀଟିଏ ତାର ପ୍ରିୟ ଧାରାବାହିକ ଦେଖିବାପାଇଁ ରୋଷେଇ ବନ୍ଦ କରି ଡ୍ରଇଂ ରୁମକୁ ଯିବାକୁ ପଡୁନାହିଁ । ରୋଷେଇ କରିବା ସହ ସେ ଧାରାବାହିକର ଆନନ୍ଦ ବି ସେଇ ରୋଷେଇଘରେ ନେଇପାରୁଛି । ଇଣ୍ଟରନେଟ ମାଧ୍ୟମରେ ମୋବାଇଲରେ ଜଣେ ଯେଉଁ ବିଷୟରେ ଚାହୁଁଛି ସେଇ ବିଷୟରେ ତଥ୍ୟ, ଚିତ୍ର ଓ ଭିଡିଓ ଦେଖି, ଶୁଣି ଓ ପଢି ପାରୁଛି । ଖାଲି ଦେଖିବା ପଢିବା ଶୁଣିବା ନୁହେଁ ନିଜର ପାରଦର୍ଶିତା ଥାଉ ବା ନଥାଉ ସେ ମଧ ସମ୍ପୃକ୍ତ ବିଷୟରେ ନିଜର ମତମତାକୁ ସେୟାର କରିପାରୁଛି । ତେଣୁ ମୋବାଇଲର ଆଦର ଏତେ ବଢି ଯାଇଛି ଯେ ଏହା ଏକ ନିଶା ପରି ପ୍ରାୟ ସମସ୍ତଙ୍କୁ ଗ୍ରାସ କରିବାକୁ ବସିଛି । ସବୁଠୁ ବଡକଥା ହେଲା ଟାଇମପାସ । ଆମକୁ ଯେତେବେଳେ ବି ଟିକିଏ ଖାଲି ସମୟ ମିଳୁଛି ଆମ ଛୋଟ ଛୋଟ ଭିଡିଓ ଇତ୍ୟାଦି ଦେଖିବା ଆରମ୍ଭ କରିଦେଉଛି । ବହିପରି ତାକୁ ସମ୍ପୂର୍ଣ ପଢିବା ଆବଶ୍ୟକ ପଡୁନାହିଁ ।

କେବଳ ଯୋଗାଯୋଗର ମାଧ୍ୟମ ପାଇଁ ତିଆରି ହୋଇଥିବା ମୋବାଇଲ୍ ବର୍ତମାନ ବିଶ୍ୱର ସବୁ ବ୍ୟବହାରକୁ ନିଜ କବଳକୁ ନେଇଯିବାକୁ ବସିଲାଣି । ସୋସିଆଲ ନେଟୱାର୍କ, ଚଳଚ୍ଚିତ୍ର, ଖେଳ, ମନୋରଂଜନ ,ବ୍ୟାଙ୍କିଙ୍ଗ ଇତ୍ୟାଦି ସବୁ ବିଷୟ ଆଜି ମୋବାଇଲରେ ଉପଲବ୍ଧ ।

## ବିପଦ:

ଅନାବଶ୍ୟକ ଭାବେ ସରଫିଙ୍ଗ କରିବା ଦ୍ୱାରା ସମୟର ଅପଚୟ ସହ ବେଳେବେଳେ ବିପଦପୂର୍ଣ ସାଇଟ ଦ୍ୱାରା ଭାଇରସ ଯୋଗୁଁ ଆର୍ଥିକ ଠକେଇରେ ପଡିବାର ସମ୍ଭାବନା ଥାଏ । ସାମାଜିକ ଗଣମାଧମରେ ଅଜଣା ଲୋକଙ୍କ ସହ ବନ୍ଧୁତା କରିବା ଯେତିକି ମଜାଦାର ସେତିକି ବିପଦପୂର୍ଣ ମଧ । ନଜାଣି ନଶୁଣି ଆମେ ଲୋକଙ୍କ ଫାସରେ ପଡ଼ିଥାଉ ଏବଂ ଅଜାଣତରେ ବିପଦକୁ ଠେଲି ହେଇଯାଉ । ରାସ୍ତାରେ ଚାଲୁଥିବା ସମୟରେ ଇୟରଫୋନ୍ ବ୍ୟବହାର ଯୋଗୁଁ ଆମକୁ ଯିବାଆସିବା କରୁଥିବା ଗାଡି ଶବ୍ଦ ଶୁଣିବାରେ ଅସୁବିଧା ହୋଇଥାଏ ଏବଂ ଦୁର୍ଘଟଣା ଘଟିବାର ସମ୍ଭାବନା ବହୁତ ବଢିଯାଇଥାଏ । ସେହିପରି ଅଫିସରେକାମ କରିବା ସମୟରେ ଇୟରଫୋନ୍ ବ୍ୟବହାର କାମ କରିବାର କ୍ଷମତାକୁ ହ୍ରାସ କରିଥାଏ ବୋଲି ଅନୁସନ୍ଧାନରୁ ଜଣାପଡିଛି । ଆଜିକାଲି ପ୍ରାୟ ପିତାମାତା ମାନଙ୍କର ଅଭିଯୋଗ ଯେ ପିଲାମାନେ ମୋବାଇଲ ଯୋଗୁଁ ଠିକରେ ଉତ୍ତର ଦେଉନାହାନ୍ତି । ଆମକୁ ଏହାପରି ଅନେକ ସମସ୍ୟା ମୋବାଇଲ ଯୋଗୁ ସାମନା କରିବାକୁ ପଡୁଛି ।

## କେମିତି ମୁକ୍ତି ପାଇବେ:

ଏହାର ଉପଯୋଗ ବୁଝି ଏହାର ସଂତୁଳନ ରକ୍ଷା କରି ବ୍ୟବହାର କରିବା ପାଇଁ ଚେଷ୍ଟା କରିବା । ଏଥିରୁ ମୁକ୍ତି ପାଇବାକୁ ହେଲେ ପ୍ରଥମେ ନିଜକୁ ହିଁ ଚେଷ୍ଟା କରିବାକୁ ପଡ଼ିବ । ହଜେଇଦେଇଥିବା ପୁରୁଣା ରୁଚି ସବୁକୁ ଫେରେଇ ଆଣିବାକୁ ପଡ଼ିବ । ଯେପରି ଚିତ୍ର କରିବା , ବହି ପଢିବା ଉଦ୍ୟାନ କାମ କରିବା । ଏବଂ ସବୁଠୁ ବଡକଥା ହେଲା ନିଜ ପରିବାର ସହିତ ସମୟ ଦେଲାବେଳେ ମୋବାଇଲଠୁ ସମ୍ପୂର୍ଣ ଦୂରେଇ ରହିବ ।

# କୋଲେଷ୍ଟରଲ କମାଏ ନାଲିଲଙ୍କା



ଦୀର୍ଘାୟୁ ହେବାକୁ ଚାହୁଁଛନ୍ତି ? ତେବେ ନାଲି ଲଙ୍କା ଖାଆନ୍ତୁ। ଏଥିରେ ଥିବା କୋଲେଷ୍ଟରଲ ହ୍ରାସକାରୀ ଉପାଦାନ ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ନାଲି ଲଙ୍କା ସମୁଦାୟ ମୃତ୍ୟୁହାର-ମୁଖ୍ୟତଃ ହୃଦରୋଗ କିମ୍ବା ଷ୍ଟ୍ରୋକ ମୃତ୍ୟୁହାରରେ ୧୩ ପ୍ରତିଶତ ହ୍ରାସ କରିପାରେ। ଦୈନିକ ନାଲିଲଙ୍କା ଖାଉଥିବା ବ୍ୟକ୍ତିଙ୍କ ଠାରେ କୋଲେଷ୍ଟେରୋଲ ହ୍ରାସ ପାଇଥିବା ଅଧ୍ୟୟନରୁ ଜଣାପଡ଼ିଥିଲା। ନାଲି ଲଙ୍କାରେ ମୃତ୍ୟୁହାର ଧୀର ହୋଇପାରିବ, ଏହାର ନିର୍ଣ୍ଣାୟକ ସ୍ତରରେ ଗବେଷକମାନେ ପହଂଚିନଥିଲେ ମଧ୍ୟ ସେଥିରେ ଥିବା ମୁଖ୍ୟ ଉପାଦାନ କ୍ୟାପସାଇସିନ କୋଲେଷ୍ଟେରୋଲ ହ୍ରାସରେ ପ୍ରଭାବଶାଳୀ ବୋଲି ଆମେରିକାର ଭରମୋଣ୍ଟ ୟୁନିଭର୍ସିଟିର ମୁସ୍ତାଫା ଚୋପାନ କହିଛନ୍ତି। ଅଧ୍ୟୟନ ଲାଗି ଦୀର୍ଘ ୨୩ବର୍ଷଧରି ୧୬ ହଜାରରୁ ଅଧିକ ଆମେରିକୀୟଙ୍କୁ ପରୀକ୍ଷା କରାଯାଇଥିଲା। ତେବେ ଚିକିତ୍ସା କ୍ଷେତ୍ରରେ ଲଙ୍କା ଜାତୀୟ ଉତ୍ପାଦକୁ ଏପର୍ଯ୍ୟନ୍ତ ଲାଭକାରୀ ବୋଲି ମନେ କରାଯାଇନାହିଁ। ନାଲି ଲଙ୍କା ଖାଇ ନଥିବା ବ୍ୟକ୍ତିଙ୍କ ତୁଳନାରେ ନାଲି ଲଙ୍କା ଖାଇଥିବା ବ୍ୟକ୍ତିଙ୍କ ଠାରେ କୋଲେଷ୍ଟେରୋଲ ସ୍ତର ହ୍ରାସ ପାଇଥିଲା। ପ୍ଲସ ୱାନ ଜର୍ଣ୍ଣାଲରେ ଅଧ୍ୟୟନ ପ୍ରକାଶ ପାଇଛି।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅଧିକାର ଓ ଦାୟିତ୍ୱବୋଧ...

ମଣିଷ ଜୀବନ ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ସର୍ବଶ୍ରେଷ୍ଠ ଉପହାର। ଉକ୍ତ ଜୀବନକୁ ସଫଳ, ପରିପୂର୍ଣ୍ଣ ତଥା ଯଥାର୍ଥ କରିବାକୁ ହେଲେ; ସଂକଳ୍ପ, ସଂସ୍କାର, ସୁବିଚାର ଏବଂ ସମର୍ପଣ ଭାବ ପୋଷଣ କରି ନିରନ୍ତର ନିଜର କର୍ମ ଏବଂ କର୍ତ୍ତବ୍ୟ କରିବା ଉଚିତ। ପ୍ରତ୍ୟକ ବ୍ୟକ୍ତି ନିଜର ଜୀବନ କାଳ ମଧ୍ୟରେ ଅଲଗା ଅଲଗା ତଥା ଭିନ୍ନ ଭୂମିକା ମାନ ଗ୍ରହଣ କରିଥାଏ। ପ୍ରତ୍ୟକ ଚରିତ୍ର ଏବଂ ଭୂମିକାରେ ତା'ର କିଛି ଅଧିକାର, ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଥାଏ। ସାଧାରଣତଃ, ଜଣେ ବ୍ୟକ୍ତି ପ୍ରତ୍ୟେକ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥାଏ। କିନ୍ତୁ, ଯେତେବେଳେ ଦାୟିତ୍ୱ ତଥା କର୍ତ୍ତବ୍ୟ ନିର୍ବାହ କରିବାର ସମୟ ଆସେ, ସର୍ବପ୍ରଥମେ ତା'ର ମନ ମଧ୍ୟରେ ଏକ ପ୍ରଶ୍ନ ଉଙ୍କି ମାରିଥାଏ। ତାହା ହେଉଛି ଉକ୍ତ କାର୍ଯ୍ୟ ଦ୍ୱାରା ମୋତେ କ'ଣ ପ୍ରାପ୍ତି ହେବ ତଥା ସେଥିରେ ମୋ'ର ବ୍ୟକ୍ତିଗତ ଲାଭ କ'ଣ? କିନ୍ତୁ, ପ୍ରତ୍ୟେକ ବ୍ୟକ୍ତି ଏହା ଭୁଲିବା କଥା ନୁହେଁ ଯେ, ଜୀବନରେ ଅଧିକାର ଏବଂ ଦାୟିତ୍ୱ ଏକା ସହ ଚାଲିଥାଏ। ଆଜିର ସମୟରେ ଅନେକ ବ୍ୟକ୍ତିବିଶେଷଙ୍କ ମତ ତଥା ଚିନ୍ତାଧାରା ଅନୁସାରେ ସମସ୍ତ ପ୍ରକାରର ସାମାଜିକ ଦାୟିତ୍ୱବୋଧ, ଯେପରିକି ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା, ଅସହାୟକୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କେବଳ ସରକାରଙ୍କର ଦାୟିତ୍ୱ। ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ସାଧାରଣତଃ, ଜଣେ ମଣିଷ ନିଜର ପରିବାର ତଥା ଏହାର ସଦସ୍ୟଙ୍କ ପ୍ରତି ରହିଥିବା କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ପ୍ରତି ସର୍ବଦା ସଚେତନ ଏବଂ ସଜାଗ ରହିଥାଏ। ସେଥିଲାଗି ସେ ନିଜର ସର୍ବଶ୍ରେଷ୍ଠ ଅବଦାନ ଦେବା ସହ ସମୟେ ସମୟେ ତା'ର ଅନେକ ବ୍ୟକ୍ତିଗତ ସ୍ୱାର୍ଥ, ଇଚ୍ଛା ଓ ଅଭିଳାଷକୁ ତ୍ୟାଗ ମଧ୍ୟ କରିଥାଏ। ଏପରିକି, ନିଜଠାରୁ ସେ ପରିବାରକୁ ସର୍ବଦା ପ୍ରାଥମିକତା ଦେଇଥାଏ। କିନ୍ତୁ ଅନେକ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ଯେ ସମାଜ ପ୍ରତି ଥିବା ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ସେ ଅଣଦେଖା କରିଦିଏ। ଏକ ସାମାଜିକ ପ୍ରାଣୀ ଭାବରେ ସମାଜ ବିନା ମଣିଷର ସମ୍ପୂର୍ଣ୍ଣ ବିକାଶ ଅସମ୍ଭବ। ଆମେ କହି ପାରିବା ନାହିଁ ଯେ ଜଣେ ବ୍ୟକ୍ତିର ଜୀବନ ନିର୍ବାହରେ ତା'ର ପରିବାରର ସମ୍ପୂର୍ଣ୍ଣ ତଥା ଶତକଡ଼ା ଶହେ ଭାଗ ଅବଦାନ ରହିଛି। କାରଣ ଗୋଟିଏ ଶିଶୁ ଜନ୍ମ ହୋଇ ବଡ଼ ହେବା ଏବଂ ବଡ଼ ହୋଇ ସମାଜରେ ପ୍ରତିଷ୍ଠା ଲାଭ କରିବାରେ ତା'ର ପରିବାରର ଭୂମିକା ଯେତିକି ରହିଥାଏ, ତା'ସହ ସମାଜର ଭୂମିକା ମଧ୍ୟ ସେତିକି ଥାଏ। ବିଭିନ୍ନ କ୍ଷେତ୍ରରେ ନିଜ ପଡ଼ୋଶୀଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ତଥା ସମଗ୍ର ରାଜ୍ୟ ଏବଂ ଦେଶର ତା' ପ୍ରତି ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ଅନେକ ଭୂମିକା ଏବଂ ଅବଦାନ ରହିଥାଏ। ଏ ସମ୍ପର୍କିତ ଅନେକ ଘଟଣା ଏବଂ ବିଷୟବସ୍ତୁକୁ ଆମେ କେବଳ ଅନୁଭବ ହିଁ କରିଥାଉ, କିନ୍ତୁ ସେସବୁକୁ ସ୍ପର୍ଶ କରିବା ନିମନ୍ତେ ସକ୍ଷମ ହୋଇ ପାରୁନାହିଁ। ଏଣୁ ଯେତେବେଳେ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ବିକଶିତ ହୋଇଥାଏ ତଥା ସମାଜରେ ପ୍ରତିଷ୍ଠା ଲାଭ କରିଥାଏ, ସେତେବେଳ ନିଜର ପରିବାର ସହ ସମାଜ ପ୍ରତି ମଧ୍ୟ ତା'ର ଅନେକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ରହିଥାଏ। ପ୍ରତ୍ୟେକ ବ୍ୟକ୍ତି ଉକ୍ତ ଦାୟିତ୍ୱକୁ ନିର୍ବାହ କରିବା ଲାଗି ହୁଏତ ଆର୍ଥିକ ସ୍ତରରେ ସର୍ବଦା ସକ୍ଷମ ନ'ହୋଇ ପାରନ୍ତି। କିନ୍ତୁ ନିଜର ସଦିଚ୍ଛା ଓ ଆନ୍ତରିକତା ଦ୍ୱାରା ଶାରୀରିକ ଏବଂ ମାନସିକ ସ୍ତରରେ ଜଣେ ବ୍ୟକ୍ତି ନିଜର ସାମାଜିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସବୁକୁ ନିର୍ବାହ କରିପାରିବେ। ଅନ୍ୟ ଜଣେ ବ୍ୟକ୍ତିର ଅସୁବିଧା ସମୟରେ ସେ ତା'ର ନିକଟରେ ଉପସ୍ଥିତ ରହି ସମସ୍ତ ପ୍ରକାରର ଶାରୀରିକ ସହଯୋଗ ପ୍ରଦାନ କରିପାରିବେ ଏବଂ ବର୍ତ୍ତମାନ ତଥା ଆଶଙ୍କିତ ବିପଦକୁ ସାମନା କରିବାକୁ ତଥା ସେଥିରୁ ମୁକୁଳିବାକୁ ମାନସିକ ସ୍ତରରେ ତାଙ୍କର ମନୋବଳ ବଢ଼ାଇପାରିବେ। ଯେପରି ଜଣେ ଲେଖକ ନିଜର ଲେଖନୀ ମୁନ ତଥା ଶବ୍ଦର ସମାହାର ସାହାଯ୍ୟରେ ବିଭିନ୍ନ ଲୋକଙ୍କ ମନ, ଚେତନାରେ ପରିବର୍ତ୍ତନ ଆଣି ପାରିବେ। ପରବର୍ତ୍ତୀ ମୁହୂର୍ତ୍ତରେ ଅନେକ ଲୋକଙ୍କ କାର୍ଯ୍ୟକଳାପରେ ତାହା ପ୍ରତିଫଳିତ ହେବ। ଏହାଦ୍ୱାରା ସମାଜରେ ବିଭିନ୍ନ କ୍ଷେତ୍ରରେ ଅନେକ ସୁଧାର ଆସିପାରିବ ତଥା ଏକ ସୁସ୍ଥ ସମାଜ ଗଠନ ଦିଗରେ ତାହା ବଡ଼ କାରକ ସାଜିବ। ଜଣେ ବ୍ୟକ୍ତି ନିଜର ଅବସର ସମୟରେ ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରିପାରିବେ, ଯାହାଦ୍ୱାରା ଲୋକମାନେ ବିଭିନ୍ନ କ୍ଷେତ୍ରରେ ସଚେତନ ହୋଇପାରିବେ ଏବଂ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ତାହା ମାର୍ଜିତ କରିବାରେ ସହାୟକ ହେବ। ଖାଲି ସମୟଗୁଡ଼ିକୁ ଅଯଥା ଥଟ୍ଟା, ତାମସା, ଗୁଲି-ଖଟିରେ ନଷ୍ଟ ନ'କରି ତଥା ଏହାର ସଦୁପଯୋଗ ପୂର୍ବକ, ଜଣେ ବ୍ୟକ୍ତି ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରି ନିଜର ଗ୍ରାମ ତଥା ଅଞ୍ଚଳରେ ସ୍ୱଚ୍ଛତା ତଥା ପରିମଳ, ବୃକ୍ଷରୋପଣ ଆଦି କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରିବା ସହ ବିଶେଷକରି ଆଜିର ଯୁବକ ଯୁବତୀମାନଙ୍କୁ ଏଥିଲାଗି ପ୍ରେରିତ କରିପାରିବେ ଏବଂ ତାହା ଅନ୍ୟ ସମସ୍ତଙ୍କ ପାଇଁ ମଧ୍ୟ ଏକ ସକାରାତ୍ମକ ଉଦାହରଣ ସୃଷ୍ଟି କରିବ। ଜଣେ ଶିକ୍ଷିତ ପ୍ରାପ୍ତବୟସ୍କ ବ୍ୟକ୍ତି ଯିଏ କି ଶାରୀରିକ ସ୍ତରରେ ଏହିସବୁ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଲାଗି ନିଜକୁ ଅକ୍ଷମ ଅନୁଭବ କରିବେ ସେମାନେ ନିଜର ଅବସର ସମୟରେ ଗରିବ ଅସହାୟ ପିଲାମାନଙ୍କୁ ମାଗଣା ଶିକ୍ଷାଦାନ କରିପାରିବେ। ଯୁବକଯୁବତୀମାନଙ୍କୁ ଆଗକୁ ବଢ଼ିବାରେ ଉପଦେଶ ଦେବା ସହ ସେମାନଙ୍କର ପଥ ପ୍ରଦର୍ଶକ ସାଜି ପାରିବେ। ଏତଦବ୍ୟତୀତ, ଯିଏ ଯେଉଁ ବୃତ୍ତିରେ ନିୟୋଜିତ ଅଛନ୍ତି, ସେଥିରେ ଥିବା ଦାୟିତ୍ୱ ଓ କର୍ତ୍ତବ୍ୟକୁ ସତ୍ୟ ଓ ନିଷ୍ଠାର ସହ ନିର୍ବାହ କରିବା ଦ୍ୱାରା ବିଭିନ୍ନ କାର୍ଯ୍ୟ ତଥା ବିଭାଗକୁ ଦୁର୍ନୀତିମୁକ୍ତ ମଧ୍ୟ କରାଯାଇପାରିବ, ସେଥିରେ ସ୍ୱଚ୍ଛତା ଅଣାଯାଇପାରିବ। ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରାଜ୍ୟ ତଥା ଦେଶ ଉପକୃତ ହେବ ଏବଂ ସାରା ସମାଜ ପାଇଁ ଏହା ଜଣେ ବ୍ୟକ୍ତିର ସବୁଠାରୁ ବଡ଼ ସାମାଜିକ ଦାୟିତ୍ୱବୋଧ ରୂପେ ଉଭା ହେବ।

# ଦୀକ୍ଷା



ଉମେଶ ଚନ୍ଦ୍ର ପାତ୍ର

ଦୀକ୍ଷା ନେବା ଅର୍ଥ ଦକ୍ଷତା ଲାଭର କୌଶଳ ଜାଣିବା। ସେହି କୌଶଳ ଜାଣିନେଇ ତଦନୁଯାୟୀ ଅନୁଶୀଳନ କରିବାକୁ ହୁଏ। ଆଶୀର୍ବାଦ ଅର୍ଥ ଅନୁଶାସନବାଦ। ଅନୁଶାସନକୁ ମାନିଲେ ହିଁ ଆଶୀର୍ବାଦ ମିଳେ। ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗର ପ୍ରଧାନ ଜଗକରଣ ହେଲା ପ୍ରବୃତ୍ତି। ପୁଣି ପ୍ରଧାନ ଅନ୍ତରାୟ ହେଲା ମଧ୍ୟ ପ୍ରବୃତ୍ତି। ପ୍ରବୃତ୍ତିଗୁଡ଼ିକ ସୁଖ ସ୍ୱାଚ୍ଛନ୍ଦ୍ୟ ଲାଭର ଅନ୍ତରାୟ ନହୋଇ କିପରି ଭାବରେ ସହାୟକ ହୁଏ ତା'ର କୌଶଳ ସଦ୍‌ଗୁରୁଙ୍କ ପାଖରୁ ଜଣାଯାଏ। ଅସ୍ତିତ୍ୱର ଧାରଣ, ପୋଷଣ ଓ ରକ୍ଷଣର କୌଶଳ ଯିଏ ଜାଣନ୍ତି ସେ ହିଁ ସଦ୍‌ଗୁରୁ। ତେଣୁ ଦୀକ୍ଷା ନେବା ଆବଶ୍ୟକ ସଦ୍‌ଗୁରୁ ବା ଆଚାର୍ଯ୍ୟଙ୍କ ପାଖରୁ - ଯିଏ ଆଚରଣ କରି ଜାଣିଛନ୍ତି। ଦୀକ୍ଷା ମାନେ ହିଁ ଦକ୍ଷତାର ଅନୁଶୀଳନ, ଯାହାଙ୍କୁ କରୁ ସନିତୋମୁଖୀ ଦକ୍ଷତା ସ୍ୱତଃ ହିଁ ବୃଦ୍ଧିପାଏ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଦୀ'। କହିଲେ ମୁଁ ବୁଝେ ଗୁରୁଙ୍କ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ, ତାଙ୍କ ପାଖରେ ଆତ୍ମ ସମର୍ପଣ ଓ ସେହି ମାଧ୍ୟମରେ ଦକ୍ଷତାର ଅନୁଶୀଳନ, ନୀତି ଯାହାଙ୍କ ଜୀବନରେ ମୂର୍ତ୍ତ, ତାଙ୍କୁ ବାଦ ଦେଇ ଯଦି ସେହି ନୀତିଗୁଡ଼ିକୁ ଅନୁସରଣ କରିବାକୁ ଯାଉଁ, ତାହାହେଲେ ସେହି ନୀତି ଗୁଡ଼ିକ ନାମରେ ବିଳମ୍ବ ମନଗଢ଼ା ଧାରଣାକୁ ହିଁ ଅନୁସରଣ କରିଚାଲିବୁ। ଏଥିରେ ଅଭିହିତ ବା ଖିଆଲ ହିଁ ଆମ୍ଭ ମାନଙ୍କ ପାଖରେ ଗୁରୁପନବାକ୍ୟ ହୋଇଉଠେ। ଏଥିରେ କନ୍ତୁ କିଛି ଲାଭ ହୁଏନାହିଁ। କିନ୍ତୁ ଗୁରୁଙ୍କ ପ୍ରତି ସକ୍ରିୟ ଅନୁରାଗ ଓ ତାଙ୍କର ପ୍ରେରଣା ଭିତରେ ଦେଇ କେନ୍ଦ୍ରାୟିତ ଆତ୍ମନିୟନ୍ତ୍ରଣ ଯେ କେତେ ପରିମାଣରେ ତୀବ୍ର ଗତି ସମ୍ପନ୍ନ ହୁଏ ତାହା ବର୍ଣ୍ଣନା କରିହୁଏ ନାହିଁ। ତୁମେ ଯଦି ତୁମର ମା'ଙ୍କୁ କୃପାର ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଚାଲ ଓ ତୁମର ମା ଯଦି ସେଥିରେ ସମ୍ମତି ପ୍ରଦାନ କରନ୍ତି ତାହାହେଲେ ସେହି ଚାଲିବାଟା ବହୁତ ସୁଖକର ଲାଗେ।

ପ୍ରକୃତ ଦୀକ୍ଷାରେ ମଣିଷ ହିତରେ ଦକ୍ଷତାର ସଞ୍ଚାର ହୁଏ, ଅବଶ୍ୟ ଯଦି ଠିକ୍ ଠିକ୍ ଅନୁଯାୟୀ ଅନୁଶୀଳନ କରେ। କଳକୀ ଅବତାର ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆମ୍ଭମାନଙ୍କ ଦେଶରେ ଧର୍ମ ନାମରେ ନକରି ପାନକାର ବୁଦ୍ଧିଟି ପ୍ରବଳ। କର୍ମ ବା ଅନୁଶୀଳନ ନକରି ଅଲୌକିକ ଭାବରେ ପ୍ରତ୍ୟାଶା ପୂରଣର ଧନ୍ଦା ରଖି ଯଦି ମଣିଷ ଦୀକ୍ଷା ନିଏ, ତାହାହେଲେ କିନ୍ତୁ କିଛି ହିଁ ହୁଏ ନାହିଁ। ସେଥିରେ ମଣିଷ ଆହୁରି ଅକର୍ମଣ୍ୟ ଓ ଅଳସୁଆ ହୋଇପଡ଼େ।

ତାହାଛଡ଼ା ପ୍ରତ୍ୟାଶା ମାଧ୍ୟମରେ ଗୁରୁଙ୍କ ପାଖରୁ ଦୀକ୍ଷାନେଲେ ସେଥିରେ ପ୍ରତ୍ୟାଶା ହୁଏ ମୁଖ୍ୟ, ଗୁରୁ ବା ଇଷ୍ଟ ହୁଅନ୍ତି ଗୌଣ। ଗୁରୁ ଯଦି ଗୌଣ ହୁଅନ୍ତି, ତାଙ୍କୁ ଅନୁସରଣ କରିବାର ବୁଦ୍ଧି ହୁଏନାହିଁ। ତେଣୁ ମଣିଷର ବୁଦ୍ଧି ମଧ୍ୟ ହୁଏନାହିଁ। ଇଷ୍ଟଙ୍କର ଅନୁସରଣ ଓ ଅନୁପୂରତାକୁ ହିଁ ମୁଖ୍ୟ କରି ଧରିଲେ ମଙ୍ଗଳ ସୁନିଶ୍ଚିତ।

କେହି କେହି ବ୍ୟକ୍ତି ଦୀକ୍ଷା ନନେଇ ଗୁରୁଙ୍କର ନୀତି ଗୁଡ଼ିକ କେବଳ ଅନୁସରଣ କରନ୍ତି ଓ ଗୁରୁଙ୍କୁ ମଧ୍ୟ ଭଲପାନ୍ତି। ତେଣୁ ଦୀକ୍ଷା ନେବାର ପ୍ରୟୋଜନ କ'ଣ? ଏହି ପ୍ରସଙ୍ଗରେ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ତୁମେ ଯେପରି ଭାବରେ ଯେଉଁ ଆଦର୍ଶରେ ଯେତେ ପରିମାଣରେ ସୁନିଷ୍ଠ ହେବ ସେତେ ପରିମାଣରେ ତୁମ ଭିତରେ ଅଗ୍ନି ଓ ଦୀପ୍ତି ସୃଷ୍ଟି ହେବ। ନିଷ୍ଠା ସହିତ ରହିଛି ଶିଷ୍ୟ ହେବା। ଶିଷ୍ୟ ହେବା ସହିତ ଶୃଙ୍ଖଳା ସ୍ୱତଃ ଆସିଯାଏ। ଶିଷତ୍ୱର ବୃଦ୍ଧି ନରହିଲେ ନିଜ ପସନ୍ଦ ବିରୋଧୀ ନିର୍ଦ୍ଦେଶ ମୁଣ୍ଡପାତି ମାନିନେବାକୁ ଇଚ୍ଛାହୁଏ ନାହିଁ, ବାଛି ବାଛି ନିଜର ପସନ୍ତ ହେଉଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବାକୁ ଇଚ୍ଛାହୁଏ, ଗୁରୁଭକ୍ତି ଥିବା ସତ୍ତ୍ୱେ ମଧ୍ୟ ଯେଉଁଠାରେ ନିଜର ଚାହିଦା ଓ ପସନ୍ଦ ସହିତ ଦ୍ୱନ୍ଦ ଉପୁଜେ ସେଠାରେ ଅମାନ୍ୟ କରିବାର ବୁଦ୍ଧିଥାଏ। ସନ୍ତାନ ଭାବରେ ମଧ୍ୟ ଦମ୍ଭ ଥାଏ ଯଦି ସନ୍ତାନତ୍ୱ ସହିତ ଶିଷତ୍ୱ ନଥାଏ। ସ୍ୱାମୀ ବିବେକାନନ୍ଦ କହିଛନ୍ତି - ଦ୍ୱିଧା ଓ ସନ୍ଦେହର ଲେଶମାତ୍ର ନରଖି ଗୁରୁ ଆଜ୍ଞା ପାଳନ କରିବା ହିଁ ଆଧ୍ୟାତ୍ମିକ ଜୀବନରେ ସାଫଲ୍ୟତାର ଏକମାତ୍ର ପଥ। ଗିରିଦାର ଓ ସହଦାର, ତୁମେ ଯଦି ଆତ୍ମ ସମର୍ପଣ କର ଅନ୍ୟମାନେ ତୁମକୁ ମାନି ଚାଲିବା ପାଇଁ ପ୍ରେରଣା ପାଇବେ। ତାହା ନକରି କେବଳ ପଦକ୍ଷେପ ନେଲେ ସେହି ପଦକ୍ଷେପ ମାନି ଚାଲିବା ପାଇଁ ଆଗ୍ରହ ଅନ୍ୟ ଭିତରେ ସଞ୍ଚାରିତ ହେବନାହିଁ। ବାଧବାଧକତାରେ ଯଦି କେହି ମାନିଚାଲେ ତାହା ମଧ୍ୟ ତାପାଖରେ ବିରକ୍ତିକର ଖଟଣି ପରି ମନେ ହେବ। ଯେଉଁଳି ମୁହୂର୍ତ୍ତରେ ତୁମେ ନିଷ୍ଠା ସମ୍ପନ୍ନ ହେଲ ସେହି ମୁହୂର୍ତ୍ତରେ ଦମ୍ଭ ବା ଅହଂକାର ତୁମ ପାଖରୁ ବିଦାୟ ନେବ। ସେତେବେଳେ ଆସିବ ମୂର୍ତ୍ତ ଆଦର୍ଶଙ୍କ ପାଇଁ ଗୌରବବୋଧ। ଏହାକୁ କୁହନ୍ତି ଅଭିବାତ୍ୟ ଓ ଅଭିବାତ୍ୟର ନିଦର୍ଶନ ହେଲା ଉନ୍ନତ ଆଚରଣ ଓ ଏହି ଆଭିଜାତ୍ୟ ହିଁ ଜୀବନର ନିର୍ଯ୍ୟାସ।

ଜନୈକ ଭକ୍ତ ପ୍ରଶ୍ନ କଲେ ଯଦି ଜଣେ ସଦ୍‌ଗୁରୁ ଲାଭ କରିନଥାଏ କିନ୍ତୁ ଆକୁଳ ଆଗ୍ରହରେ ଭଗବାନକୁ ଡାକେ ଓ ଭଗବାନଙ୍କ ପଥରେ ଚାଲେ ସେ କ'ଣ ଜୀବନରେ ଅନୁଗ୍ରହ ପାଇପାରିବ ନାହିଁ? ଏହି ପ୍ରସଙ୍ଗରେ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଈଷତ୍ ହସି କହଲେ - ଧ୍ରୁବ ପଦ୍ମପଳାସ-ମୋଚନଙ୍କ ପାଇଁ ପାଗଳ ହୋଇଯାଇଥିଲେ। ଦିନରାତି ତାଙ୍କୁ ବ୍ୟାକୁଳ ହୋଇ ଡାକନ୍ତି। ତାଙ୍କର ସେହି ଡାକ ଶୁଣି ପଦ୍ମ-ପଳାଶ-ମୋଚନଙ୍କର ସିଂହାସନ ଟଳମଳ ହୋଇଗଲା। ସେ ସେତେବେଳେ ନାରଦଙ୍କୁ ଡାକି କହିଲେ - ନାରଦ! ତୁମେ ଧ୍ରୁବଙ୍କୁ ଦୀକ୍ଷା ଦିଅ ତା'ନହେଲେ ତ ମୁଁ ଦେଖା ଦେଇପାରୁନାହିଁ। ସେତେବେଳେ ନାରଦ ଆସି ଦୀକ୍ଷା ଦେଲେ, ତାପରେ ପଦ୍ମ-ପଳାଶ-ମୋଚନ ଆବିର୍ଭୂତ ହେଲେ। ଶ୍ରୀ ଶ୍ରୀ ଠାକୁର ନିଶ୍ଚୟାତ୍ମନ....... କହିଲେ - ପରମପିତାଙ୍କୁ କେହି ଯଦି ଆନ୍ତରିକ ଭାବରେ ଚାହେଁ ଓ ଖୋଜାଖୋଜି କରେ ତାହାହେଲେ ପରମପିତାଙ୍କ ଦୟାରେ ତାର ଯୋଗଯୋଗ ମଧ୍ୟ ହୋଇଯାଏ। ପାଇବାକୁ ହେଲେ କରିବାକୁ ହେବ। କରି ହୁଅ ଓ ହୋଇ ପାଅ।

ପୁନର୍ବାର ଶ୍ରୀ ଶ୍ରୀ ଠାକୁର ଭାବାବେଗରେ ପ୍ରକାଶକଲେ - ମଣିଷ ଜୀବନର ଅସଲ ଚାହିଦା ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗ ନେଇ ଚାଲିବା। ସଦ୍‌ଗୁରୁଙ୍କର ଦୀକ୍ଷା ନେବା ପାଇଁ ଯେଉଁମାନଙ୍କର ଆପତ୍ତି ଥାଏ ସେମାନଙ୍କ ପ୍ରବୃତ୍ତିର ଅନୁଚରର ହୁଅନ୍ତି। ବିବାହିତ ସ୍ତ୍ରୀ ଓ ରକ୍ଷିତା ମଧ୍ୟରେ ଯେତିକି ଫରକ ଜଣେ ଦୀକ୍ଷିତ ଓ ଯୁଗଗ୍ରାହୀ ମଧ୍ୟରେ ମଧ୍ୟ ସେତିକି ଫରକ। ହିନ୍ଦୁମାନେ ଦୀକ୍ଷାକୁ ଜୀବନର ଅମୃତ ବୋଲି ମନେ କରନ୍ତି। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ମନେରଖ - ଅଚାର୍ଯ୍ୟଙ୍କ ପାଖରେ ନିଷ୍ଠା ନିପୁଣ ଅନୁରାଗ ରହିଲେ ପ୍ରୀତି-ପଚ୍ଛଳ ସମ୍ବେଦନା ନେଇ ଦୀକ୍ଷା ମନୁଷ୍ୟକୁ ଦକ୍ଷ କରିତୋଳେ। ଧୃତି ଓ କୃତି ଦୁଇଟି ହିଁ ଦୀପ୍ତ ହୋଇଉଠେ। ଏହା ସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ୍ୟ ବଢ଼ିଯାଏ। ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯତ୍ର କାଳ ବିଚାରଣା।

କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ପ୍ରାଣ ଶକ୍ତିର ଏକ ଅଖଣ୍ଡତା ରହିଛି ଯଦିଓ ତାହା ଶରୀରର ବିଭିନ୍ନ ଅଂଶ ଓ ଅଙ୍ଗ ପ୍ରତ୍ୟଙ୍ଗ ଭିତର ଦେଇ ନାନା ଭାବରେ କ୍ରିୟାକର, ପାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ନଥାଏ, ସେହିପରି ଏକକେନ୍ଦ୍ରିକତା ବାଦ ଦେଇ ସଙ୍ଘତିପୂର୍ଣ୍ଣ ଜୀବନ୍ତ ଜୀବନଦର୍ଶନ ଗଢ଼ି ଉଠିପାରେନାହିଁ। ପୁଣି ଯାହାଙ୍କୁ କେନ୍ଦ୍ର ଚାଲିବେ ସେ ସମାଧାନ ପ୍ରାପ୍ତ ଓ ସଂହତ ମନୁଷ୍ୟ ହେବା ଆବଶ୍ୟକ। ତାକୁ ହିଁ ଆମ୍ଭେମାନେ କହୁଁ ଗୁରୁ ବା ଇଷ୍ଟ ବା ଆଚାର୍ଯ୍ୟ। ତେଣୁ ଗୁରୁଗ୍ରହଣ ବା ଇଷ୍ଟ ଗ୍ରହଣ ଆମ୍ଭମାନଙ୍କ ଜୀବନରେ ଅପରିହାର୍ଯ୍ୟ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ଆଦ୍ୟ ଶିକ୍ଷା ପାଇଁ ଉଚିତ୍ ମାନଦଣ୍ଡ

ସୁବ୍ରତ ଦାସ

ଦିନଥିଲା ମୁଣ୍ଡୁଳାରୁ ଆରମ୍ଭ ହେଇଥିଲା ପ୍ରଥମ ଶିକ୍ଷା। ମାଟି ସିଲଟ ଖଣ୍ଡିକ ଆଦ୍ୟ ଶିକ୍ଷାର ଜନ୍ମଦାତା ଥିଲା। ଓମ୍ କାରରୁ ଆରମ୍ଭ ହେଉ ଥିଲା ଶିଶୁର ପ୍ରଥମ ଶିକ୍ଷା। ମାଟି ସିଲଟରୁ ଶିକ୍ଷା ଆରମ୍ଭ କରି ପରବର୍ତ୍ତୀ ଜୀବନରେ ଶିକ୍ଷାର ପ୍ରବର୍ତ୍ତକ ମଧ୍ୟ ହୋଇପାରେ ତାର କଳନା ନାହିଁ। ପ୍ରତ୍ୟେକ ଶିଶୁ ତା ଜୀବନର ଅୟମାରମ୍ଭରୁ ମାଟି ସ୍ଲେଟରେ ପ୍ରଥମ ଶିକ୍ଷା ଆରମ୍ଭ କରିଥାଏ। ସେଥିପାଇଁ ସୁନ୍ଦର ହସ୍ତାକ୍ଷର ଗଢି ତୋଳିବା, ମିଶାଣ, ଫେଡାଣ, ଗୁଣନ, ହରଣ ଭଳି ଫଳା ଗଣନା ପଣକିଆ ବର୍ଣ୍ଣମାଳା ବିବିଧ ଯୁକ୍ତାକ୍ଷର ଇତ୍ୟାଦି ସେଇ ଆଦ୍ୟ ସିଲଟରୁ ସୃଷ୍ଟି ହେଉଥିଲା। ସେହି ମାଟି ସ୍ଲେଟରେ ପୋଛି ମାଟି ଖଡ଼ିରେ ବା ଚକ୍ ଖଡ଼ିରେ ଏବଂ ବିଭିନ୍ନ ରଙ୍ଗୀନ ଖଡିରେ ଉଦା କପଡ଼ାରେ ପୋଛି ଗୀତରେ ନଈ ପାଣି ନଇକି ଯା, ମୋ ସିଲଟ ସୁଖି ଯା କହି ଶିକ୍ଷା ଦାନ ପ୍ରାପ୍ତ ହେଉଥିଲା। ସେହି ସ୍ଲେଟ ରେ ଶୃତଲିଖନ ଚିତ୍ରାଙ୍କନ କରି ଅକ୍ଷର ସୁନ୍ଦର କରିବା ସହ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ଅଭ୍ୟାସ ଜାରି ରହିଥିଲା। ପଣକିଆ ଥିଲା ମାଟି ସିଲଟର ଆଦ୍ୟ ପାଠଶାଳା। ପାଠଶାଳା ହେଉ ଅବା ଚାଟଶାଳୀ, ସ୍କୁଲ ହେଉ ବା ଅଙ୍ଗନୱାଡି ସବୁଠି ଆଦର ଥିଲା ମାଟି ସିଲଟର ଚାହିଦା। ଶିଶୁ ପାଇଁ ମାଟି ସ୍ଲେଟ୍ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା। ହୁଏତ ସମୟ ବଦଳି ଗଲାଣି, ଶିକ୍ଷାର ମାନ ବୃଦ୍ଧି ହୋଇଗଲାଣି। ଉନ୍ନତ ମାନର ଶିକ୍ଷା ସହ ଶିକ୍ଷଣ ଶୈଳୀ, ଶିକ୍ଷା ପଦ୍ଧତି ବିକଶିତ ହେଲେଣି। ସେଥିପାଇଁ ଆଜିର ଶିକ୍ଷାକୁ ସ୍ମାର୍ଟ ଶିକ୍ଷା କୁହା ଯାଉଛି। ପିଲାମାନେ ଆଧୁନିକତା ଶିକ୍ଷାଦାନ ଶୈଳୀ ଖୁବ୍ ଆପଣାଉଥିବା ବେଳେ ସୁନ୍ଦର ସୁନ୍ଦର ଡିଜିଟାଲ ଡିଜାଇନିଂରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ପାଶ୍ଚାତ୍ୟ ଦେଶ ମାନଙ୍କରେ ଡିଜିଟାଲ ପାଠ ପଢ଼ାକୁ ଲକ୍ଷ୍ୟକରି ଏବେକାର ବଡବଡ ଇଂରାଜୀ ମିଡ଼ିୟମ୍ ସ୍କୁଲ ଗୁଡିକରେ ଅତ୍ୟାଧୁନିକ କମ୍ପ୍ୟୁଟରୀକରଣ ସାହାଯ୍ୟରେ ଶିଶୁର ମନୋଭାବକୁ ଲକ୍ଷ୍ୟ କରି ଗୀତ, ନାଚ, ଦୃଶ୍ୟ, ଚିତ୍ର କାର୍ଟୁନ୍ ଭଳି ରଙ୍ଗୀନ ପରଦା ସାହାଯ୍ୟରେ ଛବି ଦେଖି ପାଠ ପଢ଼ିବା ପାଇଁ ଶିକ୍ଷା ଦିଆଯାଉଛି। ଶିଶୁର ମସ୍ତିଷ୍କ ବିକଶିତ ହେବା ପୂର୍ବରୁ ଖୁବ୍ ସହଜରେ ଦେଖି ଶିଖି ବୁଝିପାରୁଛି। ସହଜ ସରଳ ଟାସ୍କ ମାଧ୍ୟମରେ ଶିଶୁର ପାଠପଢ଼ା ଜାରି ରହୁଛି। ସେଥିପାଇଁ ବହୁ ଅର୍ଥ ମଧ୍ୟ ବ୍ୟୟ ହେଉଛି। ଯେମିତି ଆଜିକାଲି ଶିଶୁ ମାନେ ମୋବାଇଲ କୁ ଖୁବ୍ ବ୍ୟବହାର କରୁଛନ୍ତି। କ୍ଷୁଦ୍ର ମସ୍ତିଷ୍କରେ ଅନାୟସରେ ବହୁ ଯାନ୍ତ୍ରିକ କୌଶଳ, ଶିକ୍ଷା, ପ୍ରୟୋଗାତ୍ମକ ଶିକ୍ଷା ମୋବାଇଲ ସମ୍ବନ୍ଧୀୟ ଜ୍ଞାନ କୌଶଳକୁ ଖୁବ୍ ଶୀଘ୍ର ଉପଲବ୍ଧି କରି ମୋବାଇଲ ଚାଳନା କରୁଛନ୍ତି। ଏଥିପାଇଁ ତାଙ୍କର ସ୍ୱ ଶିକ୍ଷା ଆଗ୍ରହ ଏବଂ ପ୍ରଚଣ୍ଡ ବୁଦ୍ଧି ସଫଳ କରିପାରିଛି। ଅଧୁନା ବୟସ୍କଙ୍କ ମଧ୍ୟରେ ଯେଉଁ ବୁଦ୍ଧି ଜ୍ଞାନ କୌଶଳର ଅଭାବ ଅଛି, ଗୋଟିଏ କୋମଳମତି ଶିଶୁ ପାଖରେ ତାହା ନିହିତ ଅଛି। କାରଣ, ଆଜିକାଲିର ଶିଶୁ ମାନେ ଖୁବ୍ ବିଚକ୍ଷଣ ଜ୍ଞାନୀ ଓ ଆଗ୍ରହୀ। ବର୍ତ୍ତମାନ ସମୟରେ ଗୋଟିଏ ଶିଶୁକୁ ପାଠ ପଢେଇବାକୁ ଯେତକ ଇଚ୍ଛା ହେଉଛି ସେତକ ଅର୍ଥ ବାଧକ ସାଜୁଛି। ସାଧାରଣ ପରିବାରର ଶିଶୁଟିଏକୁ ବିଦ୍ୟାଳୟମୁଖି କରିବାକୁ ହେଲେ ଛଅ ବର୍ଷ ଆବଶ୍ୟକ ହୋଇଥାଏ। ମାତ୍ର ସେହି ସମୟ ମଧ୍ୟରେ ସେ ଅନେକ ଶିକ୍ଷା ଗ୍ରହଣ କରିଥାଏ। ତାହା ପିତା ମାତାଙ୍କ ପାଖରୁ ହେଉ ଅବା ପରିବାରରୁ ଅବା ସାମାଜିକ ଗୋଷ୍ଠିରୁ ହେଉ। କେଉଁଠି ଶିଶୁକୁ ପାଠ ପଢ଼ାଇବା, କେଉଁଠି ଉଚିତ୍ ଶିକ୍ଷା ମିଳି ପାରିବ, ସରକାରୀ ବିଦ୍ୟାଳୟ ନା ବେ-ସରକାରୀ ବିଦ୍ୟାଳୟ ବର୍ତ୍ତମାନ ପ୍ରଶ୍ନବାଚୀ? ପ୍ରତ୍ୟେକ ପିତାମାତା ଶିଶୁର ଭବିଷ୍ୟତକୁ ଲକ୍ଷ୍ୟକରି ସୁନ୍ଦର ବିଦ୍ୟାଳୟ, ସୁନ୍ଦର ପରିବେଶ, ଉତ୍ତମ ଶିକ୍ଷାଦାନ, ଉତ୍ତମ ସଂସ୍କାର ପାଇଁ କେଉଁଠି ଯଥାର୍ଥ, ତାହା ପିତାମାତା ନିର୍ଣ୍ଣୟ କରିବା ପାଇଁ ଦ୍ୱନ୍ଦରେ ପଡ଼ୁଛନ୍ତି। ବଛା ବଛା ବିଦ୍ୟାଳୟ, ଗାଆଁ ଗଣ୍ଡାଠାରୁ ଆରମ୍ଭ କରି ପଞ୍ଚାୟତ, ବ୍ଲକ, ସଦର ମହକୁମା ଯାଏ ମହଜୁଦ ଅଛି, କିଏ ପିଲାମାନଙ୍କୁ ନିଜ ଅନୁଷ୍ଠାନ କୁ ଆଣିବାକୁ ଚେଷ୍ଟିତ ତ କିଏ ନିଜ ଅନୁଷ୍ଠାନ ନାମ, ପରିଚୟ ଯଶ ପ୍ରସିଦ୍ଧି ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରି ଅଭିଭାବକଙ୍କୁ ଆକୃଷ୍ଟ କରୁଛନ୍ତି। ବେସରକାରୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକ ରେ ପିଲାମାନଙ୍କୁ ବିଭିନ୍ନ ଉନ୍ନତ ଶୈଳୀରେ ପାଠ ପଢେଇବା, କ୍ୟାରିଅର କାଉନସେଲିଂ, ଭବିଷ୍ୟତରେ ଚାକିରି ପାଇଁ ସୁଯୋଗ, ଇଣ୍ଟରର୍ଭ୍ୟୁ ମାନଙ୍କରେ ସଫଳ ପାଇଁ ପିଲାମାନଙ୍କୁ ସହଜ ହେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ପାରଙ୍ଗମ ଥିବା ରୁଚିରେ ଆଗକୁ ବଢିବା ପାଇଁ ସୁଯୋଗ ସୃଷ୍ଟି କରିବାରେ ଅଭିଭାବକଙ୍କୁ ପ୍ରଲୋଭିତ କରନ୍ତି। ଅଭିଭାବକ ମାନେ ମଧ୍ୟ ପିଲାଙ୍କୁ ଉତ୍ତମ ଶିକ୍ଷାଦାନ ପ୍ରାପ୍ତ କରିବା ସହ ଉତ୍ତମ ଆଚାର, ବ୍ୟବହାର, ସଂସ୍କାର, ଭକ୍ତି, ଆଧ୍ୟାତ୍ମିକଭାବନ ପରିବେଶରେ ଶିକ୍ଷା ଗ୍ରହଣ କରିବା ପାଇଁ ବିଭିନ୍ନ ଶିକ୍ଷା କେନ୍ଦ୍ର, ଆବାସିକ ବିଦ୍ୟାଳୟ, ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ଶିକ୍ଷା କେନ୍ଦ୍ର ମାନଙ୍କ ବିଦ୍ୟାଳୟ ରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ସରକାରୀ ବିଦ୍ୟାଳୟରେ ନିଯୁକ୍ତ ଥିବା ଉତ୍ତମ ଗୁଣବତ୍ତା ଶିକ୍ଷକ, ଉତ୍ତମ ଶୈକ୍ଷିକ ପରିବେଶ ସହ ଅଧୁନା ଆଧୁନିକ ଶୈଳୀରେ ଶିକ୍ଷାଦାନ ପାଠ ପଢ଼ିବା ପାଇଁ ଅଭିଭାବକ ମାନେ ପିଲାମାନଙ୍କୁ ପଠାଉଛନ୍ତି। ଆଉ କେତେକ ଅଭିଭାବକ ମାନେ ବିଦ୍ୟାଳୟର ଉତ୍ତମ ଫଳାଫଳ, କୃତୀ ଛାତ୍ରଛାତ୍ରୀ ମାନଙ୍କ କୃତିତ୍ୱକୁ ଲକ୍ଷ୍ୟକରି ସେହି ନିର୍ଦ୍ଦିଷ୍ଟ ବିଦ୍ୟାଳୟକୁ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ମନ ବଳାଉଛନ୍ତି। ମାତ୍ର, ଶିକ୍ଷାର ବିଭିନ୍ନ ଢଙ୍ଗ, ବିଭିନ୍ନ ଶୈଳୀ, ବିଭିନ୍ନ ମାଧ୍ୟମକୁ ପ୍ରଚାର ପ୍ରସାର କରି ବ୍ୟବସାୟ କରଣ କରି କେତେକ ଅନୁଷ୍ଠାନ ଖୁବ୍ ମୁନାଫା ପାଉଛନ୍ତି। ସେଥିପାଇଁ ବହୁ ଆଗ୍ରହୀ ଅଭିଭାବକ ମାନେ ଅର୍ଥର କାରଣ ସକାଶେ ପିଲାମାନଙ୍କର ଇଚ୍ଛା ଶକ୍ତିକୁ ମାରି ବଡ଼ ବଡ଼ ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ସାଧାରଣ ଘରର ପିଲାଟିଏ କିଂକର୍ତ୍ତବ୍ୟମୂଢ଼ ହୋଇ ବାଧ ହୋଇ ଗାଁ, ଘର ପାଖ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ବିଦ୍ୟାଳୟକୁ ପ୍ରଥମତଃ ପ୍ରେରଣ କରୁଛନ୍ତି। ମାତ୍ର ଧନୀକ ଶ୍ରେଣୀର ବ୍ୟକ୍ତି ଏହି ସବୁ ଅନୁଷ୍ଠାନ ପ୍ରତି ବିମୁଖ। ନିଜର ପିଲାମାନଙ୍କୁ ଆବାସିକ ବିଦ୍ୟାଳୟ, ଘରେଇ ବିଦ୍ୟାଳୟ, ବୋର୍ଡିଂ ସ୍କୁଲ, ଇଂରାଜୀ ମିଡ଼ିୟମରେ ପାଠ ପଢେଇ ବାକୁ ଶ୍ରେୟସ୍କର ମନେ କରୁଥିବା ବେଳେ ଭାଷଣ ବାଜିରେ ମୋ ବିଦ୍ୟାଳୟ, ମୋ ଗର୍ବିତ କୁହନ୍ତି। କାହିଁକି ଛତୁ ଫୁଟିଲା ପରି ବିଦ୍ୟାଳୟ ଖୋଲାଯିବା ସତ୍ତ୍ୱେ ଅଭିଭାବକ ମାନେ ଚିନ୍ତାରେ ପଡନ୍ତି, କେଉଁଠି ଗୋଟିଏ ଶିଶୁ ପାଇଁ ପ୍ରକୃତ ଅନୁଷ୍ଠାନ, କେଉଁଠି ଶିଶୁଟି ଉଚିତ୍ ଶିକ୍ଷାଦାନ ପାଇ ପାରିବ ବା କେଉଁ ପରିବେଶ ଟି ଶିଶୁ ପାଇଁ ଅନୁକୂଳ ହୋଇ ପ୍ରକୃତ ଉଚିତ୍ ଶିକ୍ଷାଦାନ ପାଇ ପାରିବ, ସେଥିପାଇଁ ବହୁ ସମୟରେ ଦ୍ୱନ୍ଦରେ ପଡ଼ିବା ସହ ଖୋଜି ବୁଲନ୍ତି। ଭଲ ସ୍କୁଲଟି କେଉଁଠି। ପ୍ରଥମତଃ ଯେଉଁ ଅନୁଷ୍ଠାନ ଶିକ୍ଷାନୁଷ୍ଠାନ ହେଉନା କାହିଁ କି, ଶିଶୁ ପାଇଁ ଶିଶୁ ମୈତ୍ରୀ ଅନୁକୂଳ ପରିବେଶ ହେବା ଉଚିତ୍। ଯେଉଁଠି ଶିଶୁଟି ଉକ୍ତ ପରିବେଶକୁ ନିଜ ମନ, ଆବେଗ, ଭଲ ପାଇବା ସହ କିଛି ଶିକ୍ଷା ପାଇବା ପାଇଁ ଆଗ୍ରହ ପ୍ରକାଶ କରିବ। ଶିଶୁକୁ ସୁହାଇଲା ଭଳି ପରିବେଶ ବିଦ୍ୟାଳୟଟି ହେବା ଉଚିତ୍। ଶିଶୁ ନିଜ ଅଭିଭାବକ, ପରେ ପରେ ବିଦ୍ୟାଳୟକୁ ଆପଣାର ଭାବିବା ସହ ଶିକ୍ଷା ଗ୍ରହଣ କରିବାରେ ସମୟ ଅତିବାହିତ କରିବାକୁ ଦ୍ୱିଧା ମନେ ନ କରିବା। ସେଥିପ୍ରତି ପ୍ରତ୍ୟେକ ଅନୁଷ୍ଠାନର ମୁଖ୍ୟ ଦୃଷ୍ଟି ରଖିବା ଉଚିତ୍। ପ୍ରତ୍ୟେକ ଶିକ୍ଷକ, ଶିକ୍ଷିକା ଶିଶୁ ମାନଙ୍କୁ ଯଥାଚିତ ସ୍ନେହ, ମମତା, ଆପଣାର ମନେକରି ଉତ୍ତମ ସଂସ୍କାର ସହ ସୁନ୍ଦର ବାତାବରଣ ଶିଶୁର ମନରେ ଉଦ୍ରେକ କରି ଶିକ୍ଷାଦାନ କରିବାର ଶୈଳୀ, କୌଶଳ ସୃଷ୍ଟି କରିବା ଉଚିତ୍। ତେବେ ପ୍ରତ୍ୟେକ ଶିଶୁ ଓ ଅଭିଭାବକ ବିଦ୍ୟାଳୟ ମୁଖୀ ହେବେ। ଶିକ୍ଷାର ଉଚିତ୍ ମାନଦଣ୍ଡ ପ୍ରସ୍ତୁତି ହୋଇପାରିବ ଏବଂଶିକ୍ଷାର ମାନ ନିର୍ଣ୍ଣୟ ହୋଇ ପାରିବ।


+ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩


## କବିତା କୋଣାର୍କ

### ଆଉ କାହାକୁ ନ ଦିଅ

ନିରଞ୍ଜନ ସାହୁ

ଯେମିତି ଭାଗ୍ୟଟେ
ମୋତେ ଦେଇଅଛ
ସେମିତି କାହାକୁ ନ ଦିଅ
ସପନ ଦେଖାଇ ନିଦ ଭାଙ୍ଗିଦେଇ
ରାତିକୁ ସ୍ୱପ୍ନରୁ ନ ନିଅ।

ଭଗବାନ ତୁମେ ଭାଗ୍ୟର ବିଧାତା
ଟାଣିଛ କପାଳ ରେଖା
ଏମିତିଆ ରେଖା ଟାଣିଛ ଠାକୁରେ
ଦୁଃଖ ସାଥେ ନିତି ଦେଖା
ସୁଖର ସପନ ବେଳେବେଳେ ଆସେ
କଳ୍ପନାଜଳ୍ପନାର ଖିଅ।

କେ' କହେ ପ୍ରାରବ୍ଧ ଫଳ ଭୋଗୁଅଛୁ
କେ' କହେ କର୍ମର ଫଳ
ସବୁ କର୍ମଫଳ କାଟିପାର ତୁମେ
ତୁମେ ମୋ ମନର ବଳ
ସାଧାରଣ ଭାବେ ବଞ୍ଚିବାକୁ ଚାହେଁ
ମାଗୁନାହିଁ ମୁଁ ଦୁଧ, ଘିଅ।

ସର୍ବଶକ୍ତିମାନ ନିବେଦନ ଘେନ
କ୍ଷମା କରିଦିଅ ଦୋଷ
ଅଧମ ଅକ୍ଷମ ଜନ ଠାରେ ପ୍ରଭୁ
କାହିଁକି ବହୁଛ ରୋଷ
କ୍ଷମି ଅପରାଧ ହୁଅ ଶୁଭପ୍ରଦ
ମୁହିଁ ଅଟେ ତୁମରି ଝିଅ।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩


### ବାପା

ସୁଜିତ କୁମାର ମିଶ୍ର

ଜୀବନ ଜଂଜାଳର
ବୁଢ଼ିଆଣୀ ଜାଲ ଭିତରେ ବି
ବାପା, ଘଣ୍ଟାର ଟିକଟିକ ଶବ୍ଦ ପରି
ସମୟ ମୁହାଣୀ ଲୁହ ଛଳଛଳ ଛବି।

ରୁଦ୍ର ବୈଶାଖରେ ତାତେ ମାଟି
ବାପା ସେ ବୈଶାଖରେ ଜଳି ଜଳି
ବସନ୍ତର ବଶୀଭୂତ ରଙ୍ଗଝୋଟି।

ନୀରୁତା ନିର୍ଭେଜାଲ୍ ମଣିଷ ବାପା,
ସଂସାର ସ୍ୱାର୍ଥରେ ନଇଁପଡୁଥିବା
ବେଳେ
ସେ ପଡନ୍ତିନି ଫିକା,
ସତେ ସେ ଯେପରି ମେଘଦୂତରୂପୀ
ଆମ ସୁନେଲୀ ସ୍ୱପ୍ନର ବର୍ଷା।

ସେ ଜୀବନ ଆକାଶର
ଆକର୍ଷଣୀୟ ବର୍ଷାରାତି,
ଦୁଃଖର ମରୁବନରେ ମନ୍ତୁରା ଜଳର
ସମ୍ମୋହିତ ପ୍ରୀତି,
ସକଳ ଥରିଲା କଷଣରେ
ଚମ୍ପାଫୁଲର ସକାଳ ପରି
ଚହଟୁଥାଆନ୍ତି,
ଏମିତିକା ଦ୍ୱାର ସେ
ଚିରକାଳ ଖୋଲାମେଲା
ଆକାଶର ଆଖିପରି
ସଭିଙ୍କୁ ପାଛୋଟି ନିଅନ୍ତି।

ଶ୍ରାବଣର ମଧୁର ଚୁମାରେ
ଗଛ ହୁଏ ସବୁଜ ପଲ୍ଲବିତ,
ବାପା ତତଲା ଶ୍ୱାସରେ
ଥୁଣ୍ଟାଗଛର ଅଭିଶପ୍ତ ଦେହ
ମାତ୍ର ମମତା ନଈର ଗୀତି ମୁଖରା
ସ୍ରୋତ,
କିଏ କଣ ମନେ ରଖିପାରିଛି
ବାପାଙ୍କ ଜୀବନ ଗଣିତ ଏଯାବତ?

ପକ୍ଷୀର କୂଜନ ପରି
ତାଙ୍କ ଆକଟର ବାଣୀ,



କି ବିଦଗ୍ଧ ସେ ବାପାପଣ,
ଭିଜାଭିଜା ସ୍ୱାର୍ଥ ପାଇଁ
ବାରମାସୀ ମୌସୁମୀର ଶ୍ରଦ୍ଧା କାହାଣୀ,
ସଂସାର ଘରକୁ ଆଲୋକିତ କରେ
ସେ ନାୟକଙ୍କ ଅନୁରାଗ ଆଖିର
ଅପୂର୍ବ ରୋଷଣୀ।

ଶିକ୍ଷାରେ କଲେଜ ମାଟି ମାଡି ନଥିବା
ମଣିଷ ଜଣକ କିନ୍ତୁ ଜଣେ ବାଗ୍ମୀ ପଣ୍ଡିତ,
ବିସ୍ମୟ ବର୍ଣ୍ଣବୋଧ,
ଅହରହ ଜ୍ଞାନ ବିତରଣ କରି
ଆମକୁ ଶୂନ୍ୟରୁ ସଫଳତାକୁ
ନେଇଯାଉଥିବା
ସେ ପ୍ରଚ୍ଛଦପଟ ନାୟକ,
ଚିରାଫଟାର ବେଶଭୂଷାକୁ
ନିଜର ବୈଭବ ମନେକରି
ସେ ଚିରକାଳ ଆମ
ଆଲୋକିତ ସ୍ରୋତ।

ଆମ ନୂଆ ପୋଷାକରେ ସେ ନୂଆ,
ଆମ ପୁରୁଣାରେ ସେ ଲୁହ ଛାୟା,
ସେ ଏତବଡ ହରିଶ୍ଚନ୍ଦ୍ର
ଯାହାଙ୍କ ଦାନ ଦରଦୀପଣର
ସମୁଦ୍ର କାୟା,
ଅନେକ ଶୁଣିପାରନ୍ତିନି କିନ୍ତୁ ପ୍ରଚଣ୍ଡ
ତାତିରେ ଆଙ୍କାମାଙ୍କା ବାପାଙ୍କ ଆହତ
ରାହା।

ଆମେ ଯାବତ୍ ଯୋଗ୍ୟତାରେ ବିଞ୍ଚ,
ସେ ଦୀପ ଦେହ ପରି ଯଞ୍ଚ,
ବାପାଙ୍କ ଚରୁର ଚମକରେ
ଆମେ ସଫଳ ଜୀବନର ଗୀତି ଛନ୍ଦ,
ସେଇଥିପାଇଁ ତ ସେ
ସବୁରି ହୃଦୟରେ ଅଯାଚିତ
ସଞ୍ଚିତ ମକରନ୍ଦ।

କାଠ ପୋଡି ହୁଏ ଅଙ୍ଗାର ପାଉଁଶ,
ବାପା ଗଲାପରେ ବି
ଶୂନ୍ୟରୁ ଶ୍ରାବଣର ଧାରା ପରି
ଝରୁଥାଏ ମଧୁ ଆଶିଷ।

ବାପାଙ୍କୁ ଚିହ୍ନିବାକୁ
ଗୋଟିଏ ଦିନର ତପ କଣ
ଆମ ସମ୍ବେଦନର ମହନୀୟ ମାପ?

ବାପାଙ୍କ ବିଶାଳ ନୀଳ ଆକାଶରେ
ଉଡୁଥାଉ ସେ ସ୍ୱାର୍ଥୀ ମନପକ୍ଷୀ
ସବୁ ସ୍ୱାର୍ଥକୁ ଦେଇ ଆହୂତି।


+ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର
ମୋ: ୭୬୮୩୮୬୭୭୪୨



## ହାଟ
### ରାଜେଶ କୁମାର ମୁଣ୍ଡ

ସତରେ କ'ଣ
ଦୁନିଆଟା ଗୋଟେ ହାଟ ?

ହଁ, ହେଇଥିବ !
କିନ୍ତୁ ଏ ହାଟକୁ ଆସିବା ଓ
ବାହୁଡ଼ିବା ଚିରନ୍ତନ ସତ୍ୟ,
କାହାର ଯୁ' ନାହିଁ କହିବାକୁ
କେତେଦିନ କିଏ ବେପାର କରିବ
କିଏ ବିକାଳି, କିଏ କ୍ରେତା
କିଏ ଦଲାଲ, କିଏ ନେତା ।

ଏଇ ହାଟରେ କ'ଣ ସବୁ ମିଳେ
କେଜାଣି ?
ଭଲ ପାଇବା ନିହାତି ପ୍ରଚୁର ମିଳୁଥିବ,
ମିଛ ବି ହେଉ ନା କାହିଁକି ।
ସ୍ୱାର୍ଥ, ଲୋଭ, ଲାଂଛନା, ଅତ୍ୟାଚାର
ଏସବୁ କୁଆଡ଼େ ଭାରି ଶସ୍ତା,
ନିଃସ୍ୱାର୍ଥପର, ଆତ୍ମୀୟତା, ଭଲ
ପାଇବାପଣ
ଏମାନଙ୍କ ଦାମ ବଢ଼େ ପ୍ରତି କ୍ଷଣ ।
ଜାତି, ଧର୍ମ ଭେଦଭାବ ସତରେ
ମାହାଳିଆ
ଆଉ ସବୁଠୁ ଶସ୍ତା ମୁଁ'ପଣ
ହାଟରେ ଅଧିକ ତା' ଯୋଗାଣ ।

ହେଇଥିବ, ମୁଁ କିନ୍ତୁ ଜାଣେ
ଚକ୍ରବ୍ୟୁହ ପରି ଏଇ ହାଟରେ ଅନେକ
ଦ୍ୱାର,
ଯିଏ ଭିତରକୁ ଯିବା ଜାଣିଛି
ନିହାତି ଜଣାଥିବ ଫେରିବା ବାଟ
ନହେଲେ ଫସିବ ବୁଢ଼ିଆଣି ଜାଲରେ ।

ଆଉ ଯିଏ ସଫଳ ବେପାରୀ
ସିଏ ଅତିକ୍ରମି ଯାଏ
ଦ୍ୱାର ପରେ ଦ୍ୱାର,
ହାଟ ସରିବା ଯାଏଁ ।


♥ଧର୍ମଗଡ଼, କଳାହାଣ୍ଡି ୭୬୬୦୧୫
ମୋ ନଂ. ୯୫୮୩୮୪୨୩୨୫


## ସମାପ୍ତର ଶେଷ ଅଙ୍କ
### ଲକ୍ଷ୍ମୀପ୍ରିୟା ସାହୁ (ମାଇତି)



ଏଇ ...!
ସେମାନେ ତ ଆଉ ଫେରିଲେନି
ଯୋଉ ମାନେ ଚାଲିଗଲେ
ଅଭିନୟ ଶେଷ କରି ?

ମନେଅଛି ...!
ସେମାନେ କହୁଥିଲେ
ଠିକ୍ ଏମାନଙ୍କ ପରି...
ଏ ଗାଡ଼ି ମୋର, ଏ କୋଠା ମୋର
ଏ ଆକାଶ ମୋର...ଏ ଜମି ବି ମୋର
ହେଲେ କାହିଁକି ପାରିଲେନି ତ...
ନିଜ ଦେହ ଆଉ ପ୍ରାଣଟାକୁ ଆପଣାର
କରି ?

ଦେଖିଛ ...କେମିତି ଛାଡ଼ିଗଲା ରଙ୍ଗ
ତାଙ୍କ ସତେଜ ମୁହଁରୁ
କେମିତି ଲିଭିଗଲା କଜଳ
ତାଙ୍କ ତଳ ଦୁଇ ପତା ଆଖି ଧାରରୁ
କେମିତି ଧୋଇଗଲା ନାଲି ଲେପ
ତାଙ୍କ ଦୁଇ ସ୍ନିଗ୍ଧ ଓଠରୁ ?

କୁଆଡେ ଲୁଚିଗଲା ଦେଖ ତାଙ୍କ ଗାରିମା
ତାଙ୍କ ଅହଂକାର
ତାଙ୍କ ପ୍ରତିପତ୍ତି ପଣିଆ
ଦେ ?ହ ମୁହଁ ଚିହ୍ନ ବର୍ଣ୍ଣ !

କହୁନ...!
ଦେଖିଛ କି ଦରମା ନେଲା ଭଳି
ସେମାନେ ଥଳିରେ କିଛି ଲୁଚେଇ
ନେଇଗଲେ କି ଯିବାବେଳେ ?

କିନ୍ତୁ
ମୁଁ ତ ଦେଖିଛି
ସେମାନେ କିଛି ନେଲେନି
ଧନ ଜନ ଜ୍ଞାନ ଗୋ ?ରବ
ଲାଜ ଲଜ୍ୟା ସବୁ ଛାଡ଼ିଗଲେ
ଶେଷରେ ଲଙ୍ଗଳା ହୋଇ
ନିଆଁରେ ପୋଡ଼ି ଭସ୍ମୀଭୂତ ହେଲେ।

ଏଥର ଆମର ପାଳି
ଚାଲନା ସେମାନଙ୍କ ପରି ନହେଇ
ଏବେ ନିଜକୁ ଟିକେ ସୁଧାରିବା
ନିଜକୁ ବଡ଼ ନ ଭାବି
ଅଦୃଶ୍ୟରେ କେହି ଜଣେ
ଆମ ଉପରେ ଅଛି ବୋଲି ତାଙ୍କ
ନିର୍ଦ୍ଦେଶରେ
ଆମେ ଏକ ସାମାନ୍ୟ କ୍ରୀତଦାସ
ଭାବିନେବା।


♥ସମ୍ପାଦିକା -' ଅନ୍ତରୀକ୍ଷ '


## ଜୀବନ ହିଁ ଏକ ବ୍ୟାକରଣ
### ରଞ୍ଜିତା ରାଉଳ



ଅକ୍ଷର ମିଳନ ଅର୍ଥ ପ୍ରକାଶରେ
ଶବ୍ଦଟି ଗଠନ ହୁଏ
ଶବ୍ଦ ଗଠନର ସଂଯୋଗ ଭିତ୍ତିରେ
ପଦ ପ୍ରକରଣ ଥାଏ ।

ଶବ୍ଦ ଓ ଶବ୍ଦର ମିଳନରେ ଯେବେ
ପୂର୍ଣ୍ଣଭାବ ଆସୁଥାଏ
ସେଇ ଭାବଅର୍ଥ ପୂର୍ଣ୍ଣତା ପାଇକି
ବାକ୍ୟ ରୂପାନ୍ତର ହୁଏ ।

ମାନବ ଜୀବନେ ବାକ୍ୟର ସୂଚନା
ଧ୍ୱନି ପ୍ରକମ୍ପିତ ହେଲେ
ସେହି ଧ୍ୱନିହୁଏ ସରସ ସୁନ୍ଦର
ସମ୍ବନ୍ଧ ତତ୍ତ୍ୱ ରଖିଲେ ।

ପ୍ରତ୍ୟେକ ପଦ ଯେ ବାକ୍ୟଟିରେ ଥାଏ
ଗୋଟିଏ ଗୋଟିଏ ଅଂଶ
ସେ ଅଂଶ ମହତ୍ତ୍ୱ ମାନବ ଜୀବନେ
ଗଢଇ ମୁଖ୍ୟ ବିଶେଷ ।

ଶବ୍ଦର ଚାଳନା ଶୁଦ୍ଧ ହୋଇଗଲେ
ମହତ ମଣିଷେ ଗଢା
ଶବ୍ଦ ଚାଳନାରେ ଅଶୁଦ୍ଧି ଆସିଲେ
କେହି ଜଣେ ନାହିଁ ଲୋଡ଼ା ।

ପାଣି ସୁଅ ପରି ଶବ୍ଦଟି ଖସଡା
ଚାଲିଗଲେ ଫେରେନାହିଁ
ଅପ ଶବଦରେ ବନ୍ଧୁତା ଜୀବନ
ଶୋଭା କେବେ ପାଏନାହିଁ ।

ସରଳ, ଯୌଗିକ, ଜଟିଳ ମାର୍ଗରେ
ବାକ୍ୟର ଦିଗ ସୂଚାଏ
ସତ୍ତ୍ୱ, ରଜ, ତମ ଏହି ତିନି ଗୁଣ
ତା ସାଥିରେ ଶୋଭାପାଏ ।

ଜୀବନଟା ଗଢା ଶବ୍ଦ ଗନ୍ତାଘର
ଜ୍ଞାନର ନିଳୟ ହୋଇ
ଭାବାର୍ଥ ବାକ୍ୟରେ ପଦଟି ଗଢିଲେ
ସମାସଟି ହେଉଥାଇ ।

ମାନବ ଜୀବନ ନୁହଁଇ ସହଜ
ଜୀବନ ହିଁ ବ୍ୟାକରଣ
ବାକ୍ୟ ଉଚ୍ଚାରଣ ଶୁଦ୍ଧ କରୁଥିଲେ
ଶତ୍ରୁର ଜିତିବ ମନ ।


♥ରାଜ୍ୟ ସହ ସଂପାଦିକା
ଓଡ଼ିଶା ସାହିତ୍ୟିକ ସଂଗଠନ,
ଭୁବନେଶ୍ୱର (ଓଡିଶା)


## ଏମିତି ମୂହୁର୍ତ୍ତ ନ ଆସୁ କାହାର
### ଅରୁଣ କୁମାର ଦାସ



ଜାଣେନା ଜୀବନରେ କି ଉପକାରରେ
ଆସିଛି କାହାର କେତେବେଳେ
କେଉଁ ଅବସ୍ଥାରେ
ହସ ଉକୁଟେଇବାରେ ହେଇଛି ସକ୍ଷମ
କାହା ଓଠେ
ଅପସରି ଯାଇଛି ମୋର ସ୍ମୃତି କୋଷରୁ
ଗୋଟି ଗୋଟି କରି
ଏକଦମ ମହାଶୂନ୍ୟର ଭଂଡାର ।
ବରଂ ଭୂଲି ପାରିବିନି
ମୋର ପିଂଡରେ ପ୍ରାଣ ଥିବା ଯାଏ
ଅପସାରଣ କରିବା ମୋର ମାତୃ ତୁଲ୍ୟା
ଭାଉଜର ହାତରୁ ସଧବାର ସଂତକକୁ
ଯେଉଁ ହାତ ମୋର
ପିଂଡରେ ପ୍ରାଣ ସଂଚରି ଥିଲା
ଯେଉଁ ପାଦକୁ ମୁଁ ମଥା ନୁଆଁଇ ପ୍ରଣିପାତ
କରୁଥିଲି, ସେ ପାଦରୁ
ଖୋଲିବାକୁ ହେଲା ଝୁଣ୍ଟିଆ
ଯେଉଁ ବାହା ଦି ଟା ମୋର ଥିଲା ସାହା
ମୋତେ ଦେଉଥିଲା ସଦା ରାହା
ଉତାରି ଥିଲି ସକଳ ମନାସର
ଦଶ ଗଂଠି ଥିବା ବ୍ରତ ।
ଦାଉ ଦାଉ ଦିଶୁ ଥିବା ମଂଗଳ ସୂତ୍ରଟି
ବାଦ୍ ବି ପଡି ନ ଥିଲା
ସେଇ ନିଷ୍ଠୁର ତଥା କ୍ରୁର ପ୍ରଥାରୁ
ତାକୁ ବି ଫିଂଗି ଦେଇ ଥିଲି ଅତୁଠରେ ।

ଦିନେ ସିଧା ଚାହିଁ ନ ଥିବା ମଥାକୁ
ଚାହିଁ ବି ପାରିଲି ନାହିଁ
ଭିଜି ଯାଇଥିଲା ମୋର ତତଲା ଲୁହରେ
ଥିଲା କଣ ଯେ, ମୁଁ ଲିଭାଇବି ?
ଗୋଟାଇ ଗୋଟେଇ ଏକାଠି କରି
ଗୁଡେଇଲି ମୋ ଗାମୁଛାରେ
ବିସର୍ଜନ କଲି ଜଳାଶୟେ
ଭସେଇ ଦେଲି ମୋ ଭାଇର ସବୁ
ସନ୍ତକଗୁଡିକୁ, ସବୁ ଦିନ ପାଇଁ
ଏମିତି ଦୁର୍ଭାଗ୍ୟ କାହାର ନ ଆସୁ
ଏତିକି ମାଗୁଣି ତୋ ରଂଗା ପୟରେ ।


♥ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା,ଯାଜପୁର
(ମୋ) ୯୯୩୮୭୩୩୦୭୫


## ତୁମେ ଆଉ ମୁଁ
### ମଞ୍ଜୁଲତା ସାହୁ



ତୁମେ ଫେରି ଯାଇଥିବା ମଗୁଶିର ସ୍ମୃତି
ମୁଁ ପହିଲି ପଉଷ ଶୀତ
ତୁମେ ସରି ଆସୁଥିବା ପାହାନ୍ତି ସପନ
ଯାର ଭାବନା ରେ ମୁଁ ତୃପ୍ତ ।

ତୁମେ କାକରରେ ଭିଜା ନିବିଡ ଅନ୍ଧାର
ମୁଁ ସଜ ଶେଫାଳୀର ଦେହ
ତୁମେ ନୂଆ ସକାଳର ଅୟୁତ ଆକାଂକ୍ଷା
ମୋ ହୃଦର ଅଜଣା କୋହ ।

ତୁମେ ମୁଦା ଲଫାପାରେ ହୃଦୟର ଭାଷା
ମୋ ଅବୁଝା ମନର ଗୀତି
ତୁମେ ଗୋପନ ଗପର ଅବୁଝା ସଂଳାପ
ମୋ ଭାବନାରେ ତୁମେ ଇତି ।

ତୁମେ ଅଦିନ ଆକାଶେ ଭସା ମେଘ ଗୋଟେ
ମୁଁ ସୁନା ସୋରିଷ କ୍ଷେତଟେ
ତୁମେ ଅସ୍ତ ରାଗର ଅଳସ ଗୋଧୂଳି
ମୁଁ ଅସମ୍ପୂର୍ଣ୍ଣ ଇଛା ଗୋଟେ ।

ତୁମେ ଅଶୁଣା, ଅପଢା, ଅଲେଖା କବିତା
ମୁଁ ଅଚଳ ଲେଖନୀ ଗୋଟେ
ତୁମେ କଳ୍ପବଟେ ବନ୍ଧା ସସ୍ର ଜନ୍ମ ଭାବ
ମୋ ଜିଇଁବାର ପ୍ରେରଣାଟେ ।


♥କାମାକ୍ଷାନଗର, ଢେଙ୍କାନାଳ


## ରାତିଟିଏ ଲୋଡ଼ା
### ସୁନୟନା ଓଝା



ରହସ୍ୟ ସବୁ ରହସ୍ୟ ହୋଇ ପଡି ରହେ
ସବୁଦିନ ପରି
ମୁଖା ପିନ୍ଧା ମୁହଁଟାକୁ ନଗ୍ନ କରୁ କରୁ
ପାହିଯାଏ ରାତି ।

ଅନେକ ଦୂରକୁ ଚାଲିଯାଏ ଅନ୍ଧକାର
ଆଲୋକର ଭୟରେ ମୁଁ ବ୍ୟସ୍ତ ହୋଇ ପୁଣି
ଘୋଡେଇ ବସେ
ଅତୀତକୁ, କରାଘାତର ଇସାରାରେ
ଚେତେଇ ଦିଏ ବର୍ତ୍ତମାନକୁ ।

ଜୀବନକୁ ବୁଝୁ ବୁଝୁ ଦରଜା ବାଡାଏ ସମୟ
ଖାଲି ତୁମେ କୁହ ବୋଲି
ଶାନ୍ତିନିକେତନ ଲୋଭ ଦେଖେଇ
ପାଦ ଯୋଡ଼ାକୁ ଡେଇଁବାକୁ କୁହେ
ଦୁଆର ବନ୍ଧ
ସେମାନେ କିନ୍ତୁ ବୁଝିବାକୁ ଚାଁହାନ୍ତିନି କିଛି !

ଲୋଡ଼ିବିକି ଲୋଡ଼ିବିନି ବୋଲି ଭାବୁ ଭାବୁ
ମାଗିବସିଲି, ଶାନ୍ତିନିକେତନ ମୋତେ ଖାଲି
ରାତିଟିଏ ଲୋଡ଼ା ।

ମୁଁ ଜାଣେ ଏ ରାତିର ଚିହ୍ନ ଚିରଦିନ ନୁହେଁ
ସେ ମଧ ଧୋଇଯିବ ସମୟ ସହ ।
ତୁମେ କୁହ ତ,
ଏଠି କିଏ ବା ଚିରଦିନ ରହେ
ନା ମୁଁ , ନା ସେ, ନା ତୁମେ ?
ସବୁ ପରେ ବି ଶାନ୍ତିନିକେତନ
ତୁମ କୋଳରେ ମୁଣ୍ଡ ରଖି
ତୁମ ଆଖିରେ ଆଖି ମିଶେଇ
ଜୀବନର ତମାମ ନୀରବତାକୁ ଦେଇ
ମୁଁ କେବଳ ରାତିଟିଏ ଲୋଡ଼ିବି ।

ଏ ରାତିକୁ ତ ମୁଁ ସବୁଦିନ ଭେଟେ
ଆଜି କିନ୍ତୁ ଆଉ ଟିକେ ଗାଢ଼ ରାତି ଲୋଡ଼ିବି
ତା ସହ ଲୋଡ଼ିବି ପୁଞ୍ଜାଏ ଅନ୍ଧକାର ଆଉ
ଦୁଇ ଚାରିଟା ଝୀଂଟିକାର ଚିତ୍କାର
ଅସ୍ୱଷ୍ଟତାର ଆବରଣକୁ ମିଛ ବୋଲି
ପ୍ରମାଣିତ କରିବାକୁ
ଚାହିଁବି ଦଳେ କୁକୁର ଆଉ ବିଲୁଆଙ୍କ
ବିକଟାଳ ଶବ୍ଦ
ଘଣ୍ଟାର କଣ୍ଟାସବୁକୁ
ହାତମୁଠାରେ ଜାବୁଡ଼ି ଧରି
ମୁଁ ଘୋଷଣା କରିବି ସେଦିନ ରାତ୍ରିର ବୟସକୁ
ହାତ ଠାରି ଦେଖାଉଥିବି
ଦୂର ପାହାଡ଼ର ସୁନ୍ଦରତାକୁ
ଦଳକାଏ ପବନକୁ
ଦେହ ଉପରେ ଛାଟି ଦେଇ
ମୁଁ ଅପେକ୍ଷା କରିବି ଗ୍ରୀଷ୍ମ ଋତୁକୁ ।

ବିଶ୍ୱାସ କର ମୋ ଜୀବନର ତମାମ
ନୀରବତା ବଦଳରେ
ମୁଁ ଚାହିଁବି ତୁମ ନୀରବତାକୁ ।
ସୁଖ ହେଉ ଅବା ଦୁଃଖ ହେଉ
ଖୁସିରେ ଯାହା ଦେବ, ଭୋଗୁଥିବି ।

ପିମ୍ପୁଡିମାନଙ୍କ ସହ ଧାଡି ବାନ୍ଧି ଚାଲୁଥିବି
ହେଲେ ଏତିକି ଅନୁରୋଧ ଶାନ୍ତିନିକେତନ
ଯଦି କେବେ କାହା ପାଦତଳେ ମକଚିହୋଇ
ନିଜକୁ ହରେଇବି
ବାସ୍ ମୋତେ ରାତିଟିଏ ଦେବ
ମନ କଥା ଖୋଲି କହିବି ।


♥ତରୀମୂଳ, କେନ୍ଦୁଝର


## ଖୋଜୁଥାଏ ନିଜକୁ...
### ସମ୍ବିତ ମହାନ୍ତି



ଖୋଜୁଥାଏ ନିଜକୁ ନିବୁଜ କୋଠରୀ ଭିତରେ
କେବେ ହଜିଯାଏ ତ କେବେ ଇସ୍ତାହାର ଦିଏ
ଦରଆଉଜା ଝରକା ବାଟେ
ଉହୁଁକି ଚାହିଁବା ଅଭ୍ୟାସରେ ଛଟ ପଟ ହୁଏ
କେବେ ପାଇଯାଏ ପୁଣି ଖୋଜେ
ଏମିତି ସାଉଣ୍ଟା ସାଉଣ୍ଟି ରେ ଦିନ ସରିଯାଏ
କିଏ କାଳେ ଦେଖିନେବ ବୋଲି
ପୁଣି ଲୁଚିଯାଏ ହୃଦୟ ଭିତରେ.....

ଭସାମେଘ ଖଣ୍ଡେ ବର୍ଷି ନ ପରି ଗର୍ଜି ଚାଲିଛି
ଭାରାକ୍ରାନ୍ତ ଆକାଶ ଟା ଆହୁରି ଗୁମସୁମ
ନଈସବୁ ବିସ୍ମରି ଯାଆନ୍ତି ପଥ
ଗଛବୃକ୍ଷ ଜବରଦସ୍ତ ଥୁଣ୍ଟା ପାଲଟିଯାଏ
ଋତୁ ସବୁ ଫିକା ଫିକା ଲାଗେ
ସ୍ୱପ୍ନ ସବୁ ନିରୁଦ୍ଧିଷ୍ଟ
ରାତିର ଅନ୍ଧାରି ପଣତେ
ଛବି ସବୁ ଫିକା ଫିକା
ଅତୀତର ସେଇ ଦଦରା କାନ୍ଥରେ,
ଆଶାକୁ ପାରେନା ଧରି
ଏମିତିରେ ଫେଣ୍ଟି ହେଇ ଚାଲେ ତମାମ
ଜୀବନ...

ନିଜକୁ ଦୋଷୀ କରେ
ଦିନ ସରେ ନାହିଁ, ମନ ଭରେ ନାହିଁ
ରାସ୍ତା ତ ବହୁତ ଲମ୍ବା
ସ୍ୱପ୍ନ କୁ ସାରଥୀ କରି
ଚାଲିବାର ପ୍ରତିଶ୍ରୁତି ଧରି ସାଲିସ କରିଚାଲିଛି
ବାଲିର ପାହାଡ଼ ଟିଏ
ପାଦ ତଳୁ ଖସି ଯାଉଛି ବାଲି
ହଜିଯାଉଛି ତ ପୁଣି ଖୋଜିପାଉଛି
ଅବସନ୍ତ ଅନାହୂତ ଇଚ୍ଛାର ମୂଳକରେ......


♥ପିଠାପୁର
କଟକ- ୭୫୩୦୦୯
ମୋ: ୮୧୪୪୦୧୧୩୮୬


## ବର୍ଷା
### ଦିନେଶ ମେହେର



ଏବେ ସାରା ଦୁନିଆଟା
ଚାତକ ପକ୍ଷୀ ଭଳି
ଉପରକୁ ଆଁ କରି ଚାହିଁ ବସିଛି,
କାଳେ କେତେବେଳେ ଆକାଶର ବୁକୁଚିରି
ଗର୍ଜି ଉଠିବ ମେଘ,
ଝରି ପଡ଼ିବ ଟୋପା ଟୋପା ଆଶା ସବୁ,

କାଳେ ବଦଳି ଯିବ ଫଟା ମାଟିର ଭାଗ୍ୟ,
ହସି ଉଠିବ ତା ସମଗ୍ରସତ୍ତା
ତମାମ୍ ଦୁନିଆ ଟା ସାରା ଏବେ ଆଶାୟୀ,
ଏତେଦିନ ଚଷା ପୁଅ ଘରେ
ମୁଣ୍ଡ ଉପରେ ଛାଇ ଦେଉଥିବା
ଫଟା ଖପର ଫାଙ୍କ ରୁ ଗଳି ଆସୁଥିଲା
ତତଲା ତତଲା ଖରା !
ମୁଣ୍ଡ ରେ ଠାଏଁ ଠାଏଁ ଖରା ମାଡ଼,
ଓଃ କି କଷ୍ଟ !
ଭାଙ୍ଗି ଯାଇଥିଲା ମାଟି ମଟାଳର ହୃଦୟ ,
ଭାବୁଥିଲା-
ଏଇସନ ଖରିପ୍ ଚାଷ କରି ହେବ ତ,
ଗଗନଚୁମ୍ବୀ ଆଶା ମାନେ ଜୀବନ୍ୟାସ ପାଇ
ଜୀବନ୍ତ ହେଇ ଉଠିବେ ତ;

ଅବା ଏଠି ସେଠି ବିଛେଇ ହେଇ ପଡ଼ିଥିବା
ନିରୀହ ସ୍ୱପ୍ନ ସବୁ
ବେରହମ୍ ଗ୍ରୀଷ୍ମ ତାତିରୁ ବର୍ତ୍ତି ଯିବେ ?

ଜାଣେନା,
ତଥାପି ସେଦିନ ନିଉଜ୍ ପ୍ରସାରଣରୁ
ମୌସୁମୀ ଛୁଇଁବା ଖବର ଶୁଣି
କାହିଁକି କେଜାଣି ଲାଗେ
ଏବେ ନୂଆଁ ଜୀବନ ଆରମ୍ଭ ହେଇଯିବ
କେଇଟା ଦିନ ପରେ,
ସେଇ ସ୍ୱପ୍ନ ସବୁ ଫୁଟି ଉଠିବ
ଦୂର ଡଙ୍ଗର ଉପରେ.....

ଆଉ କିଛି ଦିନର ଅପେକ୍ଷା ତ
ବାସ୍, ପୁଣି ଥରେ ଖେଳି ଉଠିବ
ଶସ୍ୟ ଶ୍ୟାମଳା ଧରଣୀ !


♥ ପଳାସ, କଳାହାଣ୍ଡି




## ମୌସୁମୀ ତୁମେ ଆସୁଛ ତ !
### ଦୀପ୍ତି ମିଶ୍ର

ମୌସୁମୀ ତୁମେ ଆସୁଛ ତ ?
ଦେଖନା ....
ମୁଁ କେମିତି ଅସ୍ତବ୍ୟସ୍ତ
ତୁମରି ବିନା,
ଓଠରୁ ମୋ ଲିଭିଲାଣି
କୃଷ୍ଣଚୂଡ଼ାର ରଙ୍ଗ
ମୋ ପଣତ ର ସବୁଜିମା
ପ୍ରଚଣ୍ଡ ରୌଦ୍ରତାପରେ ଜଳି
ଯାଇ ହେଲାଣି ଧୂସର
ଚିରା ଫଟା କନା....
ଆଖିର କଜ୍ଜ୍ୱଳ ଅମାନିଆ ଲୁହ
ସବୁ ଧୋଇ ସାରିଲାଣି ।

ମୌସୁମୀ ତୁମେ ଆସୁଛ ତ !!
ଅସ୍ଥିର ହେଲାଣି ଏ ଦେହ, ମନ
ଆଉ ପ୍ରାଣ ଛୁଇଁବାକୁ
ତୁମରି ପ୍ରୀତି ର ଶୀତଳ ଧାରା କୁ
ଋତୁମତୀ ହେବାର ଏ ମଧୁର
ଲଗ୍ନ ପହିଲି ଆଷାଢ଼ର ପହିଲି ପୁଲକ
ଅନ୍ତଃସତ୍ତ୍ୱା ର ଭାବ କୁ
ଜାଗ୍ରତ କଲାଣି....
ଅଥୟ କଲାଣି ନବ ଉନ୍ମେଷ ର
ଏକ ନୂତନ ସମ୍ଭାବନା କୁ ।

ଆକାଶ ର ଶୂନ୍ୟସ୍ଥାନ କୁ
ଭରିଦିଅ ଖଣ୍ଡଖଣ୍ଡ ମେଘ ଆହ୍ଲାଦରେ
ଅସହାୟତାରୁ ଦିଅ ମୁକ୍ତି
ମୋ ପ୍ରିୟ ଅମ୍ବର କୁ.....
ସରାଗ ର ଅମୃତ ବରଷେଇ ଦେଉ
ସେ ମୋ ଅଙ୍ଗରେ,
ଆଉ ଲାଜରେ ମୁଁ ଗୋଟା ପଣେ
ମରିଯାଏ ତାର ମଧୁ ପରଶରେ,
ନୂତନ ସୃଷ୍ଟି କୁ ଧାରଣ
କରିବାର ସୁନେଲି ସ୍ୱପ୍ନ ରେ
ବିଭୋର ହୋଇ.......

ମୌସୁମୀ ତୁମେ ଆସୁଛ ତ !!!
ଟିକେ ଶୀଘ୍ର ଆସ ନା
ଆଉ ଜମା କର ନାହିଁ ଡେରି ।


♥ ବାରିପଦା
ମୋ - ୯୪୩୮୪୦୪୩୦୮




## ପ୍ରେମ
### ପ୍ରମୋଦ କୁମାର ମହାପାତ୍ର

ପ୍ରେମ କେବେ ବରଫ ପାହାଡ଼େ ନିଆଁ
ପ୍ରେମ କେବେ ମଲାନଈ ଦେହେ ବନ୍ୟା
ବହୁରୂପା ସେ ଅନନ୍ୟା
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ତଟ ନୀରଞ୍ଜନା।

ପ୍ରେମ କେବେ ଶବରୀ ଅଇଁଠା କୋଳି
ପ୍ରେମ କେବେ ଗୋପବାଳା ରଙ୍ଗ ହୋଲି
ନୁହେଁ ସେ କେବେ ଛଳନା
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ଅମାନିଆ।

ପ୍ରେମ କେବେ ଶୀତ କାକରର ଲୁହ
ପ୍ରେମ କେବେ ବ୍ୟାକୁଳ ବସନ୍ତ କୋହ
ସେ ଯେ ମଧୁର ଯନ୍ତ୍ରଣା
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ସଦା ବାଟବଣା।

ପ୍ରେମ କେବେ ଖଟା-ମିଠା କରମଙ୍ଗା
ପ୍ରେମ କେବେ ମନଠୁ ବଳି ମହଙ୍ଗା
ଏ କଥା କି କେବେ ଜଣା
ଯେତିକି ଦେଖିଛି,ଯେତିକି ବୁଝିଛି,
ହୃଦୟ ତାର ଠିକଣା।

ପ୍ରେମ କେବେ ଶିଶୁର ଦରୋଟି ହସ
ପ୍ରେମ କେବେ ଚହଟ ମଲ୍ଲୀର ବାସ
ବାଣ୍ଟିଲେ କି ହୁଏ ଊଣା
ଯେତିକି ଦେଖିଛି,ଯେତିକି ବୁଝିଛି
ପ୍ରେମ ହିଁ ଜଗତଜିଣା।


♥ ବି ଏସ୍ ଏନ୍ ଏଲ୍,
ଭୁବନେଶ୍ୱର,
ମୋ - ୯୪୩୭୫୬୭୮୩୧୧

# କୁଟାସିଂହାରେ ମା' ଅଭୟା କାଳୀ ପୂଜା ଆରମ୍ଭ, ବିଶେଷ ଆକର୍ଷଣ ରାବଣ ଦରବାର ଓ କୀର୍ତ୍ତନ ବୈଠକ : ମା'ଙ୍କ ମୁଖ୍ୟ ଭୋଗ ନଡ଼ିଆ

ବଲାଙ୍ଗୀର, ୧୭/୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଆଗଲପୁର ( ଡୁଡୁକା) ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମରେ ଅବସ୍ଥିତ ମା ଅଭୟା କାଳୀ ମନ୍ଦିର। ବଲାଙ୍ଗୀର ସହର ଠାରୁ ୪୦ କି.ମି.ଦୂରରେ କୁଟାସିଂହା ଗ୍ରାମ । କାହିଁ କେତେ ଆବହମାନ କାଳରୁ ଏହି ଗ୍ରାମରେ ପୂଜାପାଇ ଆସୁଛନ୍ତି,'ମା ଅଭୟା କାଳୀ'। ଗ୍ରାମର ବୟୋଜ୍ୟେଷ୍ଠ ମାନଙ୍କ ମୁଖରୁ ଶୁଣାଯାଏ ୧୯୩୬ ମସିହାରେ ମା ଅଭୟା କାଳୀଙ୍କ ଆବିର୍ଭାବ ହୁଏ ଏବଂ ପୂଜା ପାଆନ୍ତି ଗାଁ ମଝିରେ ଥିବା ଅଭୟା ଦେବୀ ପୀଠରେ । ପୂଜା ତିଥି:- ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଅଷ୍ଟମୀ ଦିନରୁ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ । ପୂଜା ସାମଗ୍ରୀ:- (ପ୍ରଥମରୁ ଷଷ୍ଠ ଦିନ ପର୍ଯ୍ୟନ୍ତ) ଦେଶୀମଦ, ଘିଅସଳିତା, ଗୋରସ ଏବଂ ଧୂପକାଠି । ପୂଜକ ଗାଁ ଝାଙ୍କରଙ୍କ ସହିତ ଘଂଟଧାରୀ ଓ ଛତ୍ରଧାରୀ । ପୂଜାର ବିଧି:- ସନ୍ଧ୍ୟା ସମୟରେ ଗାଁ ର ଚାରିଦିଗରେ ଶୁଖିଲା କାଠକୁ ଦୀପ ରଖିବା ପାଇଁ ଷ୍ଟାଣ୍ଡ କରାଯାଇ, ତା ଉପରେ କଂଚା ମାଟି ଦୀପରେ ଫୁଲି (ଦେଶୀମଦ) ଦେଇ ୭ ଦିନ ବ୍ୟାପୀ ଅଖଣ୍ଡ କରାଯାଏ । ଯେଉଁ ମଦକୁ ମଣିଷ ଖାଇ ମୃତ୍ୟୁ ମୁଖରେ ପଡ଼େ ସେହି ମଦକୁ ମା ଙ୍କ ଠାରେ ଅର୍ପଣ କରାଯାଏ। ସତରେ ମା ଙ୍କ ମହିମା କେତେ ଅପାର । ମୂଖ୍ୟ ପୂଜା:- (ସପ୍ତମ ଦିନ) ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନିଷ୍ଠାର ସହିତ ପ୍ରତ୍ୟେକ ପରିବାରରୁ ନଡିଆ, ଧୂପକାଠି, ଘିଅ, ସିନ୍ଦୂର ଓ ଫୁଲ ଦେବୀଙ୍କ ପୀଠକୁ ଯାଏ। ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା 'ମା ଅଭୟା'ଙ୍କ ଠାରେ ଭାଗବତର ସପ୍ତମ ସ୍କନ୍ଧ ପାଠ କରାଯାଏ। ମା ଙ୍କ ଭୋଗ:- ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ। ମା ଙ୍କ ଭୋଗ କେବଳ ନଡ଼ିଆ, ମୁଗରେ ତିଆରି ଖିରୀ ଓ ଧାନରେ ପ୍ରସ୍ତୁତ'ଖଇ'(ଲିଆ) ଲାଗି କରାଯାଏ।ଏହି ଭୋଗ କେବଳ ବୟସ୍କା ବିଧବା ମହିଳାମାନେ ପ୍ରସ୍ତୁତ କରିଥାନ୍ତି। ଆହୁରି ଆଶ୍ଚର୍ଯ୍ୟ ହେବେ, ନଡ଼ିଆ ଭୋଗକୁ ଆପଣ ଯେତେ ଖାଇଲେ ମଧ୍ୟ ତାହା ଶରୀରକୁ କ୍ଷତି କରେନାହିଁ । ଆମ ସମାଜରେ ବିଧବା ନାରୀ ମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି। କିନ୍ତୁ, ମା ଙ୍କ ଆଶିର୍ବାଦରୁ ଏହି ବିଧବା ମହିଳାମାନେ ହିଁ ମା ଙ୍କ ପ୍ରସାଦ ପ୍ରସ୍ତୁତ କରିଥାନ୍ତି। ଏହି ଆଠ ଦିନ ପର୍ଯ୍ୟନ୍ତ ଗାଁ ରେ ମାଛ ମାଂସ ଭକ୍ଷଣ କରାଯାଏ ନାହିଁ। ଏହି ସାତଦିନ ମଦୁଆ ମାନଙ୍କ ପାଇଁ ମଦ ସ୍ୱପ୍ନ ହୋଇଯାଏ । ଶେଷରେ ଜ୍ୟେଷ୍ଠ ପୂର୍ଣିମା ଦିନ ସକାଳେ ପ୍ରତ୍ୟେକ ପରିବାରରୁ ଜଣେ ଜଣେ ପ୍ରସ୍ତୁତ ହୋଇଥିବା, ଖଇଲିଆ, ଅରୁଆଚାଉଳ, ଘିଅ ବଳିତା ଓ ପାଳବିଡାରେ ତିଆରି (ନିଆଁ ବେଂଟିଆ) ଧରି ଗ୍ରାମର ପଶ୍ଚିମ ଦିଗରେ ଥିବା ଅଶ୍ୱତଥ ବୃକ୍ଷ ମୂଳକୁ ଯାଇ ମା ଙ୍କୁ ମେଲାଣି ଦିଅନ୍ତି। ବର୍ତମାନ ଏହି 'ମା ଅଭୟା' ଦେବୀ ପୀଠକୁ ପଶ୍ଚିମ ଓଡ଼ିଶାର ତାରିଣୀ ପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଇଥିପାଇଁ ପରା ଗାଁ ତଥା ଆଖପାଖ ଅଂଚଳର ସମସ୍ତେ ଗୁହାରି କରନ୍ତି, ଜୟ ଜୟ ମା ଗୋ, ଅଭୟା କାଳୀ ମା କରୁଛେଁ ତତେ ଜୁହାର । ମା ଗୋ କରିବୁ ନାଇ ମତେ ପର । ମା ଗୋ କରିବୁ ନାଇ ମତେ ପର । ମା ଅଭୟା କାଳୀ ଯାତ୍ରା ତା ଜୁନ ୧୭ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ୨୧ ରେ କୀର୍ତନ ବୈଠକ ଅନୁଷ୍ଠିତ ହେବ। ବିଶେଷ ଆକର୍ଷଣ ରାବଣ ଦରବାର। ଦୈନନ୍ଦିନ ମା ଙ୍କ ନାମରେ ନାମ ଯଜ୍ଞ ଅନୁଷ୍ଠିତ ହେବ। ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ତରଫରୁ ଏହି ଯାତ୍ରାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।

ଏହି ଯାତ୍ରା ଗାଁ ର ଗୌନ୍ତିଆ ରାଜିନ ପାତ୍ରଙ୍କ ପୌରହିତ୍ୟରେ ଗାଁ ର ଝଙ୍କାର, ଦେହେରି ଶ୍ରିହରୀ ଭୁଏ, ପିତାମ୍ବର ନାଗ, ଗରୁଡ଼ ସା, କୁ ଥିଲା, ବାଲୀ ବାଗ, ଲେକ୍ଟୁ ସାହୁ, ଜଗବନ୍ଧୁ ସାହୁ ପୂଜା ଦାୟିତ୍ୱରେ ରହିଛନ୍ତି । ମୁଖ୍ୟ ପୂଜକ ଆର୍ତତ୍ରାଣ ପୁରୋହିତ ଓ ଶତ୍ରୁଘ୍ନ ପୁରୋହିତ ପୂଜା କାର୍ଯ୍ୟ ତୁଲାଉଛନ୍ତି । ଏହି ଯାତ୍ରାର ପରିଚାଳନା ପାଇଁ ସଭାପତି ଭାବେ ଗୋବର୍ଦ୍ଧନ ସାହୁ, ସମ୍ପାଦକ ଭାବେ ପ୍ରଦୀପ ପାତ୍ର ଦାୟିତ୍ୱରେ ଥିବାବେଳେ ଗ୍ରାମବାସୀ ବୃନ୍ଦ ସହଯୋଗ କରୁଛନ୍ତି।

# ମହାପ୍ରଭୁଙ୍କ ସବୁ କଳା ପଥର ଖଣି ବନ୍ଦ: ଏପ୍ରିଲ୍ ମାସରୁ ନାହିଁ ବ୍ଲାଷ୍ଟିଂ ଅନୁମତି

ଖୋର୍ଦ୍ଧା, ୧୭/୬ (ନି.ପ୍ର): ଗଲା ତିନି ମାସ ହେଲା, ଖଣିରେ ବ୍ଲାଷ୍ଟିଂ ଅନୁମତି ନାହିଁ ବୋଲି ଖୋର୍ଦ୍ଧା ଜିଲ୍ଲାର ସମସ୍ତ କଳାପଥର ଖଣି ଖନନ ଠପ୍ ହୋଇଛି। ଏ ଖଣି ଭିତରେ ଖୋର୍ଦ୍ଧା ଜିଲ୍ଲା ଖଣି ଉପନିର୍ଦ୍ଦେଶାଳୟର ମାତ୍ର ଦୁଇଟି ଖଣି ରହିଛି। ତେବେ, ସବୁଠାରୁ ବେଶି ପ୍ରଭାବିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଖଣି। ଏଥିପାଇଁ ଖଣି ଲିଜ୍‌ଧାରୀମାନେ କେବଳ ହଇରାଣରେ ପଡ଼ି ନାହାନ୍ତି, ବରଂ ଲୁଚାଛପାରେ ବ୍ଲାଷ୍ଟିଂ କରି ପଥର କାରବାର ଚଳାଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ଯେତିକି ପଥର ଖଣି ଅଛି, ସେଥିରୁ ଅଧିକାଂଶ ଖଣି ହେଉଛି ମହାପ୍ରଭୁଙ୍କର। ଯାହାର ପରିଚାଳନା ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ଉପରେ ନ୍ୟସ୍ତ। ତଥ୍ୟ ମୁତାବକ, ମହାପ୍ରଭୁଙ୍କ ନାଁରେ ଖୋର୍ଦ୍ଧା ଜିଲ୍ଲାରେ ମାଙ୍କଡ଼ା, ମୋରମ ଓ କଳା ମୁଗୁନିପଥରକୁ ମିଶାଇ ୯୦ରୁ ଅଧିକ ଖଣି ଅଛି। କିନ୍ତୁ, ସେଥିରୁ ମାତ୍ର ପ୍ରାୟ ୨୫ଟି ଖଣି କାର୍ଯ୍ୟକ୍ଷମ। ଖଣି ଖନନରେ ଲିଜ୍ ନେବା ଯେତିକି ଗୁରୁତ୍ୱପୂର୍ଣ୍ଣ, ବ୍ଲାଷ୍ଟିଂ ଅନୁମତି ମଧ୍ୟ ସେତିକି ବାଧ୍ୟତାମୂଳକ। ବ୍ଲାଷ୍ଟିଂ ଅନୁମତି ବିନା ଖଣି ଖୋଲା ଯାଇପାରିବ ନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗଲା ଆର୍ଥିକ ବର୍ଷରେ ବ୍ଲାଷ୍ଟିଂ ପାଇଁ ଖଣି ଲିଜ୍‌ଧାରୀଙ୍କୁ ଅନୁମତି ଦିଆଯାଇଥିଲା। ଏହି ଅନୁମତିର ଅବଧି ୨୦୨୪ ମସିହା ମାର୍ଚ୍ଚ ମାସ ୩୧ ତାରିଖ ଯାଏ ଥିଲା। ମାର୍ଚ୍ଚ ମାସ ପରଠାରୁ ଅନୁମତି ପୁନର୍ବାର ଦେବା କଥା। କିନ୍ତୁ, ଏହି ସମୟରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯିବାରୁ ବ୍ଲାଷ୍ଟିଂ ଅନୁମତି କଥାକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇନଥିଲା। ଇତିମଧ୍ୟରେ ନିର୍ବାଚନ ଶେଷ ହୋଇଛି, କିନ୍ତୁ ବ୍ଲାଷ୍ଟିଂ ଅନୁମତି ଦିଆଯାଇନାହିଁ। ସେଥିପାଇଁ ଖଣି ଲିଜ୍ ନେଇ ମଧ୍ୟ ଖଣି ମାଲିକମାନେ ଆଇନତଃ ଖଣି ଖନନ କରି ପାରୁନାହାନ୍ତି। ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କଠାରୁ ମିଳିଥିବା ସୂଚନା ମୁତାବକ, ମହାପ୍ରଭୁଙ୍କ ଖଣିଗୁଡ଼ିକ ବ୍ୟତୀତ ଜିଲ୍ଲା ଖଣି ଉପନିର୍ଦ୍ଦେଶାଳୟ ଅଧୀନରେ ମୋଟ୍ ୧୬୨ଟି ମୋରମ୍, ମାଙ୍କଡ଼ା ଓ କଳା ମୁଗୁନିପଥର ଖଣି ଅଛି। ତନ୍ମଧ୍ୟରୁ ଟାଙ୍ଗୀ ବ୍ଲକ୍ ଜରିପୁଟ୍ ସ୍ଥିତ ଦୁଇଟି ପଥର ଖଣିକୁ ଲିଜ୍ ଦିଆଯାଇଛି। କିନ୍ତୁ, ବ୍ଲାଷ୍ଟିଂ ଅନୁମତି ନ ଥିବାରୁ ଏ ଦୁଇଟି ଖଣି ମଧ୍ୟ ବନ୍ଦ ହୋଇପଡ଼ିଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

# ବଲାଣିରେ ରଜ ମହୋତ୍ସବ ଦୋଳି ଖେଳିଲେ ଝୁମିଲେ

ବଲାଣୀ, ୧୭/୬ (ନି.ପ୍ର): ସୀମାନ୍ତ ଖଣି ଅଂଚଳ ବଲାଣି ରେ ମା ଲକ୍ଷ୍ମୀ ରଜ ମହସ୍ଵ କମିଟି ପକ୍ଷରୁ ଲକ୍ଷ୍ମୀ ପୂଜା ପଡ଼ିଆଠାରେ ୩ ଦିନିଆ ରଜ ମହସ୍ଵ ଆରମ୍ଭ ହୋଇଛି । ପ୍ରଥମ ଦିନ ଅର୍ଥାତ ପହିଲି ରଜରେ ଏହି କାର୍ଯ୍ୟକ୍ରମରେ ପ୍ରବଳ ଭିଡ ପରିଲିକ୍ଷିତ ହୋଇଥିଲା । ସ୍ଥାନୀୟ ଅଂଚଳର ପିଲା ଠାରୁ ବୃଦ୍ଧ ଓ ଝିଅ ଠାରୁ ବୃଦ୍ଧା ମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇ ଦୋଳି ଖେଳିବା ସହିତ ରଜ ମଉଜ କରିଥିଲେ । ସୀମାନ୍ତ ଅଂଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରା ହଜି ଯାଉଥିବା ବେଳେ ବଲାଣି ଭଳି ସୀମାନ୍ତ ଖଣି ଅଂଚଳରେ ରଜ ପର୍ବ ଭଳି କୃଷି ଭିତିକ ପର୍ବକୁ ବଂଚେଇ ରଖିବାକୁ ଏହି ସମିତି ଅଂଟା ଭିଡ଼ି କାର୍ଯ୍ୟକ୍ରମର ଆୟୋଜନ କରିଥିବାରୁ ପ୍ରଥମ ଦିନରେ ଯୋଗ ଦେଇଥିବା ଅତିଥି ବଲାଣି ଖଣିର ବରିଷ୍ଠ ପ୍ରବନ୍ଧକ ସଞ୍ଜୟ କୁମାର ଦେଓ ସପତ୍ନୀକ ଯୋଗ ଦେଇ ମହିଳା ସଂଘଙ୍କ ଏପରି କାର୍ଯ୍ୟ ନିମନ୍ତେ ପ୍ରସଂଶା କରିଥିଲେ । ଉତ୍ସବର ପ୍ରଥମ ଦିନରେ ବିଭିନ୍ନ ବର୍ଗରେ ବିଭିନ୍ନ ପାରମ୍ପରିକ ଖେଳ ପ୍ରତିଯୋଗିତା ସହ ସମୂହ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଅଂଚଳର ଶତାଧିକ କଳାକାର ମାନେ ଉତ୍ସାହର ସହିତ ସାମିଲ ହେବା ସହିତ ଦର୍ଶକଙ୍କୁ ସଙ୍ଗୀତର ତାଳେ ତାଳେ ଝୁମିବାରେ ବାଧ କରିଥିଲେ । ଏହା ସହିତ ସ୍ଥାନୀୟ ଲୋକେ ବିଭିନ୍ନ ଖାଦ୍ୟ ଓ ପାନୀୟ ସାମଗ୍ରୀର ବୁଲି ବୁଲି ମଜା ନେଇଥିଲେ । ଦ୍ୱିତୀୟ ଦିନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଦ୍ୱିତୀୟ ଦିନରେ ଓଡ଼ିଆ ସିନେ ଜଗତର ସୁନାମଧନ୍ୟ କଳାକାର ପ୍ରତିଟୀ ଶତପଥୀ ମୂଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ସ୍ଥାନୀୟ ଲୋକଙ୍କ ମନରଞ୍ଜନ କରିବା ସହିତ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ ।

# ବିକ୍ରମଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶିତ : ସ୍ନାତକରେ ୬୪ ପ୍ରତିଶତ ଏବଂ ସ୍ନାତୋକତରରେ ୮୯ ପ୍ରତିଶତ କୃତକାର୍ଯ୍ୟ

ଜୟପୁର, ୧୭/୬ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସ୍ନାତକରେ ୬୪ ପ୍ରତିଶତ ଏବଂ ସ୍ନାତୋକତରରେ ୮୯ ପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। କଳା ବିଭାଗର ବେଷ୍ଟ ଗ୍ରାଜୁଏଟ୍ ଭାବେ ରାଜନୀତି ବିଜ୍ଞାନ ଛାତ୍ରୀ ବିଜେତା ମଣୀ, ବାଣିଜ୍ୟର ଏକାଉଂଟାନ୍ସି ଛାତ୍ର ଜି.ଶଶାଙ୍କ ରାଜ ଏବଂ ବିଜ୍ଞାନର କମ୍ପ୍ୟୁଟର୍ ବିଭାଗରୁ ଟି.ସାଇ ଦୀକ୍ଷା ମନୋନୀତ ହୋଇଥିବା ଜଣାଯାଇଛି । ଆଜିର ଫଳାଫଳରୁ ଜଣାଯାଇଛି ଯେ, ବିଜ୍ଞାନ ସ୍ନାତକ ପରୀକ୍ଷାରେ ୨୦୦ ଜଣ ଭାଗ ନେଇଥିବା ବେଳେ ୧୪୧ ଜଣ କୃତକାର୍ଯ୍ୟ ହୋଇଥିଲେ । ଏଥିରେ ୧୦୪ ଜଣ ପ୍ରଥମ ଶ୍ରେଣୀ ଏବଂ ୩୭ ଜଣ ଦ୍ୱିତୀୟ ଶ୍ରେଣୀରେ ରହିଛନ୍ତି । ସେହିପରି କଳା ବିଭାଗ ସ୍ନାତକ ପରୀକ୍ଷାର ୨୫୫ ଜଣଙ୍କ ମଧ୍ୟରୁ ୧୭୩ ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ୧୦୭ ପ୍ରଥମ ଏବଂ ୬୬ ଜଣ ଦ୍ୱିତୀୟ ଶ୍ରେଣୀ ପାଇଛନ୍ତି । ବାଣିଜ୍ୟ ସ୍ନାତକରେ ସର୍ବାଧିକ ୨୭୧ ଜଣ ପରୀକ୍ଷା ଦେଇଥିବା ବେଳେ ମାତ୍ର ୧୪୮ ଜଣ ପାସ୍ ହୋଇଛନ୍ତି । ଏଥିରୁ ମାତ୍ର ୪୮ ଜଣ ପ୍ରଥମ ଏବଂ ୧୦୦ ଜଣ ଦ୍ୱିତୀୟ ଶ୍ରେଣୀ ରଖିଛନ୍ତି । ସେହିପରି ସ୍ନାତକ ଅର୍ଥନୀତିରେ ନିବେଦୀତା ସାହୁ, ଶିକ୍ଷା ସୁଭସ୍ମିତା ବେହେରା, ମାନବଶାସ୍ତ୍ରରେ ସୀତେଶ ହରିଜନ, ଇଂରାଜୀରେ ସ୍ମୃତିମେଧା ମିଶ୍ର, ଇତିହାସରେ ଜୟସେନ ଖିଲ, ଭୁଗୋଳ ପଲ୍ଲଭୀ ପଟ୍ଟନାୟକ, ଓଡ଼ିଆ କେ.ଭାଗ୍ୟଶ୍ରୀ, ସମାଜବିଜ୍ଞାନରେ ଗୌରଭ ବେହେରା, ଦର୍ଶନଶାସ୍ତ୍ର ସ୍ୱତୀ ସ୍ୱରୂପ ମହାପାତ୍ର, ଗଣିତ ଶାଗରିକା ମେହେରା, ଉଦ୍ଭିଦ ବିଜ୍ଞାନରେ ଜି.ଚୈତନ୍ୟ, ରସାୟନ ବିଜ୍ଞାନ ସ୍ମରଣିକା ପାଢ଼ୀ, ପଦାର୍ଥ ବିଜ୍ଞାନ ବି.ମଣିକାନ୍ତ, ପ୍ରାଣୀ ବିଜ୍ଞାନରେ ଅମ୍ରୀତ ଚୌଧୁରୀ ପ୍ରମୁଖ ଟପର୍ ହୋଇଛନ୍ତି । ସେହିପରି ଅନୁଷ୍ଠାନର ସ୍ନାତୋକତର ପରକ୍ଷା ଫଳ ମଧ୍ୟ ପ୍ରକାଶିତ ହୋଇଛି । ଏହି ପରିକ୍ଷାର ଅର୍ଥନୀତିରେ ୨୭ ଜଣ ଭାଗ ନେଇଥିବା ବେଳେ ୧୭ ଜଣ ପ୍ରଥମ, ୪ ଦ୍ୱିତୀୟ, ଇଂରାଜୀର ୨୬ ଜଣଙ୍କ ମଧ୍ୟରୁ ୧୯ ଜଣ ପ୍ରଥମ, ୪ ଜଣ ଦ୍ୱିତୀୟ, ଜଣେ ତୃତୀୟ ଶ୍ରେଣୀ, ଇତିହାସର ୩୨ରୁ ୨୭ ଜଣ ପ୍ରଥମ, ୨ ଜଣ ଦ୍ୱିତୀୟ, ଓଡ଼ିଆର ୨୪ ଜଣଙ୍କ ମଧ୍ୟରୁ ୨୩ ଜଣ ପ୍ରଥମ ଏବଂ ଜଣେ ଦ୍ୱିତୀୟ ଶ୍ରେଣୀ, ରାଜନୀତି ବିଜ୍ଞାନର ୩୩ରୁ ୨୯ ଜଣ ପ୍ରଥମ, ଜଣେ ତୃତୀୟ, ଦର୍ଶନଶାସ୍ତ୍ର ୧୪ ମଧ୍ୟରୁ ୬ ଜଣ ପ୍ରଥମ, ୫ ଜଣ ଦ୍ୱିତୀୟ, ୨ ଜଣ ତୃତୀୟ, ସମାଜବିଜ୍ଞାନ ୧୯ରୁ ୪ ଜଣ ପ୍ରଥମ, ୯ ଜଣ ଦ୍ୱିତୀୟ, ଜଣେ ତୃତୀୟ, ବାଣିଜ୍ୟ ୨୯ରୁ ୨୪ ଜଣ ପ୍ରଥମ, ଜଣେ ଦ୍ୱିତୀୟ, କମ୍ପ୍ୟୁଟର ବିଜ୍ଞାନ ୧୪ରୁ ୭ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ, ଗଣିତର ୧୧ରୁ ୪ ଜଣ ପ୍ରଥମ, ୨ ଜଣ ଦ୍ୱିତୀୟ ଏବଂ ଜଣେ ତୃତୀୟ, ଉଦ୍ଭିଦ ବିଜ୍ଞାନ୧୪ରୁ ୭ ଜଣ ପ୍ରଥମ ଶ୍ରେଣୀ, ରସାୟନ ବିଜ୍ଞାନ ୧୦ରୁ ୮ ଜଣ ପ୍ରଥମ ଶ୍ରେଣୀ, ପଦାର୍ଥ ବିଜ୍ଞାନ ୧୪ରୁ ୬ ଜଣ ପ୍ରଥମ, ଜଣେ ଦ୍ୱିତୀୟ ଶ୍ରେଣୀ, ପ୍ରାଣୀ ବିଜ୍ଞାନର ୮ ଜଣ ମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀ, ଏମ୍ପି ଏମଆଇଆର ୯ ଜଣ ମଧ୍ୟରୁ ୭ ଜଣ ପ୍ରଥମ ଶ୍ରେଣୀ ଏବଂ ଜଣେ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି । ସ୍ନାତୋକତରରେ ମୋଟ ୨୮୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୯୨ ଜଣ ପ୍ରଥମ, ୩୬ ଜଣ ଦ୍ୱିତୀୟ, ୬ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଥିବା ବେଳେ ୧୯ ଜଣଙ୍କ ନାମ ଆଉଟ୍ ଷ୍ଟାଣ୍ଡିଂ ତାଲିକାରେ ରହିଛି । ପିଜିର ଟପ୍ପର୍ ତାଲିକାରେ ଅର୍ଥନୀତି ପାଇଁ ଅନୁପମା ସାହୁ, ଇଂରାଜୀ ଅଭିପ୍ସା ମହାପାତ୍ର, ଇତିହାସ ଲେଓ୍ୱିସ୍ ଚନ୍ଦ୍ର ସାହୁ, ଓଡ଼ିଆ ସଞ୍ଜୟ ଖେମୁଣ୍ଡୁ, ଦର୍ଶନଶାସ୍ତ୍ର ଅନୁଧା ସାହୁ, ରାଜନୀତି ବିଜ୍ଞାନ ବାବୁଲା ପାଙ୍ଗୀ, ସମାଜଶାସ୍ତ୍ର ମିନୁ ଗଣ୍ଡା, ଉଦ୍ଭିଦ ବିଜ୍ଞାନ ସ୍ମିତା ସାବତ, ରସାୟନ ବିଜ୍ଞାନ ମନୋଜ ମହାନ୍ତି, କମ୍ପ୍ୟୁଟର୍ ବିଜ୍ଞାନ ଭି.ହସ୍ମିତା, ପଦାର୍ଥ ବିଜ୍ଞାନ ସ୍ମିତା ରକ୍ସା, ପ୍ରାଣୀ ବିଜ୍ଞାନ ଅଶୋକ ପାଣ୍ଡ୍ରିଗାହୀ, ଏମ୍ପିଏମଆଇଆରରେ ପି.ଭାର୍ଗବୀ ରାଓଙ୍କ ନାମ ରହିଥିବା ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ଜଣାଯାଇଛି ।

## ଗାଧୋଇବାବେଳେ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଝାରସୁଗଡ଼ା , ୧୭/୬ (ନି.ପ୍ର): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କୋଇଲିଘୁଘର ଜଳପ୍ରପାତରେ ଜଣେ ଯୁବକ ବୁଡ଼ି ନିଖୋଜ ଘଟଣାରେ ମିଳିଲା ନିଖୋଜ ଯୁବକର ମୃତଦେହ। ଯୁବକ ଜଣକ ଭୁବନେଶ୍ୱର ର ବ୍ରଜେଶ୍ୱର ବେହେରା(୨୮) ବୋଲି ସୂଚନା ମିଳିଛି। ପେସାରେ ଇଞ୍ଜିନିୟର ଥିବା ବ୍ରଜେଶ୍ୱର, ସମ୍ବଲପୁରର ରେ ଏକ ସଂସ୍ଥାରେ କାମ କରୁଥିଲେ। ଆଜି ନିଜ ସାଙ୍ଗ ମାନଙ୍କ ସହିତ କୋଇଲିଘୁଘର କୁ ବଣଭୋଜି ପାଇଁ ଆସିଥିବା ବେଳେ ଗାଧେଇବା ସମୟରେ ପାଣିରେ ବୁଡ଼ି ଯାଇଥିଲେ। ରେଙ୍ଗଲୀ ପୋଲିସ ଏବଂ ଲଖନପୁର ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ପହଂଚି ନିଖୋଜ ବ୍ରଜେଶ୍ୱରକୁ ଖୋଜାଖୋଜି କରିଥିଲେ। ପରେ ବ୍ରଜେଶ୍ୱର ଙ୍କର ମୃତ ଦେହ କୋଇଲିଘୁଘର ରୁ ଉଦ୍ଧାର କରାଯାଇଥିବା ରେଙ୍ଗାଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ସାନମଙ୍ଗ ହାଇସ୍କୁଲର ୨୦୦୩ ବର୍ଷର ବନ୍ଧୁ ମିଳନ ଓ ଗୁରୁପୂଜନ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୭/୬ (ନି.ପ୍ର): ପଟ୍ଟାମୁଣ୍ଡାଇ ବ୍ଲକ ସାନମଙ୍ଗ ଉଚ୍ଚ ବିଦ୍ୟାଳୟର ୨୦୦୩ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀ ମାନେ ଦୀର୍ଘ ୨୧ ବର୍ଷ ପରେ ଏକଜୁଟ ହୋଇ ପାଳନ କରିଛନ୍ତି ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ !ପୁରୁଣା ବିଦ୍ୟାଳୟରେ ପାଦ ପଡୁପଡୁ ପୁରୁଣାବନ୍ଧୁ ମାନଙ୍କୁ ପାଖରେ ପାଇ ଭାବବିହ୍ୱଳ ହୋଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ ଛାତ୍ର ଛାତ୍ରୀମାନେ । ବିଦ୍ୟାଳୟର ସବୁ କୋଣ ଅନୁକୋଣରେ ଖେଳିଯାଇଥିଲା ଆନନ୍ଦ ଉଲ୍ଲାସ ଓ ଖୁସିର ମାହୋଲ । ତାହାରି ଭିତରେ ପୁରାତନ ଛାତ୍ରଛାତ୍ରୀ ମାନେ ବୁଲିବୁଲି ସାଉଁଟିଥିଲେ ନିଜନିଜର ୨୧ ବର୍ଷର ସୁଖଦୁଖର ସ୍ମୃତି ଅନୁଭୂତିକୁ । ଅନ୍ୟପଟେ ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂ ବ୍ରହ୍ମ, ତସ୍ମଇ ଶ୍ରୀ ଗୁରୁଦେବ ନମଃ। ସତେ ଯେମିତି ପୁରୁଣା ପଂକ୍ତିକୁ ଭୁଲି ନଥିଲେ ଛାତ୍ର ଛାତ୍ରୀ ମାନେ ! ସେଥି ପାଇଁ ବିଦ୍ୟାଳୟର ପୁରାତନ ଶିକ୍ଷକ ମାନଙ୍କୁ ଆମନ୍ତ୍ରିତ କରି ପାଛୋଟି ଆଣି ସେମାନଙ୍କ ପାଦଧୌତ କରି ଭକ୍ତି ସହକାରେ ଗୁରୁ ପୂଜନ ଓ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଦ୍ୟାଳୟର ପୁରାତନ ଦିବଂଗତ ଶିକ୍ଷକ ମାନଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ବିଦ୍ୟାଳୟ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ସାମୁହିକ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ ଉତ୍ସବରେ ପୁରାତନ ଛାତ୍ର ପ୍ରଶାନ୍ତ ନାୟକ, ସୁବାଷ ସେଠୀ, ନିଶିକାନ୍ତ ସାହାଣୀ,ସାନ୍ତନୁ ବଳ , ମୁକେଶ ନାୟକ, ଅଜିତ ସେଠୀ,ବାପି ମଲ୍ଲିକ,ଅମିତ ପରିଡା,ଗଗନ ଦେ,ସମରେନ୍ଦ୍ର ସେଠୀ, ମିଲନ ପଣ୍ଡା ଯୋଗଦେବା ସହ ସେମାନଂକୁ ଶିକ୍ଷାଦାନ କରିଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା,ଦଶରଥ ନାୟକ,ଶଙ୍କର୍ଷଣ ନାୟକ,ଅଭୟ ନାୟକ,ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଗୁରୁଜୀ ମାନେ ଗୁରୁ ଶିଷ୍ୟ ସମ୍ପର୍କ ,ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଅନାବିଳ ଭଲପାଇବା, ଗଠନ ମୂଳକ ଶିକ୍ଷାଦାନ କରାଯିବା ସମ୍ପର୍କରେ ମତପୋଷଣ କରିଥିଲେ ! ବର୍ତମାନ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କିଶୋର ଦଲାଇ ଙ୍କ ସହଯୋଗ ରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବା ସହ ଚାରା ବଂଟନ କରାଯାଇଥିଲା କ୍ଷପରିଶେଷରେ ସାମୁହିକ ପଂକ୍ତିଭୋଜନ ଆସରରେ ଏକ ନିଆରା ଅନୁଭୂତିରେ ସାଉଁଟି ଥିଲେ ଛାତ୍ରଛାତ୍ରୀ । ଅନ୍ୟ ପଟେ ଦୀର୍ଘଦିନ ଧରି ବିଦ୍ୟାଳୟରେ ଶିକ୍ଷାଦାନ କରି ଆସିଥିବା ଶିକ୍ଷକମାନେ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କ ଉନ୍ନତି ଓ ଏକାଗ୍ରତା ଦେଖି ଖୁସିବ୍ୟକ୍ତ କରିବା ସହ ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ସାନମଙ୍ଗ ଉଚ୍ଚ ବିଦ୍ୟାଳୟର ୨୦୦୩ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀ ମାନେ ଦୀର୍ଘ ୨୧ ବର୍ଷ ପରେ ଏକଜୁଟ ହୋଇ ପାଳନ କରିଛନ୍ତି ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ । ପୁରୁଣା ବିଦ୍ୟାଳୟରେ ପାଦ ପଡୁପଡୁ ପୁରୁଣାବନ୍ଧୁ ମାନଙ୍କୁ ପାଖରେ ପାଇ ଭାବବିହ୍ୱଳ ହୋଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିଥିଲେ ଛାତ୍ର ଛାତ୍ରୀମାନେ । ବିଦ୍ୟାଳୟର ସବୁ କୋଣ ଅନୁକୋଣରେ ଖେଳିଯାଇଥିଲା ଆନନ୍ଦ ଉଲ୍ଲାସ ଓ ଖୁସିର ମାହୋଲ । ତାହାରି ଭିତରେ ପୁରାତନ ଛାତ୍ରଛାତ୍ରୀ ମାନେ ବୁଲିବୁଲି ସାଉଁଟିଥିଲେ ନିଜନିଜର ୨୧ ବର୍ଷର ସୁଖଦୁଖର ସ୍ମୃତି ଅନୁଭୂତିକୁ । ଅନ୍ୟପଟେ ଗୁରୁ ବ୍ରହ୍ମା,ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର, ଗୁରୁ ସାକ୍ଷାତ ପରଂ ବ୍ରହ୍ମ, ତସ୍ମଇ ଶ୍ରୀ ଗୁରୁଦେବ ନମଃ ! ସତେ ଯେମିତି ପୁରୁଣା ପଂକ୍ତିକୁ ଭୁଲି ନଥିଲେ ଛାତ୍ର ଛାତ୍ରୀ ମାନେ। ସେଥି ପାଇଁ ବିଦ୍ୟାଳୟର ପୁରାତନ ଶିକ୍ଷକ ମାନଙ୍କୁ ଆମନ୍ତ୍ରିତ କରି ପାଛୋଟି ଆଣି ସେମାନଙ୍କ ପାଦଧୌତ କରି ଭକ୍ତି ସହକାରେ ଗୁରୁ ପୂଜନ ଓ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଦ୍ୟାଳୟର ପୁରାତନ ଦିବଂଗତ ଶିକ୍ଷକ ମାନଙ୍କ ଉଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ବିଦ୍ୟାଳୟ ପରିସରରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯିବା ପରେ ସାମୁହିକ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ ଉତ୍ସବରେ ପୁରାତନ ଛାତ୍ର ପ୍ରଶାନ୍ତ ନାୟକ, ସୁବାଷ ସେଠୀ, ନିଶିକାନ୍ତ ସାହାଣୀ, ସାନ୍ତନୁ ବଳ, ମୁକେଶ ନାୟକ, ଅଜିତ ସେଠୀ,ବାପି ମଲ୍ଲିକ,ଅମିତ ପରିଡା,ଗଗନ ଦେ,ସମରେନ୍ଦ୍ର ସେଠୀ, ମିଲନ ପଣ୍ଡା ଯୋଗଦେବା ସହ ସେମାନଂକୁ ଶିକ୍ଷାଦାନ କରିଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା,ଦଶରଥ ନାୟକ,ଶଙ୍କର୍ଷଣ ନାୟକ,ଅଭୟ ନାୟକ,ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଗୁରୁଜୀ ମାନେ ଗୁରୁ ଶିଷ୍ୟ ସମ୍ପର୍କ, ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଅନାବିଳ ଭଲପାଇବା, ଗଠନ ମୂଳକ ଶିକ୍ଷାଦାନ କରାଯିବା ସମ୍ପର୍କରେ ମତପୋଷଣ କରିଥିଲେ । ବର୍ତମାନ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କିଶୋର ଦଲାଇ ଙ୍କ ସହଯୋଗ ରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯିବା ସହ ଚାରା ବଂଟନ କରାଯାଇଥିଲା । ପରିଶେଷରେ ସାମୁହିକ ପଂକ୍ତିଭୋଜନ ଆସରରେ ଏକ ନିଆରା ଅନୁଭୂତିରେ ସାଉଁଟି ଥିଲେ ଛାତ୍ରଛାତ୍ରୀ । ଅନ୍ୟ ପଟେ ଦୀର୍ଘଦିନ ଧରି ବିଦ୍ୟାଳୟରେ ଶିକ୍ଷାଦାନ କରି ଆସିଥିବା ଶିକ୍ଷକମାନେ ମଧ୍ୟ ଛାତ୍ର ଛାତ୍ରୀ ମାନଙ୍କ ଉନ୍ନତି ଓ ଏକାଗ୍ରତା ଦେଖି ଖୁସିବ୍ୟକ୍ତ କରିବା ସହ ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ ।

# ସ୍ଥାଣୁ ପାଲଟିଛି ଆରଡିଏ: ଯୋଜନାରେ ସୀମିତ ଏକାଧିକ ପ୍ରକଳ୍ପ

ରାଉରକେଲା, ୧୭/୬ (ନି.ପ୍ର): ଜିଲ୍ଲାର ବିଭିନ୍ନ ସହରାଞ୍ଚଳର ସାମଗ୍ରିକ ବିକାଶ ପାଇଁ ସ୍ଥାପନ କରାଯାଇଥିଲା ରାଉରକେଲା ବିକାଶ ପ୍ରାଧିକରଣ(ଆରଡିଏ)। ରାଉରକେଲା ପୌରାଞ୍ଚଳ ସମେତ ଇସ୍ପାତ ସହରାଞ୍ଚଳ ସମେତ ରାଜଗାଙ୍ଗପୁର, ବିରିମିତ୍ରପୁର, ସୁନ୍ଦରଗଡ ଅଞ୍ଚଳକୁ ଆରଡିଏ ଅଧୀନକୁ ଅଣାଯାଇଥିଲା। ଉଦ୍ଦେଶ୍ୟଥିଲା, ଏସବୁ ଅଞ୍ଚଳର ଭିତ୍ତିଭୂମି ତଥା ଯୋଜନାବଦ୍ଧ ଓ ବ୍ୟବସ୍ଥିତ ବିକାଶକରି ଅଗ୍ରଣୀ ସହରଭାବେ ଗଢ଼ିତୋଳିବା। ସହରବାସୀଙ୍କୁ ବାସଗୃହ ଯୋଗାଇବାକୁ ହାଉସିଂ କଲୋନି, ବ୍ୟବସାୟ ବୃଦ୍ଧି ପାଇଁ ସପିଂ କମ୍ପ୍ଲେକ୍ସ, ଶିକ୍ଷାଞ୍ଚଳ ନିର୍ମାଣ ସମେତ ବସ୍ତିର ବିକାଶ କରିବା। କିନ୍ତୁ ଆରଡିଏ ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇସାରିଲାଣି। ଦଶନ୍ଧି ପୂର୍ବେ ଯେଉଁସବୁ ମାର୍କେଟ୍ କଂପ୍ଲେକ୍ସ ନିର୍ମାଣ କରାଯାଇଥିଲା, ତାକୁ ରକ୍ଷଣାବେକ୍ଷଣ କରିବାରେ ସକ୍ଷମ ହେଉନଥିବାବେଳେ ନୂଆ ପ୍ରକଳ୍ପ ନିର୍ମାଣ ଦିବାସ୍ୱପ୍ନ ପାଲଟିଛି।

୩୦/୪୦ ବର୍ଷ ପୂର୍ବେ ଆରଡିଏ ପକ୍ଷରୁ ଭିଏସ୍‌ଏସ୍ ମାର୍କେଟ୍, ଛେଣ୍ଡ୍ ଏଚ୍.ଡି.ମାର୍କେଟ୍, ସିଭିଲଟାଉନସିପ ତରଙ୍ଗିନୀ ମାର୍କେଟ, ବାସନ୍ତୀକଲୋନି ଶିଶୁସଦନ ମାର୍କେଟ୍, ସିଭିଲ ଟାଉନସିପ୍ ଲାୟନ୍ସ ହସପିଟାଲ ପାଖ ମାର୍କେଟ୍, ରାଉରକେଲା ବସ୍‌ଷ୍ଟାଣ୍ଡ୍ ଆଦି ପାଖାପାଖି ୧୮ରୁ ଅଧିକ ମାର୍କେଟ୍ କଂପ୍ଲେକ୍ସ ନିର୍ମାଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଛେଣ୍ଡ, ବାସନ୍ତୀକଲୋନିରେ ପ୍ରାୟ ହଜାରେରୁ ଅଧିକ ବାସଗୃହ ନିର୍ମାଣ ନିର୍ମାଣ ହୋଇଛି। ଆରଡିଏ ସ୍ଥାପିତ ହେବାର ତିନି ଦଶନ୍ଧି ବିତିସାରିଥିଲେ ସୁଦ୍ଧା ବାସ୍ ଏତିକିରେ ସୀମିତ ରହିଛି ଆରଡିଏ ପ୍ରକଳ୍ପ। ଏହାପରେ ଏକାଧିକ ଯୋଜନା କରାଯାଇଛି, ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ ହୋଇଛି, କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ତଥା ଦୂରଦର୍ଶୀତାର ଅଭାବଯୋଗୁଁ ପ୍ରକଳ୍ପ ବାସ୍ତବରୂପ ନେଇପାରିନି।

୨୦୧୪ ନଭେମ୍ବର ୨୭ ତାରିଖରେ ଆରଡିଏ ଅଧ୍ୟକ୍ଷଭାବେ ସାରଦା ପ୍ରସାଦ ନାୟକ ଦାୟୀତ୍ୱ ନେବାପରେ ୫ ବର୍ଷ ଭିତରେ ୨୦ ହଜାର ବାସଗୃହ ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଶ୍ରୀ ନାୟକ କହିଥିଲେ, ପ୍ରାୟ ୬.୧୭ ଏକର ଜମିରେ ତିନିଟି ବହୁ ମହଲା ବିଶିଷ୍ଟ ଆବାସିକ ଆପାର୍ଟମେଣ୍ଟ୍, ଛେଣ୍ଡ୍ କଲୋନିରେ ୪୨ ଡିସିମିଲରୁ ଅଧିକ ଜମିରେ ଦୁଇଟି ସପିଂ କମ୍ପ୍ଲେକ୍ସ ନିର୍ମାଣ, ରାଉରକେଲା ବଣିକ ସଂଘ କାର୍ଯ୍ୟାଳୟ ପାଖରେ ୨.୨୫ ଏକର ଜମିରେ ବହୁ ମହଲା ବିଶିଷ୍ଟ ଆପାର୍ଟମେଣ୍ଟ୍ ନିର୍ମାଣ କରାଯିବ। ଏହାସହ ଆରଡିଏ ଏବଂ ଓଡିଶା ଷ୍ଟେଟ୍ ହାଉସିଂ ବୋର୍ଡ(ଓଏସ୍‌ଏଚ୍‌ବି) ପକ୍ଷରୁ ମିଳିତଭାବେ ଛେଣ୍ଡ୍ କଲୋନିରେ ୧୦୮.୮୨ ଏକରରୁ ଅଧିକ ଜମିରେ ମେଗା ହାଉସିଂ ପ୍ରକଳ୍ପ ନିର୍ମାଣକରି ସୁଲଭ ମୂଲ୍ୟରେ ଘର ଯୋଗାଇବାକୁ ଶ୍ରୀ ନାୟକ ଘୋଷଣା କରିଥିଲେ। ତେବେ ଶ୍ରୀ ନାୟକ ପ୍ରାୟ ବର୍ଷକାଳ ଅଧ୍ୟକ୍ଷ ପଦବିରେ ରହିଥିଲେ ସୁଦ୍ଧା ପ୍ରସ୍ତାବିତ ପ୍ରକଳ୍ପର ଭାଗ୍ୟ ଫିଟିନଥିଲା। ଏବେ ବି ସ୍ଥିତିରେ ସୁଧାର ଆସିନି। ସଂପ୍ରତି କେବଳ ଛେଣ୍ଡ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରଡିଏକୁ ଦିଆଯାଇଥିବା ପ୍ରସ୍ତାବିତ ୧୦୮.୮୨ ଏକର ଜମିରେ ଆର୍ଥିକ ଅନଗ୍ରସର ବର୍ଗର ଲୋକଙ୍କ ପାଇଁ ବାସଗୃହପ୍ରକଳ୍ପ ନିର୍ମାଣ କରାଯାଇଛି। ଏଠାରେ ୬ଟି ବସ୍ତିର ୪୨୦ଟି ପରିବାରକୁ ବାସଗୃହ ଯୋଗାଇ ଦିଆଯିବ। ଉଭୟ ରାଉରକେଲା ମହାନଗର ନିଗମ ଅଞ୍ଚଳ ଓ ଇସ୍ପାତ ସହରାଞ୍ଚଳରେ ପାଖାପାଖି ୩୦୦ରୁ ଅଧିକ ବସ୍ତିରେ ଲକ୍ଷାଧିକ ଗରିବଶ୍ରେଣୀର ଲୋକ ବସବାସ କରୁଥିବାବେଳେ କେବଳ ୪୨୦ ପରିବାରକୁ ଥଇଥାନ, ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ଏକ ସ୍ଥାଣୁ ପାଲଟିଯାଇଥିବା ଆରଡିଏକୁ ପୁନଃ ଚଳଚଞ୍ଚଳ କରି ଅସଲ ଉଦ୍ଦେଶ୍ୟ ସାଧାନ ଦିଗରେ ଆଗଭର କରିବା ହିଁ ଏକମାତ୍ର ବିକଳ୍ପ ପାଲଟିଛି। ଉଲ୍ଲେଖଯୋଗ୍ୟ, ୧୯୫୯ ଫେବ୍ରୁଆରି ୩ ତାରିଖରେ ଦେଶର ପ୍ରଥମ ରାଷ୍ଟ୍ରାୟତ ଉଦ୍ୟୋଗ, ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) କାର୍ଯ୍ୟକ୍ଷମ ହେବାପରେ ରାଉରକେଲା ନୂଆ ପରିଚୟ ପାଇଥିଲା। କ୍ରମଶଃ ରାଉରକେଲାର କଳେବର ବୃଦ୍ଧି ପାଇବାରେ ଲାଗିଥିଲା। ରାଉରକେଲା ସହରର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ୧୯୬୪ ମସିହାରେ ସ୍ୱତନ୍ତ୍ର ଯୋଜନା ପ୍ରାଧିକରଣ ଗଠନ କରାଯାଇଥିଲା। ପରେ, ୧୯୭୬ ଜାନୁଆରି ୨୬ ତାରିଖରେ ଏହି ସଂସ୍ଥା, ରାଉରକେଲା ଆଞ୍ଚଳିକ ବିକାଶ ଟ୍ରଷ୍ଟ (ଆରଆରଆଇଟି)ରେ ରୂପାନ୍ତରିତ କରାଯାଇଥିଲା। ଆରଆରଆଇଟି ଗଠନ ହେବା ପରଠାରୁ ସରକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ମ୍ୟାନେଜମେଣ୍ଟ ବୋର୍ଡ୍ ପରିଚାଳିତ ହୋଇଥିଲା। ତେବେ ୧୯୯୫ ମସିହା ଅକ୍ଟୋବର ୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅମଳରେ ଏହି ସଂସ୍ଥା ଆରଡିଏରେ ପରିଣତ ହୋଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ମଠ କର୍ତ୍ତୃପକ୍ଷ: 'ସମାଧି ମନ୍ଦିରକୁ ମାଫିଆଙ୍କଠୁ ମୁକ୍ତିଦିଅ'

ପୁରୀ, ୧୭/୬ (ନି.ପ୍ର): ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତି ପାରିନାହିଁ ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ମନ୍ଦିର। ସମୃଦ୍ଧ ସନାତନ ସଂସ୍କୃତିର ମୂଲ୍ୟବୋଧ ମାନବ ସମାଜକୁ ବିତରଣ କରି ଆସୁଥିବା ଆଦିଗୁରୁଙ୍କ ସମାଧି ମନ୍ଦିରକୁ ଦଳିମକଚି ଏହାଉପରେ କୋଠା ଗଢ଼ିବାକୁ ପଛାଉନାହାନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପୀଠରୁ ଗୋଟେ ପରେ ଗୋଟେ ସମାଧି ମନ୍ଦିରକୁ ଧ୍ୱଂସ କରି ଦେଉଥିବା ଜମି ମାଫିଆଙ୍କ କବଳରୁ ମୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି ଶ୍ରୀଶଙ୍କରାଚାର୍ଯ୍ୟ ଶ୍ରୀଗୋବର୍ଦ୍ଧନ ମଠର କାର୍ଯ୍ୟାଳୟ ସମ୍ପାଦକ ସୁଯଶ ପ୍ରଶାନ୍ତ। ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ଏହି ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳଙ୍କୁ ଭେଟି ସମାଧି ମନ୍ଦିରକୁ ଉଦ୍ଧାର କରି ମଠକୁ ହସ୍ତାନ୍ତର ନିମନ୍ତେ ଦାବି କରିଛନ୍ତି। ସୁଯଶ ପ୍ରଶାନ୍ତ କହିଛନ୍ତି, ପୁରୀ ବାଲିସାହିରେ ଶ୍ରୀଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠରେ ବର୍ତ୍ତମାନ ସୁଦ୍ଧା ୧୪୫ ଜଣ ଶଙ୍କରାଚାର୍ଯ୍ୟ ବୈଦିକ ଜ୍ଞାନ ବିତରଣ ସହ ସନାତନ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟ କରି ଆସିଛନ୍ତି। ଶଙ୍କରାଚାର୍ଯ୍ୟମାନେ ବ୍ରହ୍ମଲୀନ ହେଲେ ବା ଇହଲୀଳା ସମ୍ବରଣ କଲେ ସେମାନଙ୍କୁ ସମାଧି ଦିଆଯିବାର ପ୍ରଥା ରହିଛି। ସମାଧି ସ୍ଥଳରେ ଶିବଲିଙ୍ଗ ପ୍ରତିଷ୍ଠା ପୂର୍ବକ ଗୋବର୍ଦ୍ଧନ ମଠ ପକ୍ଷରୁ ଏଠାରେ ସକାଳେ ଓ ସନ୍ଧ୍ୟାରେ ପୂଜା କରାଯାଏ। ଅତୀତରୁ ଏଠାରେ ୧୩୧ ଜଣଙ୍କ ସମାଧି ମନ୍ଦିର ରହିଥିଲା। କିନ୍ତୁ ଜମି ମାଫିଆମାନେ ଜମିକୁ ହାତେଇବା ପାଇଁ ସମାଧି ମନ୍ଦିରକୁ ଭାଙ୍ଗିଦେଲେ। ଏବେ ସେଠାରେ ମାତ୍ର୧୯ଟି ସମାଧି ମନ୍ଦିର ମଠ ତରଫରୁ ପୂଜା କରାଯାଉଛି। କିନ୍ତୁ ଆଉ ୨ଟି ସମାଧି ମନ୍ଦିରକୁ ଦଖଲ କରାଯାଇଛି। ମଠ ପଛପାଖ ଦକ୍ଷିଣ ପାର୍ଶ୍ୱ ସାତ ଆସନ ଲେନ୍ ନିକଟରେ ଦୁଇଟି ସମାଧି ମନ୍ଦିରକୁ ଭାଙ୍ଗିଦିଆଯାଇଛି। ଅନେକ ସମାଧି ମନ୍ଦିରକୁ ଦଖଲକୁ ନେଇ ସମାଧି ଉପରେ କିଛି ହୋଟେଲ ଓ ଲଜ୍ ମଧ୍ୟ ନିର୍ମିତ ହୋଇଛି। ଏହା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପ୍ରତି ଅସମ୍ମାନ। ବେ?ଦିକ ପରମ୍ପରା ଅନୁସାରେ ସମାଧି ମନ୍ଦିରରେ ପୂଜା ବିଧି ହୋଇପାରୁନାହିଁ। କେଉଁମାନେ ଦଖଲରେ ଅଛନ୍ତି ଏନଇେ ସରକାରୀ ସ୍ତରରେ ନିରପେକ୍ଷ ତଦନ୍ତ ସହ ସମାଧି ମନ୍ଦିରକୁ ଉଦ୍ଧାର କରି ଗୋବର୍ଦ୍ଧନ ମଠକୁ ସ୍ଥାନାନ୍ତର କରିବାକୁ ସେ ନିବେଦନ କରିଛନ୍ତି।

# ପୂର୍ବତନ ବିଧାୟକ ସ୍ୱର୍ଗତଃ ମଦନ ମୋହନ ଦତ୍ତଙ୍କ ଚତୁର୍ଥ ପୁଣ୍ୟତିଥି ଅବସରରେ ସଦର ବିଜେପି ପକ୍ଷରୁ ଅନୁଷ୍ଠିତ ହେଲା ମେଗା ରକ୍ତଦାନ ଶିବିର



ବାଲେଶ୍ୱର , ୧୭/୬ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତଃ ମଦନ ମୋହନ ଦତ (ମଙ୍ଗୁ ଭାଇ)ଙ୍କର ଚତୁର୍ଥ ପୁଣ୍ୟତିଥି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଜେପି ସଦର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଦତ୍ତଙ୍କ ସୁପୁତ୍ର ତଥା ନବ ନିର୍ବାଚିତ ସଦର ବିଧାୟକ ମାନସ କୁମାର ଦତ୍ତ ଓ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଏହି ଶିବିରକୁ ଉଦଘାଟନ କରିବା ସହ ସ୍ୱର୍ଗତଃ ମଙ୍ଗୁଭାଇଙ୍କ ସ୍ମୃତିଚାରଣ କରିଥିଲେ । ବିଧାୟକ ଥିବା ସମୟରେ ସେ ବାଲେଶ୍ୱରର ଉନ୍ନତି ପାଇଁ ସଦା ସର୍ବଦା କାର୍ଯ୍ୟରତ ଥିଲେ । ସୁଖରେ କି ଦୁଃଖରେ, ଥାନାରେ ହେଉ କି ଡାକ୍ତରଖାନା, ସେ ସଦା ସର୍ବଦା ଜନସାଧାରଣଙ୍କ ସେବାରେ ନିଜ ଜୀବନକୁ ସମର୍ପିତ କରିଥିଲେ ବୋଲି ବିଧାୟକ ଶ୍ରୀ ଦତ୍ତ କହିଥିଲେ । ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ସଦର ବିଧାୟକ ଶ୍ରୀ ଦତ୍ତ କୃତଜ୍ଞତା ଜଣାଇବା ସହ ସ୍ୱର୍ଗତ ବିଧାୟକଙ୍କ ସେବା ମନସ୍କ ଚେତନାକୁ ଉଜ୍ଜୀବିତ ରଖିବା ପାଇଁ ଏବଂ ଉତ୍ତର ପିଢ଼ିଙ୍କ ମଧ୍ୟରେ 'ସେବା ହିଁ ସଂଗଠନ'ର ଜାଗରଣ ଆଣିବା ନିମନ୍ତେ ଏହି ବିଶାଳ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସେ କହିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ଅନନ୍ତ ନାୟକ, ଉପେନ୍ଦ୍ର ଶତପଥୀ, ବିଭୂପଦ ଦାସ, ସତ୍ୟଜିତ ମିଶ୍ର, ରୋଜାଲିନ ପାଣି, ନିରୁପମା ଦାଶ, ପ୍ରତିମା ବେହେରା, ସସ୍ମିତା ନାଥ, ଜିଲ୍ଲା ପରିଷଦ ସଭ୍ୟ ଗୟାଧର ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ଧୀରଜ ମହାନ୍ତି, ବିକାଶ ପାଢ଼ୀ, ପ୍ରବୀର ଶଙ୍କର ଦାଶ, ମନ୍ମୟ ଦାସ, ସୌଭଗ୍ୟ ପବନ କମିଲା, ସୌଭଗ୍ୟ ମାନସ ନାୟକ, ଜଳେନ୍ଦ୍ର ସେଠି, ମନୋରଞ୍ଜନ ନନ୍ଦି, ଶ୍ରୀୟା ଦାସ, ସସ୍ମିତା ଦାଶ, ସୁସ୍ମିତା ଶୁକ୍ଲା, ପ୍ରତାପ ପ୍ରଧାନ ପ୍ରମୁଖ ଏହି ଶିବିରରେ ଉପସ୍ଥିତି ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟ ପ୍ରତି ଯୁବଗୋଷ୍ଠୀ ସର୍ବଦା ଆଗ୍ରହୀ ହେବାକୁ କହିଥିଲେ । ସଦର ବିଜେପିର ବହୁ ଯୁବକର୍ମୀ ଏହି ଶିବିରରେ ରକ୍ତଦାନ କରିଥିବା ଦେଖିବାକୁ ମିଳିଥିଲା । ଉକ୍ତ ରକ୍ତଦାନ ଶିବିରରେ ସର୍ବମୋଟ ୧୩୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଅଛି ।

# ନୀଳଗିରିରେ ସିରିଜ୍ ଦୁର୍ଘଟଣା: ଜଣେ ମୃତ

ନୀଳଗିରି , ୧୭/୬ (ନି.ପ୍ର): ଆଜି ମଧ୍ୟାହ୍ନ ସମୟରେ ନୀଳଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖରେ ସିରିଜ ଦୁର୍ଘଟଣା ଦେଖିବାକୁ ମିଳିଛି । ଯେଉଁଥିରେ ଜଣେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ଏକ ଟିପ୍ପର ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା କାରଣରୁ ଦୁଇ ବାଇକ ଚାଳକ ଅକ୍ତକେ ବର୍ତ୍ତିଥିବା ବେଳେ ଜଣେ ମୃତ୍ୟୁବରଣ କରିଛନ୍ତି ।ଘଟଣା ସ୍ଥଳରୁ ଗାଡି ଚାଳକ ଜଣକ ଚମ୍ପଟ ମାରିଛନ୍ତି ।ସୂଚନା ମୁତାବକ ଶେରଗଡ ଝରଣଘାଟି ୧୯ ନଂ ରାଜ୍ୟ ରାଜ୍ୟପଥର ନୀଳଗିରି ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ନୀଳଗିରିରୁ ଉଦଳା ଅଭିମୁଖେ ଯାଉଥିବା ଏକ ଟିପ୍ପର ଯାହାର ନମ୍ବର(ଓଆର ୧୬-ଏଫ ୧୪୧୦)ତିନୋଟି ବାଇକକୁ ଧକ୍କା ଦେଇଥିଲା ।ଯେଉଁଥିରେ ନୀଳଗିରି କଦମସାହି ଅଞ୍ଚଳରେ ଭଡାରେ ରହୁଥିବା କଟକ ନରସିଂହପୁର ବଡମ୍ବା ଅଞ୍ଚଳର ମାନଗୋବିନ୍ଦ ମୁଦୁଲି ଗୁରୁତର ହୋଇ କଟକ ବଡ଼ମେଡ଼ିକାଲକୁ ନିଆଯାଉଥିବା ବେଳେ ରାସ୍ତାରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ଜଣେ ସୋର ଅଞ୍ଚଳର ଯୋଗେନ୍ଦ୍ର ଓଝା ଓ ଅନ୍ୟଜଣେ ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଓ ନୀଳଗିରି ଅଗ୍ନିଶମ ବିଭାଗ ସହାୟତାରେ ମାନଗୋବିନ୍ଦ ଓ ଆହତ ବ୍ୟକ୍ତି ମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ମାନଗୋବିନ୍ଦଙ୍କ ସ୍ଥିତି ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ପରେ ସେଠାରୁ କଟକ ଅଭିମୁଖେ ସ୍ଥାନାନ୍ତର ବେଳେ ଭଦ୍ରକ ନିକଟରେ ମୃତ୍ୟୁବରଣ କରିଛନ୍ତି ।ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟିପ୍ପରଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

# ଓଲଟିଲା ଟ୍ରାକ୍ଟର ଜଣେ ମହିଳା ଶ୍ରମିକ ମୃତ ଓ ୧୧ ଆହତ

ଭବାନୀପାଟଣା, ୧୭/୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ଅନ୍ତର୍ଗତ ଧରଣୀପଦର ନିକଟରେ ଶ୍ରମିକମାନଙ୍କୁ ନେଇ ବିଳମ୍ବିତ ରାତିରେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିଛି। ଏଥିରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରାକ୍ଟର ଡାଲାରେ ବସିଥିବା ବୁଢିପଦର ଗ୍ରାମର ୧୧ ଜଣ ଶ୍ରମିକ ଆହତ ହୋଇଛନ୍ତି । ମୃତ ମହିଳା ଜଣକ ହେଲେ ବୁଢିପଦର ଗ୍ରାମର ହେମ ଗଉଡ (୪୨) ବୋଲି ଜଣାପଡିଛି। ଆହତମାନଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ତନ୍ମଧ୍ୟରୁ ଗୁରୁତର ମାନଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ୩ ଜଣ ଶ୍ରମିକଙ୍କ ଜୀବନ ସଙ୍କଟାପନ୍ନ ଥିବା ଜଣାପଡିଛି। ଏହି ଶ୍ରମିକମାନେ କର୍ମେଗାଁ ରୁ ପଲସାପଡାର ପିଚୁ ରାସ୍ତା କାର୍ଯ୍ୟରେ ନିୟୋଜିତ ଥିଲେ। ପ୍ରତିଦିନ ପରି ସେମାନେ କାମସାରି ଟ୍ରାକ୍ଟର ନମ୍ବର ଓଡି୦୮-୯୩୬୨ ଡାଲାରେ ବସି ଘରକୁ ଫେରୁଥିଲେ। ଏହି ସମୟରେ ଧରଣୀପଦର ମୁଖ୍ୟ ରାସ୍ତାରୁ ଏକ କ୍ଷେତ ତଳକୁ ଟ୍ରାକ୍ଟର ଖସି ପଡିଥିଲା। ଘଟଣାସ୍ଥଳରୁ ଆହତ ଶ୍ରମିକମାନଙ୍କୁ ଧରଣୀପଦର ଓ ବୁଢ଼ିପଦର ଗ୍ରାମର କିଛି ଲୋକଙ୍କ ସହଯୋଗରେ ଆମ୍ବୁଲାନ୍ସ ଓ ଘରୋଇ ଗାଡ଼ି ଯୋଗେ ନର୍ଲା ଡାକ୍ତରଖାନା ନିଆଯାଇଥିଲା। ଟ୍ରାକ୍ଟର ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ତେବେ ଘଟଣାସ୍ଥଳରେ ତୁରନ୍ତ ନର୍ଲା ପୋଲିସ ପହଂଚି ତଦନ୍ତ ଜାରୀ ରଖିଛି।

# ଟିଉସନ ଯାଉଥିବା ବେଳେ ଛାତ୍ରଙ୍କୁ ଅପହରଣ : ୬ଘଣ୍ଟା ପରେ ଉଦ୍ଧାର

ଖଇରା, ୧୭/୬ (ନି.ପ୍ର): ଖଇରା ଥାନା ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁର ଗ୍ରାମର ଅମିତ କୁମାର ଚକ୍ର(୧୨) ଅପରହରଣ ହେବାର ୬ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଛି । ତେବେ ଅମିତ ତାଙ୍କର ବୁଦ୍ଧି ଓ ସାହସ ଯୋଗୁଁ ବଡ ଦୁର୍ଘଟଣାରୁ ବର୍ତ୍ତୀ ଯାଇଥିବାର କୁହାଯାଉଛି । ସବୁ ଦିନ ଭଳି ଅମିତ ସକାଳେ ଦାମୋଦରପୁର ଗ୍ରାମକୁ ଟିଉସନ ହେବାକୁ ଯାଉଥିଲେ । ହେଲେ ଗ୍ରାମ ରାସ୍ତାର ଦୁର୍ଗାବଙ୍ଗଳା ନିକଟରେ ଗୋଟିଏ ଭ୍ୟାନ ଏବଂ ଅନ୍ୟ ଏକ ବାଇକରେ କିଛି ବ୍ୟକ୍ତି ଆସି ତାକୁ ରାସ୍ତାରୁ ଉଠାଇ ନେଇଥିଲେ । ଟିଉସନ ସୋମବାର ବନ୍ଦ ଥିବା କଥା ସଂପୃକ୍ତ ଶିକ୍ଷକଙ୍କ ନିକଟରୁ ଜାଣିପରିବାର ଲୋକେ ଥାନାରେ ଖବର ଦେବା ସହ ଖୋଜାଖୋଜି କରିଥିଲେ । କିଛି ଘଣ୍ଟା ପରେ ଗଗନଧୁଳି ପଞ୍ଚାୟତ ରଫାୟାତପୁର ଗ୍ରାମର କୈଳାସ ଚନ୍ଦ୍ର ପଣ୍ଡା ଅମିତଙ୍କ ଘର ଲୋକଙ୍କୁ ଖବରଦେଇ ଅମିତଙ୍କୁ ରାସ୍ତାରୁ ଦୁର୍ବୃର୍ତ୍ତଙ୍କ ନିକଟରୁ ଉଦ୍ଧାର କରି ଘରେ ରଖିଥିବା କଥା କହଥିଲେ । ବାପା ସୁଦାମ ଚକ୍ର ବାହାରେ ରହୁଥିବା ବେଳେ ଖବରପାଇ ପିଲାର ଦାଦା ସନାତନ ଚକ୍ର ଓ ଅନ୍ୟକିଛି ସମ୍ପର୍କୀୟ ରଫାୟାତ ପୁର ଗ୍ରାମକୁ ଯାଇ ପିଲାକୁ ଉଦ୍ଧାର କରିଥିଲେ । ପିଲାଟିର କହିବା ଅନୁଯାୟୀ ଦୁର୍ବୃତ୍ତ ମାନେ ତାଙ୍କୁ ଗାଡିରେ ବସାଇ ମାଡ ମାରିବା ସହ ପ୍ରଥମେ ପର୍ଣ୍ଣିମା ଘାଟି ନିକଟକୁ ନେଇଥିଲେ । ପୁଣି ଫେରାଇ ଆଣି ଗର୍ଣ୍ଡିବେଡ- ଊପଦା ରାସ୍ତାର ବୁଡାଗଡିଆ ନିକଟରେ ଏକ ନିଛାଟିଆ ଯାଗାକୁ ନେଇ ଗାଡି ରଖି ଓହ୍ଲାଇ ପରସ୍ପର ମଧ୍ୟରେ କଥା ହେଉଥିଲେ । ଏତିକି ବେଳେ ଅମିତ ସାହସ ସଞ୍ଚୟ କରି ସେଠାରୁ ମୁଖ୍ୟ ରାସ୍ତା ଉପରକୁ ପଳାଇ ଆସିଥିଲେ । ଠିକ ସେହି ସମୟରେ ନିଜ ଶ୍ୱଶୁର ଘର ରଫାୟାତପୁର ଅଭିମୁଖେ ଯାଉଥିବା କୈଳାସ କୁ ଅମିତ ସବୁକଥା କହିବା ପରେ ସେ ନିଜ ବାଇକରେ ବସାଇ ଶ୍ୱଶୁର ଘରକୁ ନେଇ ଯାଇଥିଲେ । ତେବେ ଏଭଳି ଘଟଣାକୁ ନେଇ ବାପା ସୁଦାମ ସନ୍ଦେହ ପ୍ରକାଶ କରିବା ସହ ଏଥିରେ ବଡ ର୍ୟାକେଟ ସଂପୃକ୍ତି ଥିବାରୁ ଏହାର ତଦନ୍ତ ଦାବି କରିଛନ୍ତି ।

# କେନ୍ଦୁପାଟି ଗ୍ରାମ ରାସ୍ତାର ଦୁର୍ଦ୍ଦଶା: ପ୍ରଶାସନ ନୀରବଦ୍ରଷ୍ଟା

ଭବାନୀପାଟଣା, ୧୭/୬ (ନି.ପ୍ର): ଭବାନୀପାଟଣା ବ୍ଲକ କେନ୍ଦୁପାଟି ର ଚପଟ ଖଣ୍ଡା ଗ୍ରାମର ହରିଜନ ପଡା, ଗହୀର ପଡା ର ବସ୍ତି ରାସ୍ତା ଦୀର୍ଘ ଦିନରୁ ମରାମତି ଅଭାବ, ପ୍ରଶାସନର ଅଣ ଦେଖାରେ ରାସ୍ତାର ଦୁର୍ଦ୍ଦଶା କହିଲେ ନ ସରେ ଏହି ରାସ୍ତାରେ ସବୁ ଦିନ କାଦୁଅ, ମଇଳା ଆବର୍ଜନାରେ ଭର୍ତି ହୋଇ ପାଣି ଜମା ହୋଇ କାଦୁଅ ଦୁର୍ଗନ୍ଧରେ ଫାଟି ପଡୁଛି। ଗ୍ରାମବାସୀ ମାନେ ରାସ୍ତା ଅଣ ଓସାରିଆ ପୁଣି କାଦୁଅରେ ଯାତାୟାତ କରିବା ପାଇଁ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ବର୍ତମାନ ୪୫-୫୦ ଡିଗ୍ରୀ ଖରା ଦିନେ ଯଦି କାଦୁଅ ପାଣିରେ ଭର୍ତି ହେଉଛି ତେବେ ବର୍ଷା ଦିନରେ ଏହି ରାସ୍ତାର ପରିସ୍ଥିତି ଓ ଗ୍ରାମବାସୀଙ୍କ ସ୍ଥିତି କଣ ହୋଇପାରେ ଚିନ୍ତାର ବିଷୟ। ଏହି ରାସ୍ତାର ଦୁର୍ଦ୍ଦଶାକୁ ସମାଧାନ କରିବା ପାଇଁ ଜିଲ୍ଲା ୱାର୍ଡମେମ୍ବର ଠୁ ପ୍ରଶାସନ ପର୍ଯନ୍ତ ଜଣାଇ ଥିଲେ ମଧ ରାସ୍ତା ସୁଧାର ହୋଇ ପାରୁ ନାହିଁ। ଆଗାମୀ ଦିନରେ ବର୍ଷା ଋତୁ ହେବାର ଅଛି, ଛାତ୍ର ଛାତ୍ରୀ, ଛୋଟ ଛୋଟ ଶିଶୁ, ଗର୍ଭବତୀ, ପ୍ରସୂତି, ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ଇତ୍ୟାଦି ଲୋକ ମାନେ କରିବେ କଣ। ଏହି ଚପଟ ଖଣ୍ଡା ରାସ୍ତା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଲାଙ୍ଗିରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କୁ ନାଗରିକ ସମ୍ବର୍ଦ୍ଧନା

ବଲାଙ୍ଗିର, ୧୭/୬ (ନି.ପ୍ର): ସଂକଳ୍ପପତ୍ରରେ ଯାହା କୁହାଯାଇଛି, ତାହା ପାଳନ କରିବା ଆରମ୍ଭ କରିଦେଇଛି ବିଜେପି ସରକାର ବୋଲି ବଲାଙ୍ଗିର ସାମ୍ବାଦିକ ଭବନରେ ନାଗରିକ ସମ୍ବର୍ଦ୍ଧନା ଗ୍ରହଣ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି । ଦୁଲ୍‌ଦୁଲି କଳା ପରିଷଦ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡ. ଲଳିତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ଘାସିରାମ ମିଶ୍ର, ଗଦାଧର ବାରିକ, ଆଇନଜୀବୀ ଶଶୀଭୂଷଣ ପୁରୋହିତ, ସଂପାଦକ ବାସୁଦେବ ସା' ପ୍ରମୁଖ ନିଜ ଭାଷଣରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ବିଭିନ୍ନ ଦାବି ସଂପର୍କରେ ଉପସ୍ଥାପନ କରିଥିଲେ । ଶୁଭେଚ୍ଛା ଓ ସମ୍ବର୍ଦ୍ଧନାର ପ୍ରତ୍ୟୁତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମହାଲିଙ୍ଗ ବଲାଙ୍ଗିରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ, ପରିବର୍ତନ ପାଇଁ ଓଡ଼ିଶାବାସୀ ବିଜେପିକୁ ଭୋଟ ଦେଇଛନ୍ତି । ଓଡ଼ିଶାରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନବୀକରଣ କରାଯିବ । ଦୀର୍ଘ ବର୍ଷରୁ ରହିଆସିଥିବା ସମସ୍ୟା ଉପରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ । କାର୍ଯ୍ୟକ୍ରମରେ ସହରର ବହୁ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ଡ. ମହାଲିଙ୍ଗଙ୍କୁ ପୁଷ୍ପ ଗୁଚ୍ଛ ଉତ୍ତରୀୟ ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଠାକୁ ଆସିବା ଆଗରୁ ପୃଥୀରାଜ ହାଇସ୍କୁଲ ନିକଟରେ ଥିବା ପାଟଣେଶ୍ୱରୀ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚନା କରିଥିଲେ ଓ ଗୋପାଳଜୀଉ ମନ୍ଦିର ଆଗରେ ଥିବା ସଂଘ କାର୍ଯ୍ୟାଳୟ ରେ ଯାଇ ସ୍ୱେଚ୍ଛାସେବୀ ମାନଙ୍କ ସହିତ କଥା ହୋଇଥିଲେ ।

## ରାଏବରେଲୀ ରଖିବେ ରାହୁଲ...

ତେଣୁ ସେ ସେ ୱାୟନାଡ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ରାହୁଲ ଗାନ୍ଧି ଆସନ ଛାଡ଼ିବାକୁ ଯାଉଥିବାରୁ ଏଠାରେ ଉପ ନିର୍ବାଚନ ହେବ। ଉପ ନିର୍ବାଚନରେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା ୱାୟନାଡରୁ ପ୍ରାର୍ଥୀ ହେବେ। ପ୍ରଥମଥର ପାଇଁ ପ୍ରିୟଙ୍କା ଗାନ୍ଧି ଭଦ୍ରା କୌଣସି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଘୋଷଣା କରିଛନ୍ତି। ଏପରି ନିଷ୍ପତ୍ତି ପରେ ରାହୁଲ ଗାନ୍ଧି କହିଛନ୍ତି, "ଉଭୟ ରାଏବରେଲୀ ଓ ୱାୟନାଡ ଲୋକଙ୍କ ସହ ଥିବା ମୋର ସମ୍ପର୍କ ବେଶ ଶକ୍ତିଶାଳୀ। ସାଂସଦ ଭାବେ ଗଲା ୫ ବର୍ଷର ଅଭିଜ୍ଞତା ବେଶ ଚମତ୍କାର ରହିଥିଲା। ୱାୟନାଡର ଲୋକମାନେ ମୋ ସହ ଛିଡ଼ା ହୋଇଥିଲେ। ଗୋଟିଏ କଠିନ ସମୟରେ ସେମାନେ ମୋତେ ଭଲ ପାଇବା ଦେବା ସହ ସେହ୍ନ କରିଥିଲେ। ସେମାନେ ଲଢ଼େଇ କରିବାକୁ ଶକ୍ତି ଭରି ଦେଇଥିଲେ। ମୁଁ କେବେ ହେଲେ ଏସବୁକୁ ଭୁଲି ବି ନାହିଁ। ୱାୟନାଡରେ ଥିବା ସମସ୍ତଙ୍କୁ ମୁଁ କହିବାକୁ ଚାହୁଁଛି ଯେ ପ୍ରିୟଙ୍କା ଏବେ ସେଠାରେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। କିନ୍ତୁ ମୁଁ ନିୟମିତ ସେଠାକୁ ଯିବି। ଉଭୟ ୱାୟନାଡ ଓ ରାଏବରେଲୀ ୨ଟି ଲେଖାଏ ସାଂସଦ ପାଇବେ।" ରାହୁଲଙ୍କ ଅନୁପସ୍ଥିତି କେବେ ହେଲେ ୱାୟନାଡବାସୀ ଅନୁଭବ କରିବେ ନାହିଁ ବୋଲି ମଧ୍ୟ ପ୍ରିୟଙ୍କା କହିଛନ୍ତି। ୱାୟନାଡ ଆସନ ଛାଡ଼ିବା ପୂର୍ବରୁ ସେଠାକାର କର୍ମୀ ଓ ନେତାଙ୍କ ସହ ରାହୁଲ ଆଲୋଚନା କରିଥିଲେ। ସମସ୍ତେ ଗାନ୍ଧି ପରିବାରର କୌଣସି ସଦସ୍ୟ ଏଠାରୁ ପ୍ରାର୍ଥୀ ହୁଅନ୍ତୁ ବୋଲି ମତ ରଖିଥିଲେ। ସେମାନଙ୍କ ମତକୁ ସମର୍ଥନ ଜଣାଇ ପ୍ରିୟଙ୍କା ପ୍ରାର୍ଥୀ ହେବାକୁ ଯାଉଥିବା ଜଣାପଡ଼ିଛି। ୨୦୧୯ରେ ରାହୁଲ ୱାୟନାଡରୁ ପ୍ରଥମଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ୱାୟନାଡ ସମେତ ଗାନ୍ଧି ପରିବାରର ଗଡ଼ ରାଏବରେଲୀରୁ ମଧ୍ୟ ନିର୍ବାଚନ ଲଢ଼ିଥିଲେ। ଉଭୟ ଆସନରେ ସେ ରେକର୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ରାଏବରେଲୀରେ ପୂର୍ବରୁ ରାହୁଲଙ୍କ ମା' ସୋନିଆ ଓ ଗାନ୍ଧି ପରିବାରର ସଦସ୍ୟ ଛିଡ଼ା ହୋଇ ଆସୁଥିଲେ। ରାଏବରେଲୀ ସହ ଗାନ୍ଧି ପରିବାରର ସମ୍ପର୍କ ବହୁତ ପୁରୁଣା। ସେହି ଅନୁସାରେ ରାହୁଲ ଗାନ୍ଧି ମଧ୍ୟ ମା' ସୋନିଆଙ୍କ ଠାରୁ ଅଧିକ ଭୋଟ ବ୍ୟବଧାନରେ ଜିତିଥିଲେ। ତେଣୁ ସେ ଏହି ଆସନ ନ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଜନପ୍ରତିନିଧି ଆଇନ ଅନୁଯାୟୀ, ଜଣେ ରାଜନେତା ଅତିବେଶୀରେ ଦୁଇଟି ନିର୍ବାଚନ ମଣ୍ଡଳୀରୁ ଲଢ଼ିପାରିବେ। ଯଦି ସେ ଉଭୟ ଆସନରେ ଜିତୁଛନ୍ତି, ତା'ହେଲେ ତାଙ୍କୁ ରେଜଲ୍ଟ ବାହାରିବାର ୧୪ ଦିନ ମଧ୍ୟରେ ଗୋଟିଏ ଆସନରୁ ଇସ୍ତଫା ଦେବାକୁ ପଡ଼ିବ। ଯଦି ଜଣେ ଗୋଟିଏ ଆସନରୁ ଇସ୍ତଫା ନ ଦିଅନ୍ତି, ତା'ହେଲେ ସେ ଉଭୟ ସିଟ୍ ମଧ୍ୟ ହରାଇବାର ଆଶଙ୍କା ରହିଛି। ତେଣୁ ରାହୁଲଙ୍କୁ ଗୋଟିଏ ଆସନ ଏବେ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭର୍ତ୍ତୃହରି କିମ୍ବା ପୁରନ୍ଦେଶ୍ୱରୀ ...

କରି ଲୋକଙ୍କୁ କୃତଜ୍ଞତା ଜଣାଇବ ବୋଲି କୁହାଯାଉଛି। ଏହାବାଦ ଟିଡିପି ବାଚସ୍ପତି ପଦ ପାଇଁ ଦାବି କରୁଥିବାରୁ ସେହି ଆନ୍ଧ୍ରରୁ ପୁରନ୍ଦେଶ୍ୱରୀଙ୍କୁ ବିଜେପି ଲୋକସଭା ଅଧ୍ୟକ୍ଷ କରିବାର ସମ୍ଭାବନା ଯଥେଷ୍ଟ ରହିଛି। ଏପରି ସ୍ଥିତିରେ ଟିଡିପି ମଧ୍ୟ ପୁରନ୍ଦେଶ୍ୱରୀଙ୍କୁ ବିରୋଧ କରିପାରିବ ନାହିଁ। ଭର୍ତ୍ତୃହରି ୨୦୨୪ ନିର୍ବାଚନର ଠିକ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ତାଙ୍କୁ ଦଳ ଟିକେଟ ଦେଇଥିଲା ଓ ସେ କଟକରୁ ବିଜୟୀ ହୋଇଛନ୍ତି। ଲୋକସଭାରେ ତାଙ୍କର ଅଭିଜ୍ଞତା ମଧ୍ୟ ରହିଛି। ପୁରନ୍ଦେଶ୍ୱରୀ ହେଉଛନ୍ତି ଆନ୍ଧ୍ର ବିଜେପି ମୁଖ୍ୟ। ଏହି ଦୁଇ ରାଜ୍ୟରେ ବିଜେପି ଦମଦାର ପ୍ରଦର୍ଶନ କରିଛି। ଦଳ ପ୍ରଥମଥର ପାଇଁ ଓଡ଼ିଶାରେ ସରକାର ଗଠନ କରିବାକୁ ସକ୍ଷମ ହୋଇଛି। ସୂତ୍ର ଅନୁସାରେ, ଆସନ୍ତା ୨୬ ତାରିଖରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାରେ ବାଚସ୍ପତିଙ୍କ ନାଁ ଉପସ୍ଥାପନ କରିବେ। ଏହି ସଂକଳ୍ପ ଗୃହୀତ ହେବା ପରେ ସେ ନିଜର ମନ୍ତ୍ରିପରିଷଦକୁ ଗୃହରେ ପରିଚୟ କରାଇବେ। ନିୟମ ଅନୁସାରେ, ବାଚସ୍ପତି ଭୋଟ ମାଧ୍ୟମରେ ନିର୍ବାଚିତ ହେବ। କିନ୍ତୁ ଦେଶରେ କେବେ ବି ଏପରି ସ୍ଥିତି ସୃଷ୍ଟି ହୋଇନାହିଁ। ଯଦି ବିରୋଧୀମାନେ ବାଚସ୍ପତି ପଦ ପାଇଁ ପ୍ରାର୍ଥୀ ଦିଅନ୍ତି, ତା'ହେଲେ ଭୋଟିଂ ହେବ। ଏଥର ବିରୋଧୀ ମେଣ୍ଟ ସରକାରଙ୍କ ଠାରୁ ଉପ ବାଚସ୍ପତି ପଦ ମାଗୁଛନ୍ତି। ଯଦି ସରକାର ସେମାନଙ୍କ ଦାବିକୁ ଗ୍ରହଣ କରିବେ ନାହିଁ, ତା'ହେଲେ ବିରୋଧୀ ପ୍ରାର୍ଥୀ ଦେବେ। ପାରମ୍ପରିକ ଭାବେ ଉପ ବାଚସ୍ପତି ପଦ ବିରୋଧୀଙ୍କ ପାଖରେ ରହିଥାଏ। ଅନ୍ୟପକ୍ଷରେ ସ୍ଥାୟୀ ବାଚସ୍ପତି ନିଯୁକ୍ତ ହେବା ଯାଏ କଂଗ୍ରେସର କେ ସୁରେଶ ଏହି ପଦରେ ରହିବେ। ଜୁନ ୨୪ରୁ ଆରମ୍ଭ ହେବାକୁ ଥିବା ସଂସଦ ଅଧିବେଶନର ଅଧ୍ୟତା ସୁରେଶ କରିବେ। ସେ ସମସ୍ତ ନବ ନିର୍ବାଚିତ ସାଂସଦମାନଙ୍କୁ ଶପଥ ପାଠ ମଧ୍ୟ କରିବେ। ୬୮ ବର୍ଷୀୟ ସୁରେଶ କେରଳ ମାଭେଲିକାରା ଆସନରୁ ଜିତିଛନ୍ତି। ସେ ସର୍ବାଧିକ ଥର ଏଠାରୁ ଜିତିଥିବାରୁ ବରିଷ୍ଠତା ଭିତ୍ତିରେ ସେ ପ୍ରୋଟେମ ସ୍ପିକର ହେବାକୁ ଯାଉଛନ୍ତି।

## ଡିଏସ୍ କୁଟେ ଓ ଆଶୀଷ ସିଂଙ୍କୁ ....

ଓ ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ସହ ଅସାଧୁ ମେଂଟର ଫାଇଦା ଉଠାଇ ନିଜର କ୍ଷମତାର ଦୁରୂପଯୋଗ କରି ଉଭୟ ପ୍ରଶାସନିକ ଓ ରାଜନୀତିକ ନିଷ୍ପତ୍ତି ନେଉଥିବା ଶ୍ରୀ କୁଟେଙ୍କୁ ଚାର୍ଜସିଟ୍ ଜାରି କରିବାରେ ପୁଲିସ ଡିଜି ସାହାସ ଜୁଟାଇ ପାରିନଥିବା ଜଣାପଡ଼ିଛି । ଶ୍ରୀ କୁଟେଙ୍କ ବିଜେଡି ସହ ରାଜନୀତିକ ସମ୍ପୃକ୍ତିର ପ୍ରମାଣ ମିଳିବା ମେ' ୨୮ତାରିଖରେ ଭାରତର ନିର୍ବାଚନ କମିଶନତାଙ୍କୁ ଚାକିରିରୁ ନିଲମ୍ବନ କରିବା ସହ ନୂଆଦିଲ୍ଲୀ ଡକାଇ ନେଇଥିଲେ । ଏହାସହିତ ଶ୍ରୀ କୁଟେଙ୍କ ବିରୁଦ୍ଧରେ ଡ୍ରାଫ୍ଟ ଚାର୍ଜସିଟ୍ ପ୍ରସ୍ତୁତ କରି ଓଡ଼ିଶାର ମୁଖ୍ୟ ସଚିବଙ୍କୁ ଦେବା ପାଇଁ ମଧ୍ୟ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏପରିକି ମେ' ୩୦ତାରିଖ ଅପରାହ୍ନ ୫ଟା ପୂର୍ବରୁ ଶ୍ରୀ କୁଟେଙ୍କୁ ଚାକିରି ସେବା ସର୍ତ୍ତାବଳୀ ଅନୁସାରେ ଉପଯୁକ୍ତ କର୍ତ୍ତୃପକ୍ଷ(ପୁଲିସ ଡିଜି)ଙ୍କ ମାଧ୍ୟମରେ ନିଶ୍ଚିତ ଚାର୍ଜ ସିଟ୍ ଜାରି କରିବାକୁ ମୁଖ୍ୟ ସଚିବଙ୍କୁ କୁହାଯାଇଥିଲା । ତେବେ ଜୁନ୍ ୬ରେ ଓଡ଼ିଶା ସମେତ ସମଗ୍ର ଦେଶରେ ନିର୍ବାଚନ ପ୍ରକ୍ରିୟା ଶେଷ ସହ ଆଦର୍ଶ ଆଚରଣ ବିଧି ମଧ୍ୟ ଉଠାଇ ନେଇଥିଲା। ଏହାସହିତ ଶ୍ରୀ କୁଟେଙ୍କ ନିଲମ୍ବନକୁ ମଧ୍ୟ ନିର୍ବାଚନ କମିଶନ ପ୍ରତ୍ୟାହାର କରିନେଇ ମୁଖ୍ୟ ସଚିବଙ୍କ ନିକଟରେ ପରବର୍ତ୍ତୀ ପୋଷ୍ଟିଂ ପାଇଁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଓ କୁଟେଙ୍କ ବିରୁଦ୍ଧରେ ଯଦି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥାଏ,ତା'ହେଲେ ତାହା କେବଳ ନିର୍ବାଚନ କମିଶନଙ୍କ ଅନୁମୋଦନରେ ହିଁ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ । ତେବେ ଗୃହ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଶ୍ରୀ କୁଟେଙ୍କୁ ଏପର୍ଯ୍ୟନ୍ତ ଚାର୍ଜ ସିଟ୍ ନୋଟିସ୍ ଜାରି ହୋଇନାହିଁ। ଶ୍ରୀ କୁଟେ ଇ-ମେଲଟିଏ ପଠାଇ ଦେଇ ଛୁଟିରେ ରହିଛନ୍ତି । ପ୍ରାବଧାନ ଅନୁସାରେ ଅତିରିକ୍ତ ଡିଜି ପାହ୍ୟାର ଅଫିସର ଶ୍ରୀ କୁଟେଙ୍କୁ ଚାର୍ଜସିଟ୍ ଦେବା ପାଇଁ ଏକ କମିଟି ଗଠନର ଆବଶ୍ୟକତା ରହିଛି । ଯେଉଁ କମିଟିରେ ମୁଖ୍ୟ ସଚିବ କିମ୍ବା ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାର ଜଣେ ଅଧିକାରୀଙ୍କ ସମେତ ଗୃହ ବିଭାଗର ଜଣେ ଅଧିକାରୀ ଓ ପୁଲିସ ଡିଜି ରହିବେ । ନିର୍ବାଚନ କମିଶନଙ୍କ ଦ୍ୱାରା ଡ୍ରାଫ୍ଟ ଚାର୍ଜସିଟକୁ ଆଧାର କରି ମଧ୍ୟ ସିଧାସଳଖ ତାଙ୍କୁ ଚାର୍ଜସିଟ୍ ବି ଜାରି କରାଯାଇପାରିବ । ଚାର୍ଜସିଟରେ ଏକ ମେମୋରେଣ୍ଡମ୍ ରହିବ ଯେଉଁଥିରେ 'ଲୋକପ୍ରତିନିଧି ଆଇନ-୧୯୫୦ର ଧାରା ୧୩ଗଗ' ଓ 'ଲୋକପ୍ରତିନିଧି ଆଇନ-୧୯୫୧ର ଧାରା ୨୮କ'ରେ ଥିବା ଅଭିଯୋଗକୁ ଉଲ୍ଲେଖ କରାଯିବ । ଆଉ ତାଙ୍କୁ ନିଜର ପକ୍ଷ ରଖିବାକୁ ଏକ ନିର୍ଦ୍ଦିଷ୍ଟ ଅବଧି ଦିଆଯିବ । କିନ୍ତୁ ଶ୍ରୀ କୁଟେଙ୍କ କ୍ଷେତ୍ରରେ ଏସବୁ କିଛି ହୋଇନି । ସେ ଇ-ମେଲ୍ ପଠାଇ ଦେଇ ଛୁଟିରେ ରହିଛନ୍ତି । ଆଉ ନିଜ ଭୁବନେଶ୍ୱରସ୍ଥିତ ବାସଭବନରେ ବିନ୍ଦାସରେ ରହିଥିବା ଜଣାପଡ଼ିଛି । ରାଜ୍ୟରେ ବିଜେପି ସରକାର ଆସିବା ପରେ ମଧ୍ୟ ଶ୍ରୀ କୁଟେଙ୍କୁ ଏଭଳି ପ୍ରଶାସନିକ ସଂରକ୍ଷଣ ପୁଲିସ୍ ଡିଜି ଓ ମୁଖ୍ୟ ସଚିବ କାହିଁକି ଦେଉଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ଜିଲ୍ଲାପାଳଙ୍କ ଉପରେ ...

ଗୁଡ଼ିକର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛୁଟି ଘୋଷଣା କରିପାରିବେ ଜିଲ୍ଲାପାଳ । ଅନୁକୂଳ ପାଗ ଥିବା ଜିଲ୍ଲା ଗୁଡ଼ିକରେ ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ । ସେହିପରି ବାଲେଶ୍ୱର ଜିଲ୍ଲାପାଳ ଆସନ୍ତାକାଲି ଯାଏ ସ୍କୁଲ୍ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରଠୁ ସକାଳ ୬ଟା ୩୦ରୁ ୧୦ଟା ୩୦ ଯାଏ ସ୍କୁଲ ଖୋଲିବ । ତେବେ କେନ୍ଦୁଝର ଓ ଦେବଗଡରେ ଆସନ୍ତାକାଲିଠୁ ସକାଳୁ ସ୍କୁଲ୍ ହେବ ବୋଲି ନିଷ୍ପତି ନେଇଛନ୍ତି ଜିଲ୍ଲାପାଳ । ଝାରସୁଗୁଡା ଜିଲ୍ଲାରେ ଆସନ୍ତାକାଲି ସ୍କୁଲ ଛୁଟି ରହିବ । ୧୯, ୨୦ ଦୁଇ ଦିନ ସକାଳୁଆ ସ୍କୁଲ ହେବ । ସେହିପରି ଯାଜପୁର ଜିଲ୍ଲାରେ ଆସନ୍ତା ୪ ଦିନ ସକାଳୁଆ ସ୍କୁଲ ହେବ ବୋଲି ଜିଲ୍ଲାପାଳ ନିଖୀଲ ପବନ କଲ୍ୟାଣ ନିଷ୍ପତି ନେଇଛନ୍ତି । ଏବେ ଆସନ୍ତୁ ନଜର ପକାଇବା ରାଜ୍ୟର କେଉଁ ଜିଲ୍ଲାରେ ସ୍କୁଲ ଖୋଲା ରହିବ ଓ ବନ୍ଦ ରହିବ ।

## ଆଜି ପରି ଆଗାମୀ...

ବୁଲେଟିନ୍ ଅନୁସାରେ ମଙ୍ଗଳବାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ,ଅନୁଗୋଳ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ,କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ବର୍ଷା ଘଡ଼ଘଡ଼ି ସହ ବଜ୍ରପାତ ହେବ। ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ କେତେକ ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ବର୍ଷା ଘଡ଼ଘଡ଼ି ସହ ବଜ୍ରପାତ ହେବ। ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ଗୁରୁବାର ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶୁକ୍ରବାର ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଟ୍ରାକ୍ଟରକୁ ଧକ୍କା ଦେଲା...

କୁହାଯାଉଛି। ଏହା ପରେ ପରେ ଉକ୍ତ ରାସ୍ତା ଦେଇ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ ସେମାନଙ୍କ କାରକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୪ ବନ୍ଧୁଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଟ୍ରାକ୍ଟରରେ ଯେଉଁ ଦୁଇ ଜଣ ବ୍ୟକ୍ତି ଯାଉଥିଲେ, ସେମାନେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ଭଲ ନଥିବା ଜଣାପଡ଼ିଛି। ଟ୍ରାକ୍ଟରର ଡାଲାର ଦୁଇ ପଛ ଚକ ବାହାରି ଯାଇଥିବା ବେଳେ କାରଟି ଚୁରମାର ହୋଇଯାଇଛି। ଖବର ପାଇ ଖଡ଼ିଆଳ ପୁଲିସ ସହିତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ଚାରି ଯୁବକଙ୍କ ମୃତଦେହକୁ ଜବତ କରିଥିଲା। ପୁଲିସ ଘଟଣାର ତଦନ୍ତ କରୁଛି।

## କର୍ମଚାରୀଙ୍କୁ କେନ୍ଦ୍ରର ଚେତାବନୀ....

ସଠିକ କାର୍ଯ୍ୟକାରିତା ମାମଲାର ସମୀକ୍ଷା କରାଯାଇଛି। ଇଉଇଇଝର କାର୍ଯ୍ୟାନ୍ୱୟନରେ ଢିଲା ପଣ ଆପଣା ଯାଇଥିବା ଜଣାପଡ଼ିଛି। ଏହାକୁ ଗୁରୁତର ସହ ଗ୍ରହଣ କରି ମନ୍ତ୍ରଣାଳୟ କହିଛି ଯେ ସମସ୍ତ ବିଭାଗ ନିୟମିତ ଭାବରେ ଉପସ୍ଥାନ ରିପୋର୍ଟ ଉପରେ ନଜର ରଖିବେ। ମନ୍ତ୍ରଣାଳୟ କହିଛି ଯେ ଅଭ୍ୟାସଗତ ଭାବେ ବିଳମ୍ବରେ ଆସୁଥିବା ଓ ଶୀଘ୍ର ଅଫିସ ଛାଡୁଥିବା ଘଟଣାକୁ ଗୁରୁତର ସହ ନିଆଯିବା ଉଚିତ। ଏଭଳି କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ବିଳମ୍ବରେ ଆସୁଥିବା କର୍ମଚାରୀଙ୍କ ସିଏଲରୁ ଅଧା ଦିନ ଛୁଟି କଟାଯିବ। ଯଦି କାହାର ସିଏଲ ନଥିବ, ତା'ହେଲେ ସେମାନଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ମାସକ ମଧ୍ୟରେ ଥରେ କିମ୍ବା ଦୁଇ ଥର ବିଳମ୍ବ ହେଲେ ଉପଯୁକ୍ତ କାରଣ ଦର୍ଶାଉଥିବା କର୍ମଚାରୀଙ୍କ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ହେବନି ବୋଲି ମନ୍ତ୍ରଣାଳୟ କହିଛି। ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ଯେ କର୍ମଚାରୀଙ୍କ ଉପସ୍ଥିତି ଇଉଇଇଝରେ ହିଁ ରେକର୍ଡ କରାଯିବ। କେଉଁ କାରଣରୁ କର୍ମଚାରୀମାନେ କ୍ରମାଗତ ଭାବରେ ଅଫିସରେ ପହଞ୍ଚିବାରେ ବିଳମ୍ବ କରୁଛନ୍ତି, ତାହା ଜଣାପଡ଼ିବ। ସମସ୍ତ ବିଭାଗ ସେମାନଙ୍କ କର୍ମଚାରୀମାନଙ୍କୁ ଅଫିସ୍ ସମୟର ନିର୍ଦ୍ଦେଶାବଳୀ ଅନୁସରଣ କରିବା ଦରକାର ବୋଲି ମନ୍ତ୍ରଣାଳୟ କହିଛି।

## ଏନ୍‌କାଉଣ୍ଟରରେ ଟଳିଲା...

ସର୍ଚ୍ଚ ଅପରେସନରେ ସାମିଲ ଡ୍ରୋନ କ୍ୟାମେରା ଦ୍ୱାରା ଆତଙ୍କବାଦୀର ମୃତଦେହ ଚିହ୍ନଟ ହୋଇଛି। ଆତଙ୍କୀର ମୃତଦେହ ନିକଟରେ ଅତ୍ୟାଧୁନିକ ଏମ-୪ ରାଇଫଲ ଠାବ କରାଯାଇଛି। ସେହିପରି ଦ୍ୱିତୀୟ ଆତଙ୍କବାଦୀକୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଗତ କିଛି ଦିନ ମଧ୍ୟରେ ୪ଟି ଆତଙ୍କୀ ଆକ୍ରମଣ ଘଟଣା ପରେ ସେନା ପକ୍ଷରୁ ଜମ୍ମୁ-କଶ୍ମୀର ସୀମବର୍ତ୍ତୀ ଅଞ୍ଚଳର ବିଭିନ୍ନ ଠିକଣାରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଆଜି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜନରଲ ଅନିଲ ଚୌହାନ ଜମ୍ମୁ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ। ସେ ନଗରୌଟା ସ୍ଥିତ ହ୍ୱାଇଟ୍ ନାଇଟ୍ କର୍ପସ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକର ଅଧ୍ୟକ୍ଷ ମଧ୍ୟ କରିପାରନ୍ତି। ସେପଟେ ଜୁନ ୨୯ ତାରିଖରୁ ଅମରନାଥ ଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ରବିବାର ସୁରକ୍ଷା ସ୍ଥିତି ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିଲା ଉଚ୍ଚସ୍ତରୀୟ ବୈଠକ । ବୈଠକରେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ସ୍ଥଳସେନା ମୁଖ୍ୟ ମନୋଜ ପାଣ୍ଡେ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଓ ଗୁଇନ୍ଦା ବିଭାଗର ଅଧିକାରୀ, ସିଆରପିଏଫ ଡିଜି ପ୍ରମୁଖ ଯୋଗ ଦେଇଥିଲେ।

# ସ୍କୁଲ ଫେର ଅଭିଯାନ ଉଦ୍‌ଘାଟିତ

ଉଦଳା , ୧୭/୬ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ତରଫରୁ ଆଜି ଜୁନ ୧୭ ତାରିଖ ସୋମବାର ଦିନ ଖୁଂଟା ବ୍ଲକର ବୃନ୍ଦାବନଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଆଠପଡ଼ା ଗ୍ରାମ ଠାରେ ସ୍କୁଲ ଫେର ଅଭିଯାନର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ଶୋଭାଯାତ୍ରାର ପର୍ବ ଅନୁଷ୍ଠିତ ହୋଇଥିଲା । ମଂଚର ଟିମ ଲିଡ଼ର ଗଦାଧର ଦାଶ ଏହି ଅଭିଯାନର ନେତୃତ୍ୱ ନେବା ସହ ପ୍ରଥମରୁ ଚଉଦ ବର୍ଷ ବୟସ ମଧ୍ୟରେ ସମସ୍ତ ପିଲା କିପରି ବିଦ୍ୟାଳୟକୁ ଯିବେ, ଗୋଟିଏ ହେଲେ ପିଲା ଯେପରି ବିଦ୍ୟାଳୟ ବାହାରେ ନରହିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉକ୍ତ ଅଭିଯାନର ମୁଖ୍ୟ ଉଦେଶ୍ୟ ବୋଲି ବ୍ୟକ୍ତ କରିଥିଲେ । ସ୍ଥାନୀ ୟସରପଂଚ ମଲିକାପୁର ମୁର୍ମୁ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅଭିଯାନକୁ ଉଦ୍‌ଘାଟନ କରିବା ସହ ଜନଜାଗୃତି ମଂଚର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମଂଚର ସଦସ୍ୟ ଗୌତମ ମହାପାତ୍ର, ଆରତି ଖଣ୍ଡାପାତ୍ର, ହରିପ୍ରିୟା ଦାସ, ରୁପାଏ ବାସ୍କେ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମୟୂରଭଂଜ ଜିଲାରେ ସ୍କୁଲ ଫେର ଅଭିଯାନ କିପରି ଚାଲିଛି ଓ ଅତିତରେ ପାଠ ପଢ଼ା ଛାଡ଼ିଥିବା ଶତାଧିକ ପିଲାଙ୍କୁ କିପରି ପୁଣିଥରେ ବିଦ୍ୟାଳୟକୁ ନିଆଯାଇପାରିଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ ପିଲାଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ପ୍ରାରମ୍ଭରେ ନିରୁପମା




ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାମଚନ୍ଦ୍ର ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏକାଦଶାହ ଉପଲକ୍ଷେ



**୰ ବିଦ୍ୟୁତଲତା ସାହୁ**
ଆବିର୍ଭାବ: ୧୧/୧୧/୧୯୪୪
ତିରୋଧାନ: ୦୮/୦୬/୨୦୨୪
କଲ୍ୟାଣୀନଗର, କଟକ-୧୩

ଚାହୁଁ ଚାହୁଁ ଏଗାର ଦିନ ବିତିଗଲାଣି ତୁମ ବିନା । ତମେ ଚାଲିଗଲ ଅଫେରା ରାଜ୍ୟକୁ ସବୁ ସମ୍ପର୍କକୁ ପଛ କରି । ତୁମେ ଥିଲ ଆମ ଆଦର୍ଶ, ତୁମେ ଥିଲ ଆମ ପ୍ରେରଣା । ତୁମ ଅଫୁରନ୍ତ ସ୍ନେହ, ପ୍ରେମ, ମମତାରେ ତୁମେ ଆମକୁ ବାନ୍ଧି ରଖିଥିଲ ଶେଷ ଯାଏ । ଆଜି ତୁମ ଅବର୍ତ୍ତମାନରେ ଆମେ ସବୁ ଦିଶା ଶୂନ୍ୟ । ତମେ ସେଇ ଦିବ୍ୟାଲୋକରେ ଥାଇ ଆମକୁ ଆଶୀର୍ବାଦ କର । ତୁମ ଆଦର୍ଶରେ ଆମକୁ ଅନୁପ୍ରାଣିତ କର । ତୁମ ଆତ୍ମା ମୋକ୍ଷ ଲାଭ କରୁ, ତୁମେ ଦିବ୍ୟତ୍ୱ ପ୍ରାପ୍ତ କର ।

ହତଭାଗ୍ୟ : ଲକ୍ଷ୍ମୀଧର, ଶୈଳବାଳା, ବାସନ୍ତୀ (ଦିଅର ଓ ଯା')
ଶ୍ରୁତି, ପ୍ରୀତମ୍ , ଦେବଦତ୍ତ, ସୌମ୍ୟରଞ୍ଜନ, ସ୍ନେହା, ସ୍ମୃତିରଞ୍ଜନ, କିଶନ,
ଅନିନ୍ଦ୍ୟ, ଆଦିତ୍ୟ, ରୀତିକା, ଶ୍ରୀୟଂଶ (ନାତି ଓ ନାତୁଣୀ)
ଚିକୁ ଓ ଶୀତୁ (ଅଣନାତୁଣୀ)
ଓ ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ

# ସୁନ୍ଦରପୁର ବ୍ଲକସ୍ତରୀୟ ରଜମହୋତ୍ସବ ଉଦ୍‌ଯାପିତ

## ସଭା ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସରିଲା ୪ଦିନର ଉତ୍ସବ



ଖଇରା, ୧୭/୬ (ନି.ପ୍ର): ଖଇରା ବ୍ଲକ ଅଧୀନ ସୁନ୍ଦରପୁର ଠାରେ ୪ଦିନ ଧରି ଚାଲିଥିବା ଚାଲିଥିବା ବ୍ଲକ ସ୍ତରୀୟ ରଜମହୋତ୍ସବ ଓ ରଜରାଣୀ ପ୍ରତିଯୋଗିତା ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ମହୋତ୍ସବ କମିଟିର ସଭାପତି ସୁରେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତି ଅତିବ ମହାନ । ଏହା ସୁରକ୍ଷା ପ୍ରତ୍ୟେକ ହିନ୍ଦୁର ଦାୟିତ୍ୱ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ପଦ୍ମଲୋଚନ ପଣ୍ଡା,ପ୍ରାକ୍ତନ ଜିଲା ନିରିକ୍ଷକ ଅଧିକାରୀ ଦିବାକର ବାରିକ, କମିଟିର କର୍ମକର୍ତ୍ତା ନନ୍ଦ କିଶୋର ସାହୁ, ସୁରେନ୍ଦ୍ର ସାହୁ, ସୌଭାଗ୍ୟ ସାହୁ,ବାଣିଜ୍ୟ ପରାମର୍ଶଦାତା ଆଶୁତୋଷ ବେହେରା, ସରପଞ୍ଚ ମମତା ବେହେରା, ଅଭିମନ୍ୟୁ ନାୟକ, ସମ୍ମାନୀତ ଅତିଥି ଭାବେ ବାଲ୍ମିକୀ ନାୟକ, କରୁଣାକର ପାଣି, ପିତବାସ ମୁଖୀ,ବାବାଜୀ ଚରଣ ପଣ୍ଡା ଯୋଗ ଦେଇଥିଲେ । ବିଭିନ୍ନ ବର୍ଗରେ ରଜ କୁଇନ ଭାବେ ସବଜୁନିୟରରେ ସାଇ ଦିବ୍ୟାଂଶୀ ନାୟକ, ଜୁନିୟରରେ ପ୍ରତିମା ହାତୀ,ସିନିୟରରେ ଭାଗ୍ୟଲକ୍ଷ୍ମୀ ଜେନା ଙ୍କୁ ରଜକୁଇନ ଭାବେ ଘୋଷଣା କରାଯିବା ସହ ମୁକୁଟ ପ୍ରଦାନ କରାଯାଇଥିଲା । ସେହିଭଳି ରନର୍ସ ଅପ ଭାବେ ଦିବ୍ୟାଂଶୀ ମଲ୍ଲିକ, ଶୁଭସ୍ମିତା ପାତ୍ର, ବିଷ୍ଣୁପ୍ରିୟା ପ୍ରଧାନ,ଶୁଭଦର୍ଶିନୀ ମହାପାତ୍ର, ଆଦ୍ୟାଶକ୍ତି କବି,କରିସ୍ମା ପ୍ରିୟଦର୍ଶନୀ ବେହେରା,ହରରଶ୍ମି କବି,ସାଇଲିପ୍ସା ବେଜ,ସଙ୍ଗୀତା ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଖଇରା ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିର୍ମୟୀ ନାୟକ ଶିତଲ କବିଙ୍କ ଦ୍ୱରା ମନମତାଣିଆ ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ନବ ନିର୍ବାଚିତ ମନ୍ତ୍ରୀଙ୍କୁ ଭେଟି ଅଭିନନ୍ଦନ ଜଣାଇଲେ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି



ବାରିପଦା , ୧୭/୬ (ନି.ପ୍ର): ନବ ନିର୍ବାଚିତ ମୋରଡା ବିଧାୟକ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପାଇବା ପରେ ସମଗ୍ର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ଓ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇବା ପାଇଁ ପ୍ରବଳ ଭିଡ଼ ଲାଗିଥିବା ବେଳେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତିର ସଦସ୍ୟ ଗଣ ୱାଲିଗଞ୍ଜ ସ୍ଥିତ ବାସଭବନରେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ ଓ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଭାବେ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ ଓ ଏହି ସୌଜନ୍ୟମୂଳକ ସାକ୍ଷାତରେ ସମିତିର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଆବାହକ ବିମଳ କୁମାର ଆଚାର୍ଯ୍ୟ, ସଂଯୋଜକ ହରେକୃଷ୍ଣ ବାରିକ, ଗଣମାଧ୍ୟମ ସଂଯୋଜକ ଗଦାଧର ନାୟକ, ବରିଷ୍ଠ ସଦସ୍ୟ ସୋମନାଥ ସିଂହ, ଗୋପାଳ ଲେଙ୍କା, ସିଦ୍ଧେଶ୍ୱର ମିଶ୍ର, ପ୍ରଦୀପ କୁମାର ନାଥ, ଶିବ ଶଙ୍କର ମହାନ୍ତ, ସପନ ବେହେରା, ସୌମ୍ୟ ଦାଶ ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅସୀମ କୁମାର ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ ।

# ବିଧାନସଭା ଅଧିବେଶନ ପାଇଁ ହେବ କଡା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୧୭/୬ (ନି.ପ୍ର): ମଙ୍ଗଳବାର ଠାରୁ ହେବାକୁ ଯାଉଥିବା ତିନିଦିନିଆ ଓଡିଶାବିଧାନସଭାର ଅଧିବେଶନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା କରାଯିବ । ଆଜି ବିଧାନସଭା ଅଧିବେଶନ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡଙ୍ଗୀ ସୁରକ୍ଷା ବ୍ୟବସ୍ଥା ଜାଂଚ ପରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ଅଧିବେଶନ ପାଇଁ ମୋଟ '୭୫ ପୋଲିସ ଅଧିକାରୀଙ୍କ ସହ ୮ ପ୍ଲାଟୁନ୍ ମୁତୟନ ରହିବେ । ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ଯେ କେବଳ ପାସଧାରୀ ପ୍ରବେଶ କରିବେ । ଉଲ୍ଲେଖନୀୟ ଯେ ଓଡିଶା ବିଧାନସଭା ପାଇଁ ନବ ନିର୍ବାଚିତ ବିଧାୟକ ମାନେ ୧୮ ଓ ୧୯ରେ ଶପଥ ପାଠ କରିବେ । ଆଗାମୀ ୨୦ରେ ବାଚସ୍ପତି ନିର୍ବାଚନ ହେବ ।

# ଆଜି ପ୍ରତି ରଥର ଚାରି ନାହାକା ଉଠିଲା

ପୁରୀ, ୧୭/୬ (ନି.ପ୍ର): ଜୁନ ୨୨ ଶନିବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା । ୧୦୮ ଅଭିମନ୍ତ୍ରିତ ଅଧିବାସ ଜଳରେ ତିନି ଠାକୁର ସ୍ନାନବେଦୀରେ ସ୍ନାନ କରିବେ । ଏହି ଅଲୌକିକ ଅପୂର୍ବ ସ୍ନାନ ପର୍ବ ଦର୍ଶନ ପାଇଁ ଭକ୍ତ ଚାହିଁ ରହିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ମରିଚକୋଟ ଠାରୁ ବ୍ୟାରିକେଡ ନିର୍ମାଣ ଆରମ୍ଭ କରାଯାଇଛି । ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ସ୍ନାନ ପୂର୍ଣ୍ଣିମାରେ ଚାରି ନାହାକା ଉଠିବା ବିଧି ରହିଥିବା ବେଳ ୫ ଦିନ ପୂର୍ବରୁ ଚାରି ନାହାକା ଉଠିଛି । ଚାରି ନାହାକା ଉଠିବା ପରେ ଭୋଇ ସେବକ ମାନେ ହରିବୋଲ ପକାଇଥିଲେ । ଚକ ଅଖ ସଂଯୋଗ ପରେ ଅଖ ଉପରେ ଦଣ୍ଡା ଉଠିଥିଲା । ଦଣ୍ଡା ପରେ ଗରଗରା ପଡିଛି । ଗରଗରା ଉପରେ ଚାରି ନାହାକ ଉଠିଛି । ଗରଗରା ସେଟିଂ ପରେ କଂଟା ବାଡିଆ ଯାଇଛି । ରୂପକାର ସେବକ ମାନେ ସିଂହାସନ ମୁହାଁଟରେ ଖୋଦେଇ କାର୍ଯ୍ୟ କରୁଛନ୍ତି । ଦୋଳବେଦି ଅସ୍ଥାୟୀ କମାର ଶାଳରେ ଗୟଳ କଂଟା, ଯୋଖା କଂଟା ନିର୍ମାଣ ଚାଲିଛି ।

# ପାରୁଳିଆ ଛକରୁ ଜବର ଦଖଲ ଉଚ୍ଛେଦ ହେଉନି : ରାସ୍ତା ଜାମ ଯୋଗୁଁ ଯାନ ବାହନ ଚଳାଚଳରେ ବ୍ୟାଘାତ




ଲଙ୍ଗଳେଶ୍ୱର , ୧୭/୬ (ନି.ପ୍ର): ଜିଲ୍ଲା ଓ ତହସିଲ ପ୍ରଶାସନ ର ଅବହେଳାରୁ ବାଲିଆପାଳ ବଜାରର ପାରୁଳିଆ ଛକରୁ ଜବର ଦଖଲ ଉଚ୍ଛେଦ ହେଉ ନାହିଁ । ଫଳରେ ଅଧିକାଂଶ ସମୟରେ ରାସ୍ତା ଜାମ ଯୋଗୁଁ ଯାନ ବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି । ବଣିକ ସଂଘ ଏନେଇ ପ୍ରଶାସନକୁ ବାରଂବାର ଜଣାଇ ଏବେ ନିରାଶ ହୋଇ ବସିଛନ୍ତି ।ଏହି ଛକର ଉତ୍ତରକୁ ଅଧା କିଲୋମିଟର କମ୍ ଦୂରରେ ନୂଆ ବସ୍ ଷ୍ଟାଣ୍ଡ ରହିଛି । ଆନ୍ତଃ ରାଜ୍ୟ ସଂଯୋଗ ସଡ଼କ ମଧ୍ୟ ଯାଇଛି । ପ୍ରତିଦିନ ଭୋଗରାଇ, ଦେଉଳା ହାଟ, ଶୈବ ପୀଠ ଚନ୍ଦନେଶ୍ୱର, ପଡୋଶୀ ପଶ୍ଚିମ ବଙ୍ଗରୁ ଯାତ୍ରୀ ବାହୀ ବସ୍, ଟ୍ରକ୍ , ପିକ ଅପ୍ ଭ୍ୟାନ, ଟ୍ରେକ୍ର, ଟ୍ରାକ୍ଟର ଆଦି ଏହି ଛକ ପାରି ରାଜ୍ୟ ଓ ରାଜ୍ୟ ବାହାରର ବଡ ବଡ ସହରକୁ ଯିବା ଆସିବା କରିଥାଏ । ରାସ୍ତା କଡ଼ ସରକାରୀ ଜାଗାରେ ଉଠା ଦୋକାନୀ ମାନେ ଗୁମୁଟି, ପକ୍କା କେବିନ୍ ପକାଇ ବ୍ୟବସାୟ କରୁଛନ୍ତି । କେତେକ ସେମାନଙ୍କ ଗୁମୁଟି, ପକ୍କା କେବିନ୍କୁ ଭଡ଼ା ସୂତ୍ରରେ ଲଗାଇ ଛନ୍ତି । କେତେକ ବ୍ୟକ୍ତିଗତ ରେକର୍ଡ ଜାଗା ଆଗରେ ଥିବା ସରକାରୀ ଜାଗାକୁ ମଧ୍ୟ ଜବର ଦଖଲରେ ରଖି ଛନ୍ତି । ଏଠାରେ ଥିବା ସୁବର୍ଣ୍ଣ ରେଖା ସରକାରୀ ହାଇ ସ୍କୁଲ ଆଗରେ ଥିବା ସରକାରୀ ଜାଗାକୁ ମଧ୍ୟ କେତେକ ଜବର ଦଖଲ କରି କେବିନ୍, ଗୁମୁଟି ପକାଇ ଛନ୍ତି ।ଫଳରେ ହାଇ ସ୍କୁଲ ଜାଗା ସଙ୍କୋଚିତ ହେବାରେ ଲାଗିଛି । ହାଇ ସ୍କୁଲ କର୍ତୃପକ୍ଷ ଉଚ୍ଛେଦ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ । ଏହି ବ୍ଲକ୍ ର ସର୍ବ ପୂରାତନ ଏହି ବିଦ୍ୟାଳୟ ପ୍ରତି ରାଜ ନେତା ମାନଙ୍କର କୌଣସି ଦରଦ ନାହିଁ କହିଲେ ଚଳେ । ତେବେ ଏ ବାବଦରେ ତାହସିଲଦାରଙ୍କ ସହ ଯୋଗାଯୋଗ କରିବାରୁ ଲୋକଙ୍କ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି । ଏହାକୁ କେନ୍ଦ୍ର କରି ନିକଟ ଭବିଷ୍ୟତ ରେ କୋର୍ଟ ରେ ଜନ ସ୍ୱାର୍ଥ ମାମଲା ହୋଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି । ଜିଲ୍ଲା ପାଳ ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ତରତରୀ ବାଳିକା ବିଦ୍ୟାନିକେତନଠାରେ ଟେଲିସ୍କୋପ ଲୋକାର୍ପଣ ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଯୋଗଦାନ




ନୀଳଗିରି , ୧୭/୬ (ନି.ପ୍ର): ଖଡ଼ଗପୁର ଆଇ.ଆଇ. ଟି. ରେ ଇଞ୍ଜିନିୟର ଡିଗ୍ରୀ ହାସଲ କରି ନିଜକୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଜିଲ୍ଲାରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ଗ୍ରହ, ନକ୍ଷତ୍ର ମାନଙ୍କର ଗତିବିଧି ସମ୍ପର୍କରେ ଅଧିକ ଜ୍ଞାନ ଅର୍ଜନ କରିବା ପାଇଁ ନୀଳଗିରି ଅଞ୍ଚଳର ଯୁବ ଇଞ୍ଜିନିୟର ସୁଜିତ କୁମାର ମହାନ୍ତିଙ୍କ ଦ୍ୱାରା ନିର୍ମିତ ଏକ ଦୂରବିକ୍ଷଣ ଯନ୍ତ୍ର (ଟେଲିସ୍କୋପ) ଲୋକାର୍ପିତ ହୋଇଯାଇଛି ।ଏହି ଅବସରରେ ବୁଧବାର ସନ୍ଧ୍ୟାରେ ନୀଳଗିରି ବ୍ଲକ ଅନ୍ତର୍ଗତ ବଣସୀମା କିଶୋରଚନ୍ଦ୍ରପୁର ପଞ୍ଚାୟତ ତରତରୀ ଠାରେ ଗଢି ଉଠିଥିବା ସୁନାମଧନ୍ୟ ତରତରୀ ବାଳିକା ବିଦ୍ୟାନିକେତନ ପରିସରରେ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଯୋଗଦେଇ ପ୍ରଥମେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ । ପରେ ଶ୍ରୀ ନାୟକ ତାଙ୍କ ବହୁ ମୂଲ୍ୟ ଅଭିଭାଷଣରେ ଅଧ୍ୟବସାୟ ସହିତ ବୁଦ୍ଧିର ପ୍ରୟୋଗଶାଳା ହିଁ ବିଜ୍ଞାନ ବୋଲି ମତବ୍ୟକ୍ତ କରିଥିଲେ । ନିଷ୍ଠା ଓ ଆନ୍ତରିକତା ସହ ପ୍ରତି କାର୍ଯ୍ୟକୁ ଆବୋରି ନେଲେ ସଫଳତା ଦ୍ୱାର ଦେଶରେ ପଦଧ୍ୱନୀ ଦେବ ଏଥିରେ ତିଳେହେଲେ ଅବକାଶ ନାହିଁ ବୋଲି ମୁଖ୍ୟ ଅତିଥି ଛାତ୍ରୀ , ଅଭିଭାବକ ସମେତ ଉପସ୍ଥିତ ଜନସାଧାରଣ ମାନଙ୍କୁ ସୂଚନା ଦେଇଥିଲେ । ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱରର ବିଶିଷ୍ଟ କଥାକାର ତଥା କବି ପ୍ରଶାନ୍ତ ଦାସ ମଞ୍ଚାସୀନ ରହି ନିଜର ବହୁମୂଲ୍ୟ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା ଆଜିର କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିବା ବେଳେ, ବିଦ୍ୟାଳୟ ର ସହକାରୀ ଶିକ୍ଷକ ମନୋଜ କୁମାର ସି ସଂକ୍ଷେପ ରେ ବିଦ୍ୟାଳୟ ସମ୍ପର୍କରେ ନିଜର ବକ୍ତବ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଞ୍ଚାସୀନ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଇଂ ମନୋଜ ମହାନ୍ତି, ନୀଳଗିରି ଅଞ୍ଚଳର ପରିବେଷବିତ ମନୋଜ କୁମାର ଦାସ, ନୀଳଗିରି ସାମ୍ବାଦିକ ଅଶେଷ କୁମାର ସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ରାମ ବେହେରା, ଚାନ୍ଦିପୁର ପି, ଏକ୍ସ ସି ର କର୍ଣ୍ଣେଲ ଗୁଣକାର ବାରିକ, ବିଶିଷ୍ଟ କବି ପ୍ରଶାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ସହିତ ମୁଖ୍ୟ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଶେଷରେ ହିନ୍ଦି ଶିକ୍ଷକ ଗୌରୀଶଙ୍କର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ୪୧କୁ ବୃଦ୍ଧି

ଭୁବନେଶ୍ୱର, ୧୭/୬ (ନି.ପ୍ର): ରାଜ୍ୟରେ ଚଳିତ ବର୍ଷ ଅଂଶୁଘାତରେ ଏପର୍ଯ୍ୟନ୍ତ ୪୧ ଜଣଙ୍କ ମୃତ୍ୟୁ ଘଟିଛି । ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆରସି) ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଂଶୁଘାତଜନିତ ମୃତ୍ୟୁ ନେଇ ୧୬୧ଟି ଅଭିଯୋଗ ଆସିଥିଲା । ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ଜିଲ୍ଲାପାଳମାନେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରୁ ୪୧ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ଆଉ କିଛି ସ୍ଥାନରୁ ରିପୋର୍ଟ ଆସି ନାହିଁ । ଆହୁରି ତିନି ଚାରି ଦିନ ଖରା ହୋଇପାରେ । ତେଣୁ ଜିଲ୍ଲାପାଳମାନଙ୍କୁ ସତର୍କ ସୂଚନା ଦିଆଯାଇଛି ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୩ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୧୭/୬ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୯ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo